


ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
31 YEARS

# ସମ୍ବାଦ କଳିକା

The Sambad Kalika
TM

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00

● ବର୍ଷ–୩୨ ● ସଂଖ୍ୟା–୩୫୨ ● ୧୯ ଜାନୁଆରୀ ୨୦୨୬, ସୋମବାର ● ଭୁବନେଶ୍ୱର ● Vol -32 ● Issue-352 ● 19th January 2026, Monday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27







# କଂଗ୍ରେସର ନକାରାତ୍ମକ ରାଜନୀତିକୁ ଦେଶ ପ୍ରତ୍ୟାଖ୍ୟାନ କରିଆସୁଛି

**ଆସାମ, ୧୮।୧**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରବିବାର କହିଛନ୍ତି ଯେ, ଦେଶର ଭୋଟରମାନେ ଏବେ ବି ସୁଶାସନ, ବିକାଶ ଏବଂ ଐତିହ୍ୟ ପ୍ରତି ସମାନ ଧ୍ୟାନ ଦେଉଥିବା ସରକାର ଚାହାଁନ୍ତି, ତେଣୁ ସେମାନେ ଭାରତୀୟ ଜନତା ପାର୍ଟି ଉପରେ ବିଶ୍ୱାସ କରୁଛନ୍ତି। ସାମ୍ପ୍ରତିକ ନିର୍ବାଚନ ଫଳାଫଳ ମଧ୍ୟ ଏକ ସ୍ପଷ୍ଟ ବାର୍ତ୍ତା ଦେଉଛି ଯେ, ଦେଶ କଂଗ୍ରେସର ନକାରାତ୍ମକ ରାଜନୀତିକୁ ପ୍ରତ୍ୟାଖ୍ୟାନ କରିଚାଲିଛି। ମୁମ୍ବାଇରେ, ଯେଉଁଠାରେ କଂଗ୍ରେସ ଜନ୍ମ ହୋଇଥିଲା, ଏହା ଏବେ ଚତୁର୍ଥ କିମ୍ବା ପଞ୍ଚମ ସ୍ଥାନକୁ ଖସି ଆସିଛି। ମହାରାଷ୍ଟ୍ରରେ, ଯେଉଁଠାରେ କଂଗ୍ରେସ ବର୍ଷ ବର୍ଷ ଧରି ଶାସନ କରିଥିଲା, ସେଠାରେ କଂଗ୍ରେସ ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି। ବିକାଶ ଏଜେଣ୍ଡା ଅଭାବରୁ କଂଗ୍ରେସ ଦେଶର ବିଶ୍ୱାସ ହରାଇଛି।



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରବିବାର ତାଙ୍କର ଦୁଇ ଦିନିଆ ଆସାମ ଗସ୍ତ ସମୟରେ, ନାଗାଓଁ ଜିଲ୍ଲାର କାଲିୟାବୋରରେ ୬,୯୫୦ କୋଟିରୁ ଅଧିକ ମୂଲ୍ୟର କାଜିରଙ୍ଗା ଏଲିଭେଟେଡ୍ କରିଡର ପ୍ରକଳ୍ପର ଶିଳାନ୍ୟାସ କରିଥିଲେ ଏବଂ ଦୁଇଟି ଅମୃତ ଭାରତ ଏକ୍ସପ୍ରେସ୍ ଟ୍ରେନ୍‌କୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା, କେନ୍ଦ୍ର ଜାହାଜ ଚଳାଚଳ ମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ, କେନ୍ଦ୍ର ବୈଦେଶିକ ରାଷ୍ଟ୍ରମନ୍ତ୍ରୀ ପବିତ୍ର ମାର୍ଗେରିଟା, ଆସାମ ସରକାରଙ୍କ ମନ୍ତ୍ରୀ ଅତୁଲ ବୋରା ଏବଂ କେଶବ ମହାନତାଙ୍କ ସମେତ ଅନ୍ୟମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ କହିଥିଲେ ଯେ, କାଜିରଙ୍ଗା ଗସ୍ତ ତାଙ୍କୁ ତାଙ୍କର ପୂର୍ବ ଗସ୍ତ କଥା ମନେ ପକାଇ ଦେଇଛି। ଦୁଇ ବର୍ଷ ପୂର୍ବେ କାଜିରଙ୍ଗାରେ ବିତାଇଥିବା ମୁହୂର୍ତ୍ତଗୁଡ଼ିକ ତାଙ୍କ ଜୀବନର ସବୁଠାରୁ ବିଶେଷ ଅଭିଜ୍ଞତା ମଧ୍ୟରୁ ଗୋଟିଏ। ସେହି ସମୟ ମଧ୍ୟରେ, ସେ କାଜିରଙ୍ଗା ଜାତୀୟ ଉଦ୍ୟାନରେ ରାତ୍ରୀଯାପନ କରିବାର ସୁଯୋଗ ପାଇଥିଲେ ଏବଂ ପରଦିନ ସକାଳେ ହାତୀ ସଫାରି ସମୟରେ ସେ ଅଞ୍ଚଳର ସୌନ୍ଦର୍ଯ୍ୟକୁ ନିକଟରୁ ଅନୁଭବ କରିଥିଲେ। ଆସାମ ପରିଦର୍ଶନ କରିବା ସମୟରେ ସେ ସର୍ବଦା ଏକ ବିଶେଷ ଆନନ୍ଦ ଅନୁଭବ କରନ୍ତି।

# ବିଶ୍ୱ ପ୍ରସିଦ୍ଧ ସଙ୍ଗମରେ ଆରମ୍ଭ ହେଲା ମୌନୀ ବ୍ରତ ସହିତ ସ୍ନାନ

**ପ୍ରୟାଗରାଜ, ୧୮।୧**

ବିଶ୍ୱପ୍ରସିଦ୍ଧ ପ୍ରୟାଗରାଜ ମାଘ ମେଳାର ତୃତୀୟ ଗୁରୁତ୍ୱପୂର୍ଣ୍ଣ ସ୍ନାନ ପର୍ବ ମୌନୀ ଅମାବାସ୍ୟା ଶୁଭ ମୁହୂର୍ତ୍ତରେ ମୌନ ବ୍ରତ ସହିତ ସ୍ନାନ ଆରମ୍ଭ ହୋଇଯାଇଛି। ସଙ୍ଗମ ତଟରେ ପହଞ୍ଚୁଥିବା ସମସ୍ତ ସାତୋଟି ରାସ୍ତାରେ ଭକ୍ତମାନଙ୍କର ଭିଡ଼ ଜମିଛି। ସୁରକ୍ଷାକୁ ନଜରରେ ରଖି ପୁଲିସ ଓ ପ୍ରଶାସନିକ ଅଧିକାରୀମାନେ (ପୃଷ୍ଠା ୭ରେ)



# ବିଲ୍‌ଡର ସଂସ୍ଥା ମଧ୍ୟରେ ବିବାଦ : ତ୍ରିଶୁଳିଆରେ ଫୁଟିଲା ଗୁଳି

**କଟକ, ୧୮।୧ : ନ୍ୟୁଜ୍ ବ୍ୟୁରୋ**

ଅପରାହ୍ଣର ଶାନ୍ତ ପରିବେଶକୁ ଥରାଇ ଦେଲା ବନ୍ଧୁକର ଗର୍ଜନ। ଚନ୍ଦକା ନିକଟସ୍ଥ ତ୍ରିଶୁଳିଆରେ ଘଟିଯାଇଛି ଏକ ଗୁଳିକାଣ୍ଡ। ଦୁଇ ବିଲଡର ସଂସ୍ଥାଙ୍କ ମଧ୍ୟରେ ଚାଲିଥିବା 'ରାସ୍ତା' ବିବାଦ ଶେଷରେ ରକ୍ତମୁଖା ରୂପ ନେଇଛି। ଘଟଣାଟି ଏତିକିରେ ସରିନାହିଁ, ବରଂ ଏଥିରେ ଓଡ଼ିଶା ଅପରାଧ ଜଗତର ସବୁଠାରୁ ଭୟଙ୍କର ଗ୍ୟାଙ୍ଗ 'ଡି-ବ୍ରଦର୍ସ'ର ସଂପୃକ୍ତି ପୁଣି ଥରେ ପୋଲିସର ନିଦ ହଜାଇ ଦେଇଛି। କହ୍ନେଇପଡ଼ା ମୌଜାରେ ଦୁଇଟି ବିଲଡର ସଂସ୍ଥା ମଧ୍ୟରେ ଏକ ରାସ୍ତାକୁ ନେଇ ଦୀର୍ଘ ଦିନରୁ କଳି ଚାଲିଥିଲା। ରବିବାର ଅପରାହ୍ଣରେ ବିବାଦ ଚରମ ସୀମାରେ ପହଞ୍ଚିଥିଲା। ଅଭିଯୋଗ (ପୃଷ୍ଠା ୭ରେ)

## ଆଜିର ମୁଖ୍ୟ ଖବର

- ଭୁବନେଶ୍ୱରରେ ବାୟୁ ପ୍ରଦୂଷଣ ବଢ଼ୁଛି, ଗଛ ରୋପଣ ଯୋଜନା ତ୍ୱରାନ୍ୱିତ।
- ଗୋ-ଚାଲାଣ ବିରୋଧରେ କଠୋର ପଦକ୍ଷେପ, ପ୍ରଶାସନର ସତର୍କବାଣୀ।
- ଅବୈଧ ଖଣି ମାମଲାରେ କେନ୍ଦ୍ରୀୟ ତଦନ୍ତ।
- ଭୁବନେଶ୍ୱରରେ କୁକୁର କାମୁଡ଼ା ରୋକିବାକୁ ପଦକ୍ଷେପ।
- ପ୍ରତିରକ୍ଷା କ୍ଷେତ୍ରରେ ନୂଆ ପଦକ୍ଷେପ।
- ବିମାନ ସେବା ଉପରେ ନିୟାମକ ଦଣ୍ଡ।
- କୃଷି ଉତ୍ପାଦନରେ ବୃଦ୍ଧି।
- କେନ୍ଦ୍ର ସରକାରଙ୍କ ନୂଆ ନୀତି ଘୋଷଣା।

## ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୪,୩୭୮(+୦)
୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୩,୧୮୦ (+୦)
୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୦,୭୮୪ (+୦)

## ରୁପା ଦର

ରୂପା – ପ୍ରତି ଗ୍ରାମ ୩୧୦ (+୦)

# ଆମେରିକା ବିଜୁଳିରେ ଚାଲୁଥିବା ଏଆଇରୁ ଭାରତ ଉପକୃତ ହେଉଛି

**ନୂଆଦିଲ୍ଲୀ, ୧୮।୧**

ଭାରତ ବିରୋଧୀ ମନ୍ତବ୍ୟ ଦେବାରେ କୌଣସି ଅବହେଳା କରୁନଥିବା ଆମେରିକା ବାଣିଜ୍ୟ ଉପଦେଷ୍ଟା ପିଟର ନାଭାରୋ ପୁଣି ଏକ ପ୍ରସଙ୍ଗରେ ଭାରତକୁ ଟାର୍ଗେଟ୍ କରିଛନ୍ତି। ଦୁଇ ଦେଶ ଭିତରେ ଉତ୍ତେଜନା ଭଳି ସ୍ଥିତି ଥିବା ବେଳେ ଭାରତରେ ଏଆଇ ବ୍ୟବହାରକୁ ଆମେରିକା କାହିଁକି ରିହାତିରେ ଯୋଗାଉଛି ବୋଲି ସେ ପ୍ରଶ୍ନ କରିଛନ୍ତି। ଏଆଇ ଟୁଲ୍ ଆମେରିକା ବିଦ୍ୟୁତ୍ ଶକ୍ତି ଦ୍ୱାରା ପରିଚାଳିତ ହେଉଥିବା ବେଳେ ତାହାର ଲାଭ ଭାରତ, ଚୀନ ଓ ଅନ୍ୟ ଦେଶଗୁଡ଼ିକୁ ମିଳୁଥିବା ସେ କହିଛନ୍ତି।

ବିଦେଶୀ ପକ୍ଷ ଆମେରିକାରେ ଚଢ଼ା ଦାମ୍‌ରେ ଚାଷ ଜମି କ୍ରୟ କରୁଥିବାକୁ ମଧ୍ୟ ନାଭାରୋ ବିରୋଧ କରୁଛନ୍ତି। ଏହାଦ୍ୱାରା ଆମେରିକାରେ ଖାଦ୍ୟ ମୂଲ୍ୟ ଯଥେଷ୍ଟ ବଢ଼ିବା ଆଶଙ୍କା ରହିଥିବା ସେ କହିଛନ୍ତି। ସଂପ୍ରତି ଭାରତ ଓ ଆମେରିକା ସମ୍ପର୍କ କଠିନ ସମୟ ଦେଇ ଗତି କରୁଛି। ଭାରତ ଉପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ୫୦ ପ୍ରତିଶତ ଶୁଳ୍କ ଲଗାଇଛନ୍ତି। ସେଥିରୁ ୨୫ ପ୍ରତିଶତ ପାଲଟା ଶୁଳ୍କ ହୋଇଥିବା ବେଳେ ଅବଶିଷ୍ଟ ୨୫ ପ୍ରତିଶତ ହେଉଛି ରୁଷରୁ ଭାରତ ତେଲ କିଣୁଥିବାରୁ ଜରିମାନା।

ଭାରତ ଉପରେ ଲଗାଯାଇଥିବା ଶୁଳ୍କକୁ ୭୫ ପ୍ରତିଶତ ବୃଦ୍ଧି କରିବାକୁ ଆମେରିକା ଧମକ ଦେଇଛି। ଏହା ବ୍ୟତୀତ ଆମେରିକା ସରକାର ଏଭଳି ଏକ (ପୃଷ୍ଠା ୭ରେ)

# ୨୨ରେ ମିଳିବ ସୁଭଦ୍ରା ଟଙ୍କା

**ଭୁବନେଶ୍ୱର, ୧୮।୧**
**ନ୍ୟୁଜ୍ ବ୍ୟୁରୋ**

ଆସନ୍ତା ୨୨ତାରିଖରେ ମିଳିବ ସୁଭଦ୍ରା ଟଙ୍କା । ଏନେଇ ସୂଚନା ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା । ପୂର୍ବରୁ ଜାନୁଆରୀ ୧୮ରେ ସୁଭଦ୍ରା ଟଙ୍କା ମିଳିବ ବୋଲି କହିଥିଲେ ବିଭାଗୀୟ ମନ୍ତ୍ରୀ । ୧୮ ବଦଳରେ ୨୨ତାରିଖରେ ସୁଭଦ୍ରା ସହାୟତା ଅର୍ଥ ରାଶି ପ୍ରଦାନ କରାଯିବା ନେଇ ଉପମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି । ଏଯାବତ ସୁଭଦ୍ରା ଯୋଜନାରେ ମୋଟ ୪ ଲକ୍ଷ ୫୭ ହଜାର ୬୮୧ଜଣ ମହିଳା ସାମିଲ ହୋଇସାରିଛନ୍ତି । ତାଙ୍କ ଭିତରୁ ନୂଆକରି ୧ ଲକ୍ଷ ୭୮ ହଜାର (ପୃଷ୍ଠା ୭ରେ)

# ରାଜ୍ୟରେ ଗୋ-ଚାଲାଣକାରୀଙ୍କ ସ୍ଥାନ ନାହିଁ : ମନ୍ତ୍ରୀ

**ଭୁବନେଶ୍ୱର, ୧୮।୧ : ନ୍ୟୁଜ୍ ବ୍ୟୁରୋ**

ମୋହନ ମାଝୀଙ୍କ ସରକାରରେ ଗୋ ଚାଲାଣକାରୀଙ୍କୁ ସ୍ଥାନ ନାହିଁ । ଖୋଜି ଖୋଜି ସମସ୍ତଙ୍କୁ ବନ୍ଧା ଯିବ । ଗତ ସରକାର ସମୟରେ ରାଜନେତା ଓ ପ୍ରଶାସନିକ ଅଧିକାରୀଙ୍କୁ ଛତ୍ର ଛାୟା ତଳେ ଗୋ-ମାଫିଆ ମାନେ ସକ୍ରିୟ ଥିଲେ । ମାତ୍ର ଏ ସରକାରରେ ତାହା ଚଳିବ ନାହିଁ । ଏନେଇ ଗୋ-ଚାଲାଣକାରୀଙ୍କୁ ସିଧା ସିଧା ଚେତାବନୀ ଦେଇଛନ୍ତି ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗର ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ । ସେ ଆହୁରି ମଧ୍ୟ କହିଛନ୍ତି, ଗୋମାଂସ ଚାଲାଣକାରୀ ସୁଧୁରି ଯାଆନ୍ତୁ । ୧୯୬୦ ଗୋ-ହତ୍ୟା ଆଇନ ଏବେବି ବଳବତ୍ତର ରହିଛି । ଏହାକୁ ଆହୁରି ସଂସ୍କାର ଆଣିବାକୁ ସରକାର ଚେଷ୍ଟା କରୁଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି । ଗୋ-ଚାଲାଣକୁ ନେଇ ରାଜ୍ୟ ସରକାରଙ୍କ ଏକ ନୂଆ ନାରା ସାମ୍ନାକୁ ଆସିଛି । ' ରଖନ୍ତୁ କୁଭା, କିନ୍ତୁ ତା'ସହ ରଖନ୍ତୁ ଗୋମାତା ' । ଶନିବାର ରାଜ୍ୟର ୫ ସ୍ଥାନରେ ଗୋ-ମାଫିଆଙ୍କ ଠିକଣାରେ ଚଢ଼ାଉ (ପୃଷ୍ଠା ୭ରେ)

# ଦୋଷୀ ପ୍ରମାଣିତ ନହେବା ଯାଏଁ ଅଭିଯୁକ୍ତଙ୍କୁ ଜାମିନ ପାଇବାର ଅଧିକାର ଅଛି



**ନୂଆଦିଲ୍ଲୀ, ୧୮।୧**

ପ୍ରତ୍ୟେକ ଅଭିଯୁକ୍ତଙ୍କ ପାଇଁ ଦୋଷୀ ସାବ୍ୟସ୍ତ ହେବା ପୂର୍ବରୁ ଜାମିନ୍ ଏକ ଅଧିକାର ହେବା ଉଚିତ। ଦିଲ୍ଲୀ ଦଙ୍ଗା ଷଡ଼ଯନ୍ତ୍ର ମାମଲାରେ ଉମର ଖାଲିଦଙ୍କୁ ସୁପ୍ରିମକୋର୍ଟଙ୍କ ଜାମିନ୍ ପ୍ରତ୍ୟାଖ୍ୟାନ ଉପରେ ଏଭଳି କିଛି କହିଛନ୍ତି ଭାରତର ପୂର୍ବତନ ମୁଖ୍ୟ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼। ରବିବାର ଜୟପୁର ସାହିତ୍ୟ ମହୋତ୍ସବରେ ବରିଷ୍ଠ ସାମ୍ବାଦିକ ବୀର ସାଂଘଭିଙ୍କ ପ୍ରଶ୍ନର ଉତ୍ତରରେ ଏଭଳି କହିଛନ୍ତି ପୂର୍ବତନ ସିଜେଆଇ।

ପୂର୍ବତନ ମୁଖ୍ୟ ବିଚାରପତି କହିଛନ୍ତି ଯେ ଭାରତୀୟ ଆଇନର ମୂଳଦୁଆ ହେଉଛି ନିର୍ଦ୍ଦୋଷ ହେବାର ଅନୁମାନ। ଯଦି ଜଣେ ବ୍ୟକ୍ତି ପାଞ୍ଚ କିମ୍ବା ସାତ ବର୍ଷ ଜେଲରେ ବିତାଇବା ପରେ ନିର୍ଦ୍ଦୋଷରେ ଖଲାସ ହୁଅନ୍ତି, ତେବେ ହରାଇଥିବା ବର୍ଷଗୁଡ଼ିକର କ୍ଷତିପୂରଣ ଦିଆଯାଇପାରିବ ନାହିଁ। ଜାମି କେବଳ ସେତେବେଳେ ରୋକି ହେବ ଯେତେବେଳେ ଅଭିଯୁକ୍ତ ଅପରାଧ ପୁଣିଥରେ କରେ,କିନ୍ତୁ (ପୃଷ୍ଠା ୭ରେ)








## ପୋଲିସ କବ୍ଜାରେ କୁଖ୍ୟାତ ବନ୍ଧୁକ ମାଫିଆ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

କୁଖ୍ୟାତ ବନ୍ଧୁକ ମାଫିଆ କମିଶନରେଟ୍ ପୋଲିସ କବ୍ଜାରେ ଆସିଛି । ଯାଜପୁର ବିଂଝାରପୁର ଅଞ୍ଚଳରୁ ବନ୍ଧୁକ ମାଫିଆକୁ ଗିରଫ କରାଯାଇଛି । ମିଳିଥିବା ସୂଚନା ଅନୁସାରେ ସ୍ପେଶାଲ କ୍ରାଇମ୍ ୟୁନିଟ୍ ପପୁ ନାମକ ଜଣେ ବନ୍ଧୁକ ବେପାରୀକୁ ଗିରଫ କରିଛି । ତା ନିକଟରୁ ୪ଟି ବନ୍ଧୁକ, ୧୦ଟି ଜୀବନ୍ତ ଗୁଳି ଜବତ କରାଯାଇଛି । ପପୁ ବିହାର ମୁଙ୍ଗେର ଅଞ୍ଚଳରୁ ବନ୍ଧୁକ ଆଣି ଓଡ଼ିଶାରେ ବିକ୍ରି କରୁଥିଲା ବୋଲି ସୂଚନା ଦିଆଯାଇଛି ।

## ସଂରକ୍ଷିତ ବର୍ଗର ପ୍ରାର୍ଥୀ ଅଣସଂରକ୍ଷିତ ବର୍ଗରେ ଥିବା ବୟସସୀମା ସୁବିଧା ପାଇପାରିବେ ନାହିଁ

**କଟକ, ନ୍ୟୁଜ୍ ବ୍ୟୁରୋ**

ସଂରକ୍ଷିତ ବର୍ଗର ପ୍ରାର୍ଥୀ ଅଣସଂରକ୍ଷିତ ବର୍ଗରେ ଥିବା ବୟସ ସୀମା କୋହଳ ସୁବିଧା ପାଇପାରିବେନାହିଁ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ କହିଛନ୍ତି । ସଂରକ୍ଷିତ ବର୍ଗର ପ୍ରାର୍ଥୀ ଅଣସଂରକ୍ଷିତ ପଦରେ ନିଯୁକ୍ତି ପାଇବାକୁ ହେଲେ ବା ସେହି ପଦରେ କୌଣସି ସୁବିଧା ନେବାକୁ ହେଲେ ଏଥିପାଇଁ ପ୍ରକାଶିତ ବିଜ୍ଞପ୍ତିରେ ସ୍ପଷ୍ଟ ଉଲ୍ଲେଖ ହୋଇଥିବା ଆବଶ୍ୟକ । ନଚେତ୍ ଏହି ସୁବିଧା ଜଣେ ସଂରକ୍ଷିତ ବର୍ଗର ପ୍ରାର୍ଥୀଙ୍କୁ ମିଳିପାରିବ ନାହିଁ ବୋଲି ହାଇକୋର୍ଟ ଆବେଦନକାରୀଙ୍କ ପିଟିସନ୍‌କୁ ଖାରଜ କରିବା ଅବସରରେ ସ୍ପଷ୍ଟ କରିଛନ୍ତି । ନିତାଶ କୁମାର ଦାସଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଏସ୍.କେ. ପାଣିଗ୍ରାହୀ ଏହି ରାୟ ଦେଇଛନ୍ତି । ଆବେଦନକାରୀ ଓଡ଼ିଶା ହାଇଡ୍ରୋ ପାୱାର କର୍ପୋରେସନ୍ ଲିମିଟେଡ୍ (ଓଏଚ୍‌ପିସି)ର ପ୍ରକାଶିତ ବିଜ୍ଞାପନ ଅନୁସାରେ 'ମ୍ୟାନେଜ୍‌ମେଣ୍ଟ ଟ୍ରେନି (ଏଚ୍‌ଆର୍)' ପଦ ପାଇଁ ଆବେଦନ କରିଥିଲେ । ଉକ୍ତ ବିଜ୍ଞାପନରେ ଅସଂରକ୍ଷଣ



ଓ ଏସ୍‌ଟି ବର୍ଗରେ ନିଯୁକ୍ତି ପାଇଁ ପଦ ରହିଥିଲା । କିନ୍ତୁ ଏସ୍‌ଇବିସି ବର୍ଗ ପାଇଁ କୌଣସି ପଦ ନିର୍ଦ୍ଧାରିତ ହୋଇନଥିଲା । ବିଜ୍ଞାପନ ଅନୁଯାୟୀ ଅଣସଂରକ୍ଷିତ ପଦ ପାଇଁ ସର୍ବାଧିକ ବୟସ ସୀମା ୩୨ ବର୍ଷ ଧାର୍ଯ୍ୟ ହୋଇଥିଲା । ଏହି ବର୍ଗ ପାଇଁ ବୟସ ସୀମା କୋହଳ ସୁବିଧା ନଥିଲା । ଆବେଦନକାରୀଙ୍କ ବୟସ ନିର୍ଦ୍ଧାରିତ କଟ୍ ଅଫ୍ ତାରିଖରେ ପ୍ରାୟ ୩୫ ବର୍ଷରୁ ଅଧିକ ଥିଲା । କିନ୍ତୁ ଏସ୍‌ଇବିସିରେ କୌଣସି ପଦନଥିବାରୁ ସେ ଅସଂରକ୍ଷିତ ବର୍ଗରେ ନିଯୁକ୍ତି ପାଇଁ ଆବେଦନ କରିଥିଲେ । ପ୍ରଥମେ ତାଙ୍କ ଆବେଦନ ଗ୍ରହଣ ହୋଇ ଏକ ପଞ୍ଜୀକରଣ ନମ୍ବର ଆସିଥିଲା । କିନ୍ତୁ ଅସଂରକ୍ଷିତ ବର୍ଗରେ ତାଙ୍କ ବୟସ ସୀମା ଅଧିକ ଥିବାରୁ ପରେ ସେହି ଆବେଦନ ଖାରଜ ହୋଇଯାଇଥିଲା । ଫଳରେ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ଆବେଦନକାରୀ ଏସ୍‌ଇବିସି ପ୍ରାର୍ଥୀ ହୋଇଥିବାରୁ ଅସଂରକ୍ଷିତ ବର୍ଗରେ ବୟସ କୋହଳ ସୁବିଧା ପାଇପାରିବେ ବୋଲି ଦାବି କରିଥିଲେ । ତେଣୁ ଓଏଚ୍‌ପିସି ନିର୍ଦ୍ଦେଶକୁ ରଦ୍ଦ କରାଯାଇ ତାଙ୍କ ଆବେଦନକୁ ଗ୍ରହଣ ପାଇଁ ସେ ପ୍ରାର୍ଥନା କରିଥିଲେ । ହାଇକୋର୍ଟ ଉଭୟ ପକ୍ଷଙ୍କୁ ଶୁଣିବା ପରେ ରାୟରେ କହିଛନ୍ତି ଯେ, ଜଣେ ସଂରକ୍ଷିତ ବର୍ଗର ପ୍ରାର୍ଥୀ ଅଣସଂରକ୍ଷିତ ବର୍ଗକୁ ସେତେବେଳେ ଯାଇପାରିବେ, ଯେତେବେଳେ ସେ କୌଣସି ପ୍ରକାରର କୋହଳ ସୁବିଧା ନେଇନଥିବେ । ଯଦି ସେ ଥରେ ବୟସ କୋହଳ ସୁବିଧା ନିଅନ୍ତି, ତେବେ ସେ କେବଳ ସଂରକ୍ଷିତ ବର୍ଗର ପଦ ପାଇଁ ହିଁ ବିବେଚିତ ହେବେ । ଏହି ଆଧାରରେ ହାଇକୋର୍ଟ ଆବେଦନକାରୀଙ୍କ ପିଟିସନ୍‌କୁ ଖାରଜ କରାଇଦେଇଛନ୍ତି ।

## ଅବୈଧ ଖଣି ଖନନ ଏବଂ ପରିବହନ ଉପରେ ଚଢ଼ଉ:୩ ହାଇୱା ଜବତ

**ବଲାଙ୍ଗିର, ନ୍ୟୁଜ୍ ବ୍ୟୁରୋ**

ବଲାଙ୍ଗିର ଉପଜିଲ୍ଲାପାଳ ଆଲୋକ କୁମାର ପଟେଲଙ୍କ ନିର୍ଦ୍ଦେଶ କ୍ରମେ ଆଗଲପୁରର ବ୍ଲକରେ ହେଉଥିବା ଅବୈଧ ଖଣି ଖନନ ଏବଂ ପରିବହନ ଉପରେ ଚଢଉ କରାଯାଇଥିଲା । ଜିଲ୍ଲା ପ୍ରଶାସନ ଓ ଖଣି ବିଭାଗ ଦ୍ୱାରା ମିଳିତ ଭାବେ ରଫାଖୋଲ ଗ୍ରାମ ନିକଟ ଅଙ୍ଗ ନଦୀ ଠାରେ ଏହି ଚଢଉ କରାଯାଇଥିଲା । ବାଲି ମଫିଆମାନେ ନଦୀବନ୍ଧରେ ଥିବା ବନ୍ୟା ପ୍ରତିରୋଧକ କାନ୍ଥକୁ କାଟି ନଦୀ ମଧ୍ୟକୁ ରାସ୍ତା କରିଛନ୍ତି । ବାଲି ଚୋରା ଚାଲାଣରେ ସମ୍ପୃକ୍ତ ତିନୋଟି ହାଇୱା ଜବତ କରାଯାଇ ସାଲେଭଟା ଥାନାକୁ ହସ୍ତାନ୍ତର କରାଯାଇଛି । ସେଠାରେ ଏକ ଚେନ୍ ମାଉଣ୍ଟ ଏକ୍ସଭେଟରକୁ ମଧ୍ୟ ଜବତ କରାଯାଇଛି । ଏହାର ମାଲିକଙ୍କୁ ଠାବ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କନିଷ୍ଠ ଖଣି ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଜଳସେଚନ ବିଭାଗର ନିର୍ବାହୀ ଯନ୍ତ୍ରୀଙ୍କୁ, ଦୋଷୀ ବିରୁଦ୍ଧରେ ଏଫ୍‌ଆଇଆର୍ ଦାଖଲ କରିବା ସହ ବନ୍ୟା ପ୍ରତିରୋଧକ କାନ୍ଥକୁ ଯଥାଶୀଘ୍ର ମରାମତି କରିବା ପାଇଁ ନିର୍ଦ୍ଦେଶ କରାଯାଇଛି । ଏହି ଚଢ଼ଉରେ ଡେପୁଟି କଲେକ୍ଟର ସତ୍ୟଜିତ ବାରିକ, ତହସିଲଦାର ଆଗଲପୁର ନବୀନ କିଶୋର ପାଡୀ, କନିଷ୍ଠ ଖଣି ଅଧିକାରୀ ଦେବାଶିଷ ଦେହୁରି, ଶୁଭମ ବିଶ୍ୱାଳ, ସହକାରୀ ଜିଲ୍ଲାପାଳ ଜୟକୃଷ୍ଣ ପାଣିଗ୍ରାହୀ, ସାଲେଭଟା ଆର୍‌ଆଇ ଏବଂ ପୋଲିସ ସାମିଲ୍ ଥିଲେ ।

## ପେଟ୍ରୋଲ ପମ୍ପ ଭିତରେ ପଶିଗଲା ଧାନ ବୋଝେଇ ଟ୍ରକ୍

**ବଲାଙ୍ଗୀର, ନ୍ୟୁଜ୍ ବ୍ୟୁରୋ**

ସକାଳୁ ବଲାଙ୍ଗିର ସହର ମଧ୍ୟ ଦେଇ ଯାଇଥିବା ଜାତୀୟ ରାଜପଥ ବଲାଙ୍ଗିର ଟାଉନ୍ ଥାନା ସମ୍ମୁଖ କିଛି ଆଗକୁ ଗୋଟିଏ ପାଖ ରାସ୍ତାରେ ଏକ ବାର ଚକିଆ ଟ୍ରକ୍ ଦୁର୍ଘଟଣା ଗ୍ରସ୍ତ ହୋଇଛି । ଟ୍ରକ୍‌ରେ ଧାନ ବୋଝେଇ ହୋଇଥିବା ବେଳେ ବାମ କଡ଼କୁ ଟ୍ରକ୍‌ଟି ଭାରସାମ୍ୟ ହରାଇ ଥାନା ସମ୍ମୁଖରେ ଥିବା ପେଟ୍ରୋଲ ପମ୍ପ ଆଡ଼କୁ ଧସେଇ ପଶି ପେଟ୍ରୋଲ ପମ୍ପ ଆଡ଼କୁ ମାଡି ଯାଇ ବାଡ଼ ଭାଙ୍ଗିବା ସହିତ ଡ୍ରେନ୍ ଭିତରେ ଚକ ପଶିବା ସହିତ ରାସ୍ତା କଡ଼ରେ ଥିବା ବିଦ୍ୟୁତ ଖୁଣ୍ଟ ଉପରେ ରହିଯାଇଥିଲା । ବଲାଙ୍ଗୀର ସହର ମଧ୍ୟ ଦେଇ ଭାରି ଯାନ ଗୁଡ଼ିକ ଯାଉଥିବାବେଳେ ସଂକୀର୍ଣ୍ଣ ରାସ୍ତାକୁ ଡିଭାଇଡର ଦେଇ ସଂକୀର୍ଣ୍ଣ କଲା ପରେ ଏହି ରାସ୍ତା ଦୁର୍ଘଟଣା ପ୍ରବଣ କରି ଦେଇଛି । ତେବେ ଏହି ଟ୍ରକ୍‌ଟି ସ୍ଥାନୀୟ ଏକ ରାଇସ୍ ମିଲ୍‌ରୁ ଧାନ ନେଇ ତୁଷୁରାକୁ ଯାଉଥିବା ଜଣାପଡିଛି । ପୋଲିସ ଘଟଣା ଉପରେ ଅଧିକ ତଦନ୍ତ କରୁଥିବା କହିଛି ।

## ମେଡ଼ିସିନ୍ ଦୋକାନରେ ଚଢ଼ଉ:ବିପୁଳ ଔଷଧ ଜବତ

**ଖୋର୍ଦ୍ଧା, ନ୍ୟୁଜ୍ ବ୍ୟୁରୋ**

ବାଣପୁର ବଜାରରେ ବିନା ଲାଇସେନ୍ସରେ ବେଧଡକ ଭାବେ ଦୀର୍ଘ ବର୍ଷ ଧରି ବେଆଇନ୍ ଔଷଧ ଦୋକାନ ଚାଲିଥିବା ବେଳେ ଡ୍ରଗ୍ ବିଭାଗ ପକ୍ଷରୁ ଶୁକ୍ରବାର କଡାକଡି ଯାଞ୍ଚ କରାଯାଇଛି । ଏଲୋପ୍ୟାଥି, ହୋମିଓପ୍ୟାଥି ସହ ଆୟୁର୍ବେଦିକ ଔଷଧ ଗ୍ରାହକଙ୍କୁ ବିକ୍ରିକରି ମାଲେମାଲ ହେଉଥିଲେ ବ୍ୟବସାୟୀ । ଖବର ପାଇ ଖୋର୍ଦ୍ଧା ଓ ଭୁବନେଶ୍ୱରରୁ ୪ ଜଣିଆ ଡ୍ରଗ୍ ସ୍କ୍ୱାର୍ଡ ଆସି ଚଢଉ କରିଥିଲେ । ଦୀର୍ଘ ୬ ଘଣ୍ଟାର ଛାନ୍‌ଭିନ୍ ପରେ ୬୦ରୁ ୬୫ ପ୍ରକାରର ଏଲୋପ୍ୟାଥି ଔଷଧ ସହ ହୋମିଓପ୍ୟାଥି ବି ଜବତ କରିଛି ସ୍କ୍ୱାର୍ଡ । ଏଥିସହିତ ବାସଭବରେ ମଧ୍ୟ ଚଢ଼ଉ କରିଥିଲା ଡ୍ରଗ୍ ବିଭାଗ । ବିପୁଳ ପରିମାଣର ଔଷଧକୁ ଜବତ କରିବା ସହ ବିଳମ୍ବିତ ରାତି ପର୍ଯ୍ୟନ୍ତ ଔଷଧ ଓ କାଗଜପତ୍ରର ଯାଞ୍ଚ ଜାରି ରହିବ । ଏହି ଘଟଣାରେ ଏକ ମାମଲା ରୁଜୁ ହେବ ଏବଂ କେଉଁଠୁ ଔଷଧ ଆସୁଛି କିଏ ଦେଉଛି ତା'ର ମଧ୍ୟ ଯାଞ୍ଚ କରାଯିବ ବୋଲି ଆସିଷ୍ଟାଣ୍ଟ ଡ୍ରଗ କଣ୍ଟ୍ରୋଲର କହିଛନ୍ତି । ବାଣପୁର ପୋଲିସ ଓ ମାଜିଷ୍ଟ୍ରେଟ୍ ଭାବରେ ବାଣପୁର ଅତିରିକ୍ତ ତହସିଲଦାରଙ୍କ ଉପସ୍ଥିତିରେ ୩ ଜଣ ଡ୍ରଗ୍ ଇନ୍‌ସପେକ୍ଟରଙ୍କ ସହ ଆସିଷ୍ଟାଣ୍ଟ ଡ୍ରଗ୍ କଣ୍ଟ୍ରୋଲର ଚଢ଼ଉ କରିଥିଲେ ।

## ଜନମଙ୍ଗଳ କାର୍ଯ୍ୟ ପାଇଁ କଣ୍ଟାବାଞ୍ଜି ପ୍ରେସ୍ କ୍ଲବ୍ ସମ୍ମାନିତ



**କଣ୍ଟାବାଞ୍ଜି, ନ୍ୟୁଜ୍ ବ୍ୟୁରୋ**

ବଲାଙ୍ଗିର ଜିଲ୍ଲାର କଣ୍ଟାବାଞ୍ଜି ପ୍ରେସ୍ କ୍ଲବ ଦୀର୍ଘ ସମୟ ଧରି ସାମାଜିକ ସେବା, ଜନସଚେତନତା ଓ ଜନମଙ୍ଗଳମୂଳକ କାର୍ଯ୍ୟରେ ସକ୍ରିୟ ଭୂମିକା ନିଭାଇ ଆସୁଛି । ଲୋକଙ୍କ ସମସ୍ୟାକୁ ସରକାରୀ ପ୍ରଶାସନର ଦୃଷ୍ଟିକୁ ଆଣିବା ସହ ଆପତକାଳୀନ ସମୟରେ ମାନବିକ ସହଯୋଗ ପ୍ରଦାନ କରି ପ୍ରେସ୍ କ୍ଲବ୍ ଏକ ସକାରାତ୍ମକ ପରିଚୟ ଗଢ଼ିଛି । ଏହି ଅବିରତ ଜନମଙ୍ଗଳ କାର୍ଯ୍ୟ ପାଇଁ ପୂର୍ବରୁ ଜିଲ୍ଲା ଓ ରାଜ୍ୟ ସ୍ତରର ବିଭିନ୍ନ ସରକାରୀ ଏବଂ ବେସରକାରୀ ସଂସ୍ଥା ପକ୍ଷରୁ କଣ୍ଟାବାଞ୍ଜି ପ୍ରେସ୍ କ୍ଲବ ସମ୍ମାନିତ ହୋଇଆସୁଛି । ଏହି କ୍ରମରେ ଆଉ ଏକ ଗୌରବଜନକ ସମ୍ମାନ ନୂଆପଡ଼ା ଜିଲ୍ଲାରେ ମିଳିଛି । ନୂଆପଡ଼ା ଜିଲ୍ଲା ଖରିଆରରୋଡ଼ର 'ପହଲ' ସଂସ୍ଥା ତରଫରୁ ଆୟୋଜିତ ଏକ ଭବ୍ୟ କବି ସମ୍ମିଳନୀ କାର୍ଯ୍ୟକ୍ରମ ଅବସରରେ କଣ୍ଟାବାଞ୍ଜି ପ୍ରେସ୍ କ୍ଲବକୁ ସମ୍ମାନିତ କରାଯାଇଛି । ଏହି କାର୍ଯ୍ୟକ୍ରମରେ ପ୍ରେସ୍ କ୍ଲବର ସାମାଜିକ ଅବଦାନ ଓ ଜନହିତକାରୀ କାର୍ଯ୍ୟକୁ ଖୋଲା ମଞ୍ଚରେ ପ୍ରଶଂସା କରାଯାଇଥିଲା । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନୂଆପଡ଼ା ବିଧାୟକ ଜୟ ଢୋଲକିଆ ଉପସ୍ଥିତ ଥିବାବେଳେ, ସମ୍ମାନିତ ଅତିଥି ଭାବେ ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାସ ଓ ଖରିଆରରୋଡ଼ ପୌର ପରିଷଦ ଅଧ୍ୟକ୍ଷା ସୋନୀୟା ଅଗ୍ରୱାଲ ଉପସ୍ଥିତ ଥିଲେ । ସଭାର ସଭାପତିତ୍ୱ ପହଲ୍ ସଂସ୍ଥାର ଆବାହକ ରାକେଶ ଜୈନ କରିଥିବା ବେଳେ ମଞ୍ଚ ପରିଚାଳନା ବରିଷ୍ଠ ସଦସ୍ୟ ନୀତିନ ଜୈନ କରିଥିଲେ । ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାସ ଓ ବିଧାୟକ ଜୟ ଢୋଲକିଆ କଣ୍ଟାବାଞ୍ଜି ପ୍ରେସ୍ କ୍ଲବର ଏଭଳି ସମାଜହିତକାରୀ କାର୍ଯ୍ୟ ଆଗାମୀ ଦିନରେ ମଧ୍ୟ ଜାରି ରହୁ ବୋଲି ଆଶା ପ୍ରକାଶ କରିଥିଲେ । ସେମାନେ ପ୍ରେସ୍ କ୍ଲବର ସଦସ୍ୟମାନଙ୍କୁ ଉପଢୌକନ ପ୍ରଦାନ କରି ସମ୍ମାନିତ କରିଥିଲେ ଏବଂ ସମାଜ ପାଇଁ ସତ୍ୟ ଓ ଦାୟିତ୍ୱବୋଧ ସାମ୍ବାଦିକତାର ଆବଶ୍ୟକତା ଉପରେ ଜୋର୍ ଦେଇଥିଲେ । ଏହି ଅବସରରେ କଣ୍ଟାବାଞ୍ଜି ପ୍ରେସ୍ କ୍ଲବ ସଭାପତି ପ୍ରଭଜିତ ସିଂ ସାଲୁଜା, କୋଷାଧ୍ୟକ୍ଷ ହନି ସିଂହ, ପରାମର୍ଶଦାତା ଆଶିଷ ଖୈତାନ ସହ ଅନ୍ୟାନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ । ପ୍ରେସ୍ କ୍ଲବ୍ ପକ୍ଷରୁ ଆୟୋଜକ ମଣ୍ଡଳୀଙ୍କୁ ଧନ୍ୟବାଦ ଜଣାଯାଇ ଆଗାମୀ ଦିନରେ ଆହୁରି ଜନମଙ୍ଗଳମୂଳକ କାର୍ଯ୍ୟ କରିବାକୁ ସଂକଳ୍ପ ଗ୍ରହଣ କରାଯାଇଥିଲା ।

## ୪ ଜୁଆଡ଼ି ଗିରଫ:୩୪ ହଜାର ଟଙ୍କା ଜବତ

**ଗଞ୍ଜାମ, ନ୍ୟୁଜ୍ ବ୍ୟୁରୋ**

ହିଞ୍ଜିଳିକାଟୁ ଥାନାର ଆଙ୍କୋରଡା ଗ୍ରାମରେ ଚାଲିଥିବା ଜୁଆ ଆଡ୍ଡା ଉପରେ ପୋଲିସ ଚଢଉ କରି ୪ ଜଣ ଜୁଆଡିଙ୍କୁ ଗିରଫ କରିବା ସହ ସେମାନଙ୍କ ଠାରୁ ୩୪ ହଜାର ନଗଦ ଟଙ୍କା ଜବତ କରିଛି । ଏ ସଂକ୍ରାନ୍ତରେ ଥାନାରେ ଏକ ମାମଲା ରୁଜୁ କରାଯାଇ ଗିରଫ ଚାରି ଜଣ ଜୁଆଡିଙ୍କୁ କୋର୍ଟ ଚାଲାଣ କରାଯାଇଛି ।

## ମାଟ୍ରିମୋନି ସାଇଟ୍‌ରେ ଠକେଇ ଅଭିଯୋଗ:ଜଣେ ଗିରଫ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଠକିବା ପାଇଁ ନୂଆ ଅସ୍ତ୍ର ପାଲଟିଛି ମାଟ୍ରିମୋନି ସାଇଟ୍ । କେତେବେଳେ ଡାକ୍ତର ତ ପୁଣି କେତେବେଳେ ବ୍ୟାଙ୍କ ମ୍ୟାନେଜର କହି ଲୋକଙ୍କୁ ଚୁନା ଲଗାଇବା ଘଟଣାରେ ରଞ୍ଜୀବ କୁମାର ପ୍ରଧାନ ନାମକ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି କମିଶନରେଟ୍ ପୋଲିସ । ପାହଳ ଥାନାରେ ଲିଖିତ ଅଭିଯୋଗ ପରେ ପୋଲିସ ତାଙ୍କୁ ବାନ୍ଧିଛି । ଅଭିଯୋଗ ଅନୁଯାୟୀ ୨୦୨୧ ମସିହାରେ ମାଟ୍ରିମୋନି ସାଇଟରେ ଅଭିଯୁକ୍ତ ନିଜକୁ ଡାକ୍ତର ବୋଲି ପରିଚୟ ଦେଇ ଅଭିଯୋଗକାରୀଙ୍କ ସଂସ୍ପର୍ଶରେ ଆସିଥିଲେ । ନିଜ ଭାଇ ସହିତ ବାହାଘର କରିବାକୁ କରାଇ ସମ୍ପର୍କ ନିବିଡ କରିଥିଲେ । ବିଭିନ୍ନ ବ୍ୟାଙ୍କରେ ପଲିସି ସହିତ ଜାଗା କିଣିବା ପାଇଁ ଅଭିଯୋଗକାରୀଙ୍କ ଠାରୁ ୨୨ ଲକ୍ଷ ଟଙ୍କା ନେଇଥିଲେ । ଠକାମୀର ଶିକାର ହେବା ପରେ ପୀଡିତ ପାହାଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ସେପଟେ ରଞ୍ଜୀବଙ୍କ କେହି ଭାଇ ନାହାଁନ୍ତି କି ସେ ବି ଡାକ୍ତର ନୁହଁନ୍ତି ବୋଲି ପୋଲିସ ଜାଣିବାକୁ ପାଇଛି । ତଦନ୍ତରୁ ଜଣାପଡିଛି ରଞ୍ଜୀବ ମାଟ୍ରୋମନି ସାଇଟ୍‌ରେ ଆକାଉଣ୍ଟ୍ ଖୋଲି ଲୋକଙ୍କୁ ଠକି ଥାଏ । ନିଜକୁ କେବେ ଡାକ୍ତର ତ ପୁଣି କେବେ ବ୍ୟାଙ୍କ ମ୍ୟାନେଜର କହି ପରିଚୟ ଦେଇଥାଏ । ଏଥର ଅଭିଯୋଗ ପରେ ରଞ୍ଜୀବ କୁମାର ପ୍ରଧାନକୁ ଗିରଫ କରି କୋର୍ଟ ଚାଲାଣ କରିଛି ପୋଲିସ । ସେପଟେ ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ କହିଛନ୍ତି ପରିଚିତ ନଥିବା ବ୍ୟକ୍ତିଙ୍କ ସହିତ ସମ୍ପର୍କରେ ବାନ୍ଧି ହେବା ଆଗରୁ ଯାଞ୍ଚ କରିବା ଉଚିତ୍ । ପୁଣି ମାଟ୍ରୋମନି ସାଇଟ୍‌କୁ ଯଦି ଯାଉଛନ୍ତି ତେବେ ଟଙ୍କା ଦେବା ନେବା ପୂର୍ବରୁ ସତର୍କ ରୁହନ୍ତୁ ନଚେତ୍ ଠକାମୀର ଶିକାର ହୋଇପାରନ୍ତି ।

## ଚୋରି ମାମଲାରେ ଜଣେ ଗିରଫ

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

ଚୋରି ମାମଲାରେ ଜଣେ ଅଭିଯୁକ୍ତକୁ ଗିରଫ କରିଛି ଜୟପୁର ଟାଉନ୍ ପୋଲିସ । ଗିରଫ ଅଭିଯୁକ୍ତ ଜଣକ ହେଲା ମାଛକୁଣ୍ଡ ଥାନା ଅଞ୍ଚଳର ମହେନ୍ଦ୍ର ପାଙ୍ଗି । ଜୟପୁର ଆଦର୍ଶ ନଗର ବ୍ଲୁଡାର୍ଟ କୋରିଅର୍‌ରୁ ଚୋରି ହୋଇଥିଲା । ଏନେଇ ଅଭିଯୋଗ ହେବାପରେ ପୋଲିସ ତଦନ୍ତ ଆରମ୍ଭ କରି ଚୋରି ସାମଗ୍ରୀ ଜବତ କରିବା ସହ ଅଭିଯୁକ୍ତକୁ ଗିରଫ କରିଛି ଟାଉନ୍ ପୋଲିସ । ଗତ ୧୩ ତାରିଖରେ ଆଦର୍ଶ ନଗର ଅଞ୍ଚଳରେ ଥିବା ବ୍ଲୁଡାର୍ଟ କୋରିଅରରୁ ଲକ୍ଷାଧିକ ସାମଗ୍ରୀ ଚୋରି ହୋଇଥିବା ନେଇ କୋରିଅର ମ୍ୟାନେଜର ଟାଉନ୍ ଥାନାରେ ଅଭିଯୋଗ ହୋଇଥିଲା । ଅଭିଯୋଗକୁ ଭିତିକରି ଟାଉନ୍ ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଜାରି ରଖିଥିଲା । ମାଛକୁଣ୍ଡ ଥାନା ଅଞ୍ଚଳର ମହେନ୍ଦ୍ର ପାଙ୍ଗୀକୁ ଗିରଫ କରି ତା'ଠାରୁ ଗୋଟିଏ ଏଲଇଡି ମନିଟର, ଭିଭୋ ମୋବାଇଲ୍ ଫୋନ୍, ୱାନ୍‌ପ୍ଲସ୍ ମୋବାଇଲ, ଗୋଟିଏ ପ୍ରିଣ୍ଟର, ଦୁଇଟି ସିସିଟିଭି କ୍ୟାମେରା, ବୁଲେଟ୍ କ୍ୟାମେରା, ବ୍ଲୁଡାର୍ଟ କୋରିଅର ବ୍ୟାଗ୍ ଜବତ କରାଯିବା ସହ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଥିବା ଟାଉନ୍ ଥାନା ଅଧିକାରୀ ଉଲ୍ଲାସ ରାଉତ ସୂଚନା ଦେଇଛନ୍ତି ।

## ଏମ୍‌କେସିଜି ପ୍ଲାଷ୍ଟିକ୍ ସର୍ଜରୀ ବିଭାଗରେ ବିରଳ ଅପରେସନ୍

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ବ୍ରହ୍ମପୁର ବଡ ଡାକ୍ତରଖାନାରେ ବୁଗୁଡ଼ା ଗ୍ରାମର ଜଣେ ସୁରତ୍ ଫେରନ୍ତାଙ୍କ ବିରଳ ଅପରେସନ୍ କରାଯାଇଛି । ତାର ଲିଙ୍ଗ କିଏ କାଟି ଦେଇଥିଲା । ସେ ବଡ଼ ମେଡିକାଲ୍ ପ୍ଲାଷ୍ଟିକ୍ ସର୍ଜରୀ ବିଭାଗ ସହ ଯୋଗାଯୋଗ କରିବା ପରେ ତାର ଲିଙ୍ଗର ସଫଳ ଅପରେସନ୍ କରାଯାଇଛି । ବିଭାଗୀୟ ମୁଖ୍ୟ ତଥା ସହକାରୀ ପ୍ରଫେସର ପୃଥ୍ୱୀରାଜ ସିଂଙ୍କ ତତ୍ତ୍ୱାବଧାନରେ ଏହି ଅପରେସନ୍ କରାଯାଇଥିଲା । ଅପରେସନ୍‌ରେ ଅନୁରୂପ ସହଯୋଗ କରିଥିଲେ ସହକାରୀ ପ୍ରଫେସର ତନ୍ମୟ ମହାପାତ୍ର, ଡ଼ା ଲିପ୍ସା ସ୍ୱାଇଁ, ଡ଼ା ପ୍ରେମ୍ ପ୍ରକାଶ, ଡ଼ା ଜ୍ୟୋତିଷୀ, ଡ଼ା ଭାନୁ, ନିଶା ଡାକ୍ତର୍ ସଞ୍ଜୀବ ପାତ୍ର, ଡ଼ା ନିବେଦିତା ସାହୁ, ଡ଼ା ବିପିନ୍ ବିହାରୀ ମଲ୍ଲିକଙ୍କ ସମେତ ବୋହୂ ସେବିକା ଏବଂ ପାରା ମେଡିକାଲ୍ ଷ୍ଟାଫ୍ ସହଯୋଗ କରିଥିଲେ । ଏହି ଅପରେସନ୍ ସକାଳ ୧୦ଟାରୁ ଆରମ୍ଭ ହୋଇ ରାତି ୮ଟା ଯାଏଁ ଚାଲିଥିଲା । ତାଙ୍କ ଘର୍ ବୁଗୁଡ଼ା କୁଷପଲ୍ଲୀ ଓ ନାମ ସନ୍ୟାସୀ ଗୌଡ଼ ବୋଲି ମେଡିକାଲ୍ ସୂତ୍ରରୁ ପ୍ରକାଶ । ବର୍ତ୍ତମାନ ରୋଗୀଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଭଲ ରହିଛି । ସୂଚନା ଯୋଗ୍ୟ ପ୍ଲାଷ୍ଟିକ୍ ସର୍ଜରୀ ବିଭାଗରେ ପୂର୍ବରୁ ବହୁ ଅପରେସନ୍ କରାଯାଇଛି ।

## ଗହିରମଥାରେ କଇଁଛ ସୁରକ୍ଷା ପାଇଁ ପଦକ୍ଷେପ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲାର ଗହିରମଥାକୁ କଇଁଛମାନେ ନିଜର ଏନ୍ତଡିଶାଳ ଭଳି ବ୍ୟବହାର କରୁଥିବାରୁ କଇଁଛ ମାନଙ୍କର ସୁରକ୍ଷା ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରିବାକୁ ଆଲୋଚନା କରାଯାଇଛି । କେନ୍ଦ୍ରାପଡା ଉପଜିଲ୍ଲାପାଳ ଅରୁଣ କୁମାର ନାୟକଙ୍କ ଅଧ୍ୟକ୍ଷତାରେ କଇଁଛର ସୁରକ୍ଷା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ଏଥିରେ ରାଜନଗର ସାମୁଦ୍ରିକ ଅତିରିକ୍ତ ମତ୍ସ୍ୟ ଅଧିକାରୀ ରଞ୍ଜନ କୁମାର ବେହେରା,



ମହାକାଳପଡାର ଅତିରିକ୍ତ ମତ୍ସ୍ୟ ଅଧିକାରୀ ଶତାବ୍ଦୀ ସୁଭଦ୍ରା ଶୁଭଦର୍ଶନୀ, ରାଜନଗରର ତହସିଲଦାର ଯୀଶୁଖ୍ରୀଷ୍ଟ ଦାସ, କନିକାର ଭାନୁମତି ମାଝି, ମହାକାଳପଡାର ରବିନାରାୟଣ ଆଚାର୍ଯ୍ୟ ଓ କୁଜଙ୍ଗର ମତ୍ସ୍ୟ ଅଧିକାରୀ ତୁଷାରକାନ୍ତ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ନଭେମ୍ବର ୧ ତାରିଖରୁ ମଇ ୩୧ ପର୍ଯ୍ୟନ୍ତ କଇଁଛମାନଙ୍କର ଅଣ୍ଡା ଦେବାର ସମୟ ଥିବାରୁ ମତ୍ସ୍ୟଜୀବୀ ମାନେ ସମୁଦ୍ରକୁ ଯିବାକୁ ବାରଣ କରାଯାଇଛି । ଗହୀରମଥା କୁଳ ଠାରୁ ୨୦ କିଲୋମିଟର ଦୂରରେ ମତ୍ସ୍ୟଜୀବୀ ମାନେ ପ୍ରବେଶ କରିପାରିବେ । ଗହୀରମଥାରେ କଇଁଛମାନଙ୍କର ଅଣ୍ଡା ଯେପରି ନଷ୍ଟ ନହୁଏ ଏବଂ କଇଁଛ ମାନେ କୌଣସି ବୋଟ୍ କିମ୍ବା ଡଙ୍ଗା ଯୋଗୁ ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ଏହାକୁ ଦୃଷ୍ଟିରେ ରଖି ପଦକ୍ଷେପ ନିଆଯାଇଛି । ତେଣୁ ଏଠାରେ ପ୍ରବେଶ କରିବାକୁ ବାରଣ କରାଯାଇଛି । କଇଁଛର ସୁରକ୍ଷା ପାଇଁ ଡିଜେଲ୍ ଚାଳିତ ବୋଟ୍ ବ୍ୟବହାର ନକରି ସୋଲାର୍ ସିଷ୍ଟମ୍‌ରେ ବୋଟ୍ ଚଳାଇବା ପାଇଁ ଏହି ବୈଠକରେ ଆଲୋଚନା କରାଯାଇଛି ।

## ଠିକାଦାରଙ୍କ ଘରେ ଇଡ଼ିର ଚଢ଼ଉ

**ଗଞ୍ଜାମ, ନ୍ୟୁଜ୍ ବ୍ୟୁରୋ**

ଠିକାଦାରଙ୍କ ଘର ଉପରେ ଇଡି ଚଢଉ ପରେ ଶେରଗଡ ବ୍ଲକର ଯନ୍ତ୍ରୀମାନେ ଛାନିଆ ହୋଇପଡିଛନ୍ତି । ଠିକାଦାର ମାନଙ୍କ ସମ୍ପ୍ରତି ଠୁଳ ଘଟଣାରେ ଯନ୍ତ୍ରୀ ମାନଙ୍କ ଲିଙ୍କ୍ ରହୁଥିବାରୁ ଶେରଗଡ ଅଞ୍ଚଳର ଜଣେ ଠିକାଦାରଙ୍କ ଘରେ ଇଡି ଚଢ଼ଉ ପରେ ଶେରଗଡ଼ ଅଞ୍ଚଳର କୋଠାବାଡି, ରାସ୍ତାଘାଟ ନିର୍ମାଣ ଓ ଅନ୍ୟାନ୍ୟ ଯନ୍ତ୍ରୀଙ୍କ ମନରେ ଛାନିଆ ସୃଷ୍ଟି ହୋଇଛି । ଗତ ୧୦ରୁ ୧୫ ବର୍ଷ ମଧ୍ୟରେ ଏହି ଅଞ୍ଚଳରେ ହୋଇଥିବା ଉନ୍ନୟନ କାର୍ଯ୍ୟରେ ଦୁର୍ନୀତି ସହ ନିମ୍ନମାନର କାର୍ଯ୍ୟ ହୋଇଥିବା ଅଭିଯୋଗ ହେଉଛି । ଫଳରେ ଠିକାଦାର ଓ ଯନ୍ତ୍ରୀମାନେ ମାଲାମାଲ ହୋଇ କୋଟି କୋଟି ଟଙ୍କାର ଆୟ ବର୍ହିଭୂତ ସମ୍ପତି ଭାବେ ଠୁଳ କରିପାରିଛନ୍ତି ଅଭିଯୋଗ ହେଉଛି ।

## ୨୮ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ଗଞ୍ଜେଇ ଗଛ ନଷ୍ଟକଲା ପୋଲିସ

**ମାଲକାନଗିରି, ନ୍ୟୁଜ୍ ବ୍ୟୁରୋ**

ମାଲକାନଗିରି ଜିଲ୍ଲାରେ ବେଆଇନ୍ ଭାବେ ଚାଷ ହେଉଥିବା ନୀଳ ଜହର ତଥା ଗଞ୍ଜେଇ ଚାଷକୁ ନଷ୍ଟ କରିଛି ପୋଲିସ । ପ୍ରାୟ ୨୮ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ବେଆଇନ୍ ଗଞ୍ଜେଇ ଗଛ କାଟି ଏହାକୁ ପୋଡି ନଷ୍ଟ କରାଯାଇଥିବା ବେଳେ ଏହି ଗଞ୍ଜେଇ ଚାଷ ପଛରେ କିଏ କିଏ ଜଡିତ ଅଛନ୍ତି ତାହାର ମଧ୍ୟ ତନାଘନା କରୁଥିବା ଜଣାପଡିଛି । ସୂଚନା ଅନୁଯାୟୀ ମାଲକାନଗିରି ଥାନା ଅନ୍ତର୍ଗତ ବିଏଲ.ପୁର ପଞ୍ଚାୟତ ନିକଟବର୍ତ୍ତୀ ଧାଙ୍ଗଗୁଡା, ଗୋଟିଗୁଡା ଜଙ୍ଗଲରେ ବେଆଇନ୍ ଭାବେ ଗଞ୍ଜେଇ ଚାଷ ହେଉଥିବା ନେଇ ବିଶେଷ ସୂତ୍ରରୁ ପୋଲିସ ଖବର ପାଇଥିଲା । ଏହାପରେ ମାଲକାନଗିରି ଥାନା ଅଧିକାରୀ ରିଗାନ କିଣ୍ଡୋଙ୍କ ନିର୍ଦ୍ଦେଶ କ୍ରମେ ସବ୍‌ଇନ୍ସପେକ୍ଟର ସର୍ବେଶ୍ୱର ଭୋଇ, ଏଏସ୍‌ଆଇ ଅଜିତ ଷଡ଼ଙ୍ଗୀଙ୍କ ନେତୃତ୍ୱରେ ପୋଲିସ ଟିମ୍ ଉକ୍ତ ଗଞ୍ଜେଇ ଚାଷ ଉପରେ ଚଢ଼ଉ କରିଥିଲେ । ଉକ୍ତ ଜଙ୍ଗଲରେ ବେଆଇନ୍ ଭାବେ ହୋଇଥିବା ୧୧ ଏକର ଜଙ୍ଗଲ ଜମିରୁ ୧୬୫୦୦ ଗଞ୍ଜେଇ ଗଛ କାଟି ପୋଡି ନଷ୍ଟ କରିବା ସହ ସ୍ଥାନୀୟ ଲୋକଙ୍କୁ ଗଞ୍ଜେଇ ଚାଷ ଠାରୁ ଦୂରେଇ ରହିବାକୁ ସଚେତନ କରିଥିଲେ । ତେବେ ପରଦିନ ମଧ୍ୟ ସମାନ ରୂପେ ପୋଲିସ ପକ୍ଷରୁ ସିନ୍ଧ୍ରି ମାଳ ପଞ୍ଚାୟତସ୍ଥ ଭୀମରଙ୍ଗିଣୀ ଜଙ୍ଗଲରେ ହୋଇଥିବା ୯ ଏକର ଜମିରୁ ୧୨ ହଜାର ଗଞ୍ଜେଇ ଗଛ କାଟି ପୋଡି ନଷ୍ଟ କରଯାଇଥିଲା । ଏହି ଦୁଇଦିନର ଚଢ଼ଉରେ ପ୍ରାୟ ୨୮ ଲକ୍ଷ ୫୦ ହଜାର ଟଙ୍କାର ଗଞ୍ଜେଇ ଗଛ କଟାଯାଇ ଏହାକୁ ପୋଡି ନଷ୍ଟ କରାଯାଇଥିବା ନେଇ ଥାନା ଅଧିକାରୀ ଶ୍ରୀ କିଣ୍ଡୋ ସୂଚନା ଦେଇଛନ୍ତି ।

## ଜୀବନ ଯୁଦ୍ଧରେ ବିରାମ: ଶତାୟୁ ଶିକ୍ଷୟିତ୍ରୀ ବୀଣାପାଣି ଦାସଙ୍କ ପରଲୋକ

**ଧାମନଗର, ନ୍ୟୁଜ୍ ବ୍ୟୁରୋ**

ଧାମନଗର ବ୍ଲକ ଆନନ୍ଦପୁର ପଞ୍ଚାୟତର ଜଣେ ସୁନାମଧନ୍ୟ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ତଥା ଶତାୟୁ ମହିଳା ବୀଣାପାଣି ଦାସଙ୍କର ପରଲୋକ ଘଟିଛି । ମୃତ୍ୟୁ ବେଳକୁ ତାଙ୍କୁ ୧୦୧ ବର୍ଷ ବୟସ ହୋଇଥିଲା । ଜଣେ ଆଦର୍ଶ ଶିକ୍ଷୟିତ୍ରୀ ଓ ଧର୍ମପରାୟଣ ମହିଳା ଭାବେ ପରିଚିତ ବୀଣାପାଣିଙ୍କ ବିୟୋଗରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ସୂଚନା ଅନୁଯାୟୀ, ଗତ ବର୍ଷ ଜୁନ୍ ୪ ତାରିଖରେ ଏକ ମୃଦୁ ମସ୍ତିଷ୍କଘାତ ଯୋଗୁଁ ସେ ଅସୁସ୍ଥ ହୋଇପଡ଼ିଥିଲେ । ଏଥିରେ ତାଙ୍କର ହାତ ଓ ଗୋଡ଼ ଅଚଳ ହୋଇଯାଇଥିଲେ ମଧ୍ୟ ତ୍ୱରିତ ଚିକିତ୍ସା ଯୋଗୁଁ ସେ ସୁସ୍ଥ ହୋଇ ଘରକୁ ଫେରିଥିଲେ । ତେବେ ବାର୍ଦ୍ଧକ୍ୟ ଜନିତ କାରଣରୁ ସେ ଶଯ୍ୟାଶାୟୀ ଥିଲେ । ସମ୍ପ୍ରତି ପ୍ରବଳ ଶୀତ ଯୋଗୁଁ ମକର ସଂକ୍ରାନ୍ତି ଦିନଠାରୁ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ପୁଣି ବିଗିଡ଼ିବାରେ ଲାଗିଥିଲା । ଘରେ ଅକ୍ସିଜେନ୍ କନସେନଟ୍ରେଟର ସାହାଯ୍ୟରେ ତାଙ୍କୁ ରଖାଯାଇଥିବା ବେଳେ ଗତକାଲି ରାତି ପ୍ରାୟ ୮ଟା ପରେ ତାଙ୍କର ଅକ୍ସିଜେନ୍ ସାନ୍ଦ୍ରତା କମିବା ସହ ଶ୍ୱାସକ୍ରିୟା ଧିମେଇ ଯାଇଥିଲା । ଶେଷରେ ରାତି ୯ଟା ସମୟରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ । ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ଦୁଇ ପୁଅ, ବୋହୂ, ନାତିନାତୁଣୀ ଓ ଅଣନାତି-ନାତୁଣୀ ପ୍ରମୁଖ ଉପସ୍ଥିତ ଥିଲେ । ତାଙ୍କ ବଡ଼ପୁଅ ବିଜୟ କୁମାର ଦାସ ଜଣେ



ଅବସରପ୍ରାପ୍ତ କର୍ମଚାରୀ ତଥା ଆନନ୍ଦପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ଅଟନ୍ତି । ୧୯୨୫ ମସିହାରେ ଆନନ୍ଦପୁରଠାରେ ଜନ୍ମଗ୍ରହଣ କରିଥିବା ବୀଣାପାଣି ଶିକ୍ଷା ସମାପ୍ତ ପରେ ଶିକ୍ଷୟିତ୍ରୀ ବୃତ୍ତିକୁ ଆପଣେଇ ନେଇଥିଲେ । ସେ ନିଜର ଦୀର୍ଘ କର୍ମମୟ ଜୀବନ ମଧ୍ୟରେ ଦକ୍ଷିଣ କୁରୁଆ, ମାନଲାପୁର ଓ ପାହାଡ଼ପୁର ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷାଦାନ କରି ଅନେକ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଢ଼ିଥିଲେ । ଶେଷରେ ୧୯୯୧ ମସିହାରେ ସେ ଆନନ୍ଦପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ଅବସର ଗ୍ରହଣ କରିଥିଲେ । ଜଣେ ପୁରୁଖା ଶିକ୍ଷୟିତ୍ରୀ ଭାବେ ଅଞ୍ଚଳରେ ତାଙ୍କର ଅଗାଧ ସମ୍ମାନ ରହିଥିଲା । ତାଙ୍କ ପରଲୋକ ଖବର ପାଇବା ପରେ ଶେଷ ଦର୍ଶନ ପାଇଁ ତାଙ୍କ ବାସଭବନରେ ବହୁ ବିଶିଷ୍ଟ ବ୍ୟକ୍ତି, ସ୍ଥାନୀୟ ଜନସାଧାରଣ ଓ ପୁରାତନ ଛାତ୍ରଛାତ୍ରୀଙ୍କ ଭିଡ଼ ଜମିଥିଲା । ସମସ୍ତେ ସ୍ୱର୍ଗତ ଆତ୍ମାର ସଦ୍ ?ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି ।

## ଖଲ୍ଲିକୋଟ ଜୁନିୟର କଲେଜକୁ ଐତିହ୍ୟ ଘୋଷଣା ପରେ ସଂରକ୍ଷଣ ଓ ମରାମତି ଯୋଜନା

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ରାଜ୍ୟର ଅନ୍ୟତମ ପୁରାତନ ଉଚ୍ଚ ମାଧ୍ୟମିକ ଶିକ୍ଷାନୁଷ୍ଠାନ ତଥା ବ୍ରହ୍ମପୁରସ୍ଥିତ ଖଲ୍ଲିକୋଟ ଜୁନିୟର କଲେଜର ଶତାୟୁ କୋଠାକୁ ସରକାରଙ୍କ ପକ୍ଷରୁ ଐତିହ୍ୟ କୋଠା ଭାବେ ଘୋଷଣା କରାଯାଇଛି । ଐତିହ୍ୟ ଘୋଷଣା ପରେ ୧୯୧୩ ରେ ନିର୍ମାଣ ହୋଇଥିବା ଏହି କୋଠାକୁ ନବାଙ୍ଗି ସଂରକ୍ଷଣ ଏବଂ ମରାମତି ପାଇଁ ଯୋଜନା କରାଯାଇଛି । ରାଜ୍ୟରେ ଥିବା କନିଷ୍ଠ ମହାବିଦ୍ୟାଳୟ ଓ ଡ଼ିଗ୍ରୀ ମହାବିଦ୍ୟାଳୟ ମଧ୍ୟରୁ ପୁରାତନ ଶିକ୍ଷାନୁଷ୍ଠାନଗୁଡ଼ିକୁ ଐତିହ୍ୟ ଘୋଷଣା ନେଇ ସରକାରଙ୍କ ପକ୍ଷରୁ ୨୦୨୪ରେ ତଥ୍ୟ ମଗାଯାଇଥିଲା । ସେହିକ୍ରମରେ ଶିକ୍ଷା ବିଭାଗର ଆଚଂଳିକ ଉଚ୍ଚ ଶିକ୍ଷା ନିର୍ଦ୍ଦେଶକ ଗଞ୍ଜାମ ଓ ଗଜପତିରେ ଥିବା ମୋଟ ୫ଟି ପୁରାତନ କଲେଜର ନାଁ ସୁପାରିସ୍ କରିଥିଲେ । ବ୍ରହ୍ମପୁର ଖଲ୍ଲିକୋଟ ଜୁନିୟର କଲେଜ ଓ ରାମଧୀନ ସଂସ୍କୃତ କଲେଜ, ଆସିକାର ମେକ୍ ମାଇକେଲ ସଂସ୍କୃତ କଲେଜ, ଗଜପତି ଜିଲ୍ଲାର



ପାରଳାଖେମୁଣ୍ଡି ସ୍ଥିତ ଏମ୍ ?କେସିଜି କଲେଜ ଓ ସଂସ୍କୃତ କଲେଜର ନାଁ ପଠାଯାଇଥିଲା । ସେହିକ୍ରମରେ ସରକାରଙ୍କ ପକ୍ଷରୁ ବ୍ରହ୍ମପୁର ସ୍ଥିତ ଖଲ୍ଲିକୋଟ ଜୁନିୟର କଲେଜ ତଥା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସମେତ ଅନ୍ୟ ପୁରାତନ କଲେଜ କୋଠାଗୁଡ଼ିକୁ ଐତିହ୍ୟ ମାନ୍ୟତା ଘୋଷଣା କରାଯାଇଥିଲା । ଖଲ୍ଲିକୋଟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କୋଠାଟି ୧୯୧୩ ରେ ତତ୍କାଳୀନ ମାଡ୍ରାସ୍ ପ୍ରେସିଡେନ୍ସିର ଗଭର୍ଣ୍ଣର ଜନ୍ ବାରୋନ୍ ପେଂଟ୍‌ଲାଣ୍ଡ ଏହି କୋଠାକୁ ଉଦ୍‌ଘାଟନ କରିଥିବା ବେଳେ ୧୯୨୭ରେ ଖଲ୍ଲିକୋଟ ଓ ଆଠଗଡ଼ର ଜମିଦାର ତଥା ବିଧାନ ପରିଷଦ ସଦସ୍ୟ ରାମଚନ୍ଦ୍ର ଦେଓ ଏହାକୁ ଉଦ୍‌ଘାଟନ କରିଥିଲେ । ସେତେବେଳେ ଖଲ୍ଲିକୋଟ କଲେଜ ଜମିକୁ ଏହି କୋଠା ଦାନ କରାଯାଇଥିଲା । ୧୮୫୬ରେ ଆରମ୍ଭ ହୋଇଥିବା ଏହି ଉଚ୍ଚ ମାଧ୍ୟମିକ ଶିକ୍ଷାନୁଷ୍ଠାନ ୧୮୭୮ରେ ଇଂଟରମେଡ଼ିଏଟ୍ କଲେଜ ଭାବେ ଏବଂ ୧୮୯୩ ରେ ଖଲ୍ଲିକୋଟ କଲେଜ ଭାବେ ନାମିତ ହୋଇଥିଲା । ୧୯୧୩ ରେ ନୂତନ ଭାବେ ଏହି ୨ ମହଲା କୋଠା ନିର୍ମାଣ ହେବା ପରେ ଦକ୍ଷିଣ ଓଡ଼ିଶାରେ ଉଚ୍ଚଶିକ୍ଷା ପାଇଁ ଏକ ବଡ଼ ଭିତିଭୂମି ସ୍ଥାପନ ହୋଇଥିଲା । କାଳକ୍ରମେ ଯୁକ୍ତ ୩ ଖୋଲିବା ସହ ସମ୍ମୁଖରେ ନୂତନ କୋଠା ନିର୍ମାଣ କରାଯାଇଥିଲା । ହେଲେ ବ୍ରିଟିଶ୍ ଅମଳରେ ନିର୍ମିତ ହୋଇଥିବା ୧୧୩ ବର୍ଷ ପୁରୁଣା ଏହି କୋଠାର ଉପର ମହଲାରେ ବସି ଆଜି ମଧ୍ୟ ଛାତ୍ରଛାତ୍ରୀମାନେ ପାଠ ପଢୁଥିବା ବେଳେ ତଳ ମହଲାରେ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ଚାଲୁଛି । ଖଲ୍ଲିକୋଟ ଜୁନିୟର କଲେଜରେ ୩୦୦୦ ରୁ ଅଧିକ ଛାତ୍ରଛାତ୍ରୀ ପାଠ ପଢୁଥିବା ବେଳେ ହେଲେ ଆବଶ୍ୟକୀୟ ଭିତିଭୂମି ଅଭାବ ରହିଛି । ବହୁ ବର୍ଷ ହେବ ଏଠାକାର ଛାତ୍ରଛାତ୍ରୀ ସକାଳୁ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ କୋଠାକୁ ଯାଇ ସେଠାକାର ଶ୍ରେଣୀଗୃହରେ ବସି ନିଜ ପାଠ ପଢ଼ିବାକୁ ବାଧ୍ୟ ହେଉଛନ୍ତି । ତେବେ ଖଲ୍ଲିକୋଟ ଜୁନିୟର କଲେଜରେ ଭିତିଭୂମି ବିକାଶ ପାଇଁ ଆଜକୁ କିଛି ବର୍ଷ ତଳେ ୧୧ କୋଟି ଟଙ୍କା ମଞ୍ଜୁର ହୋଇଥିଲା । ହେଲେ କୌଣସି କାରଣରୁ ଭିତିଭୂମି ନିର୍ମାଣ ହୋଇନ ପାରି ସେହି ଟଙ୍କା ଫେରି ଯାଇଥିଲା । ଏହା ଭିତରେ ଗଣଶିକ୍ଷା ବିଭାଗର ନିର୍ଦ୍ଦେଶ ପ୍ରକାରେ ଏହି ଶିକ୍ଷାନୁଷ୍ଠାନକୁ ଅନ୍ୟ କୌଣସି ଉଚ୍ଚ ବିଦ୍ୟାଳୟ ସହ ମିଶାଇ ଦେବାକୁ ଯୋଜନା ହୋଇଛି । ଏଭଳି ସ୍ଥିତିରେ ଏହାର ଶତାୟୁ କୋଠାକୁ ଐତିହ୍ୟ ଘୋଷଣା କରାଯାଇଛି । ଐତିହ୍ୟ ଘୋଷଣା ପରେ ଏହି କୋଠାକୁ ଭଙ୍ଗା ଯାଇପାରିବେ ନାହିଁ । କେବଳ ଏହାର ମରାମତି କରି ରଖାଯିବ ବୋଲି କୁହାଯାଉଛି । ଦକ୍ଷିଣ ଓଡ଼ିଶାର ଉଚ୍ଚ ଶିକ୍ଷାର ମୂକସାକ୍ଷୀ ପାଲଟିଥିବା ଏହି କୋଠା ଭବିଷ୍ୟତ ପିଢ଼ୀକୁ ଇତିହାସ ବଖାଣିବ ବୋଲି କୁହାଯାଉଛି ।

## ଜେକେ ପେପର୍ ମିଲ୍ସକୁ ଗ୍ରୀନ୍ ଏନଭାଇରୋ ସେଫ୍ଟି ପୁରସ୍କାର

**ଜୟକେପୁର, ନ୍ୟୁଜ୍ ବ୍ୟୁରୋ**




ଜେକେ ପେପର୍ ମିଲ୍ସକୁ ଜାତୀୟ ସ୍ତରର ଗରିମାମୟ ଗ୍ରୀନ୍ ଏନଭାଇରୋ ସେଫ୍ଟି ପୁରସ୍କାର ଜୟକେପୁର କାର୍ଯ୍ୟସ୍ଥଳ ସୁରକ୍ଷା କ୍ଷେତ୍ରରେ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ଜେକେପୁର ସ୍ଥିତ ଜେକେ ପେପର୍ ମିଲ୍ସକୁ "ଦ୍ୱିତୀୟ ବାର୍ଷିକ ଗ୍ରୀନ୍ ଏନଭାଇରୋ ସେଫ୍ଟି ଏକ୍ସେଲେନ୍ସ ଆୱାର୍ଡ-୨୦୨୬"ର ପ୍ଲାଟିନମ୍ ଶ୍ରେଣୀ ପୁରସ୍କାରରେ ସମ୍ମାନିତ କରାଯାଇଛି । ଏହି ପୁରସ୍କାରଟି ଗ୍ରୀନ୍ ଏନଭାଇରୋ ଫାଉଣ୍ଡେସନ୍, ନୂଆଦିଲ୍ଲୀ ଦ୍ୱାରା ପେପର୍ ସେକ୍ଟରରେ ଜେକେ ପେପର୍ ମିଲ୍ସର ଉତ୍କୃଷ୍ଟ ସେବାକୁ ସ୍ୱୀକୃତି ସ୍ୱରୂପ ପ୍ରଦାନ କରାଯାଇଛି । ଗୋଆରେ ୧୨ ଜାନୁଆରୀ ୨୦୨୬ ତାରିଖରେ ଆୟୋଜିତ ଏକ ଭବ୍ୟ ସମାରୋହରେ, ଏହି ପୁରସ୍କାରଟି ଭାରତ ସରକାରଙ୍କ ନୂତନ ଓ ନବୀକରଣ ଶକ୍ତି ମନ୍ତ୍ରଣାଳୟର ମାନନୀୟ ରାଜ୍ୟମନ୍ତ୍ରୀ ଶ୍ରୀପାଦ ଯେସୋ ନାଏକଙ୍କ ଜେକେ ପେପର୍ ମିଲ୍ସର ମହାପ୍ରବନ୍ଧକ ସତ୍ୟଜିତ ମହାନ୍ତିଙ୍କୁ ପ୍ରଦାନ କରିଥିଲେ । ଏହି ସଫଳତାକୁ ନେଇ କମ୍ପାନୀ ପକ୍ଷରୁ ସମସ୍ତ କର୍ମଚାରୀଙ୍କ ନିଷ୍ଠା, ପରିଶ୍ରମ ଓ ପ୍ରତିବଦ୍ଧତାକୁ ମୁଖ୍ୟ କାରଣ ଭାବେ ଉଲ୍ଲେଖ କରାଯାଇଛି । ବିନୟ ଦ୍ୱିବେଦୀ, କାର୍ଯ୍ୟନିର୍ବାହୀ ଉପସଭାପତି କାର୍ମିକ ସମସ୍ତ କର୍ମଚାରୀଙ୍କୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି ।

# କଟକରେ ସ୍ୱଚ୍ଛ ପରିବେଶର ନୂଆ ପରିଚୟ 'ଗରିମା' ଯୋଜନା

**କଟକ, ନ୍ୟୁଜ ବ୍ୟୁରୋ**

କଟକ ମହାନଗର ନିଗମ ଅଧୀନରେ ଥିବା ଫେକାଲ୍ ସ୍ଲଜ୍ ଟ୍ରିଟମେଣ୍ଟ ପ୍ଲାଣ୍ଟ ବା ବର୍ଜ୍ୟବସ୍ତୁ ବିଶୋଧନାଗାର ମାତାଗଜପୁର ଠାରେ ଅବସ୍ଥିତ। ଏହି ପ୍ଲାଣ୍ଟ ସହରର ସ୍ୱଚ୍ଛତା ଏବଂ ପରିବେଶ ସୁରକ୍ଷା ପାଇଁ ବୈଜ୍ଞାନିକ ଉପାୟରେ ବର୍ଜ୍ୟବସ୍ତୁ ବିଶୋଧନ କରେ। ରାଜ୍ୟ ସରକାରଙ୍କ 'ଗରିମା' ଯୋଜନା ଅଧୀନରେ ତୃତୀୟ ଲିଙ୍ଗୀ କର୍ମୀମାନଙ୍କ ଦ୍ୱାରା ଏହି ପ୍ଲାଣ୍ଟ ପରିଚାଳିତ ହେଉଛି, ଯାହା ସାମାଜିକ ସଶକ୍ତିକରଣର ଏକ ଉଦାହରଣ। ସେପ୍ଟିକ ଟ୍ୟାଙ୍କରୁ ସଂଗୃହିତ ବର୍ଜ୍ୟବସ୍ତୁକୁ ଏଠାରେ ବିଶୋଧନ କରାଯାଏ । ଏହି ପ୍ଲାଣ୍ଟରେ ଉନ୍ନତ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରି କଠିନ ଏବଂ ତରଳ ବର୍ଜ୍ୟବସ୍ତୁକୁ ଅଲଗା କରି ବିଶୋଧନ କରାଯାଏ। ଉଗଉ ତରଫରୁ ଏହି ପ୍ଲାଣ୍ଟ ମାଧ୍ୟମରେ ସହରର ଉତ୍ପନ୍ନ ବର୍ଜ୍ୟଜଳକୁ ବିଶୋଧନ କରି କାଠଯୋଡ଼ି ନଦୀରେ ଛାଡ଼ିବା ପୂର୍ବରୁ ସଫା କରାଯାଏ। ଏହି ପ୍ଲାଣ୍ଟଗୁଡିକରୁ ବାହାରୁଥିବା ବିଶୋଧିତ ବର୍ଜ୍ୟବସ୍ତୁକୁ ସାର ଭାବରେ ମଧ୍ୟ ବ୍ୟବହାର କରାଯାଏ । ରଝଞ୍ଚଚ ପ୍ଲାଣ୍ଟ ଓଡ଼ିଶାର ସହରାଞ୍ଚଳରେ ନୀରବ ଏବଂ ଶକ୍ତିଶାଳୀ ବିପ୍ଳବ ଦେଖୁଛି। ଏଠାରେ କଟକ ମ୍ୟୁନିସିପାଲ୍ କର୍ପୋରେସନ୍ ମାନକ ଭିତ୍ତିଭୂମି ପରିଚାଳନାରୁ ଆଗକୁ ବଢ଼ି ସାମାଜିକ ସମାନତାକୁ ସମର୍ଥନ କରିଛି। ଏହି ସୁବିଧା ଆଉ କେବଳ ଏକ ପରିମଳ ୟୁନିଟ୍ ନୁହେଁ। ଏହା ଗର୍ବର ପ୍ରତୀକ ପାଲଟିଛି। ଏହି ପ୍ଲାଣ୍ଟଟି ୭ ଉତ୍ସର୍ଗୀକୃତ ବ୍ୟକ୍ତି - ଯାହାଙ୍କୁ 'ସେଭେନ ସୁପରହ୍ୟୁମାନ' କୁହାଯାଏ। ଏହି ପ୍ଲାଣ୍ଟ ପରିଚାଳନା କରୁଥିବା ୭ ଜଣ ତୃତୀୟ ଲିଙ୍ଗୀ କର୍ମୀଙ୍କୁ 'ସୁପରହ୍ୟୁମାନ୍ସ' ବୋଲି ବିବେଚନା କରାଯାଏ। ଯେଉଁମାନେ ସାମାଜିକ ବର୍ଜନରୁ ମୁକ୍ତି ପାଇ ଏହି ସମ୍ମାନଜନକ କାର୍ଯ୍ୟ କରୁଛନ୍ତି। ଏହି ପରିବର୍ତ୍ତନର ନେତୃତ୍ୱ ନେଉଛନ୍ତି ସ୍ୱୟଂ ସହାୟକ ଗୋଷ୍ଠୀର ସମ୍ପାଦକ ସୁଶ୍ରୀ ସୀତାଲ ବସ୍ତିଆ ଏବଂ ସଭାପତି ତନୁଶ୍ରୀ ବେହେରା ଓ ସଦସ୍ୟ ସିବାନେ, ପ୍ରୀତମ ସିଂହ, ସୁମନ, ଟିକି ଏବଂ ରଞ୍ଜନ କୁମାର ସାହୁ। ଏହି ପ୍ଲାଣ୍ଟର ଦୈନିକ ୬୦ କେଏଲଡି ମଳ ପଙ୍କ ଉପଚାର କରିବାର କ୍ଷମତା ରହିଛି। ଏହା ସହିତ ୧୩ଟି ସେସପୁଲ୍ ଗାଡ଼ି ଓ ସେଥିରେ ନିୟୋଜିତ ତାଲିମପ୍ରାପ୍ତ ଚାଳକ ଏବଂ ହେଲପରଙ୍କ ସହାୟତାରେ କଟକ ସହରର ବିଭିନ୍ନ ଘର ଓ ବ୍ୟବସାୟିକ ପ୍ରତିଷ୍ଠାନରୁ ନିୟମିତ ଭାବେ ମଳ ସଂଗ୍ରହ କରାଯାଉଛି। ପ୍ରତିମାସରେ ଶତାଧିକ ଟ୍ରିପ୍ ମାଧ୍ୟମରେ ସଂଗୃହିତ ପଙ୍କର ବୈଜ୍ଞାନିକ ପଦ୍ଧତିରେ ଉପଚାର କରାଯାଇ ପରିବେଶ ଏବଂ ଜନସ୍ୱାସ୍ଥ୍ୟ ପ୍ରତି ଥିବା ବିପଦକୁ ରୋକାଯାଇ ପାରୁଛି। ସମାଜର ମୁଖ୍ୟ ସ୍ରୋତରୁ ଦୂରେଇ ରହିଥିବା ଏହି ଟ୍ରାନ୍ସଜେଣ୍ଡରମାନଙ୍କ ସଫଳ ଯାତ୍ରା ସରକାରଙ୍କ ନୀତିର ପରିଚୟ ଦେଉଛି। ଦିନେ ବଞ୍ଚିବା ପାଇଁ ସଂଘର୍ଷ କରୁଥିବା ଏହି କିନ୍ନରମାନେ ଆଜି ଏକ ସମ୍ମାନଜନକ ଜୀବିକା ସହିତ ସାମାଜିକ ସ୍ୱୀକୃତି ଲାଭ କରିପାରିଛନ୍ତି।କଟକରେ ଜନସ୍ୱାସ୍ଥ୍ୟ ବିପଦ ହ୍ରାସ କରିବା ଏବଂ ପରିବେଶଗତ ମାନଦଣ୍ଡ ବଜାୟ ରଖିବା ପାଇଁ ଏହି ପଦ୍ଧତି ନୂଆ ବିପ୍ଳବ ଆଣିଛି।




ତେଲ ମାଫିଆଙ୍କ ଉନ୍ମତ୍ତ କାଣ୍ଡ

# ସାମ୍ବାଦିକଙ୍କୁ ମରଣାନ୍ତକ ଆକ୍ରମଣ : ୩ ଗିରଫ

**ଝାରସୁଗୁଡ଼ା, ନ୍ୟୁଜ ବ୍ୟୁରୋ**

ଜିଲ୍ଲା ବିମାନବନ୍ଦର ଥାନା ଅନ୍ତର୍ଗତ ଆଇଓସିଏଲ୍ ଡିପୋ ନିକଟରେ ଶୁକ୍ରବାର ଦିନ ତେଲ ମାଫିଆଙ୍କ କଳା କାରନାମାର ପର୍ଦ୍ଦାଫାଶ କରିବାକୁ ଯାଇ ତିନି ଜଣ ସାମ୍ବାଦିକ ମରଣାନ୍ତକ ଆକ୍ରମଣର ଶିକାର ହୋଇଛନ୍ତି। ଏହି ଘଟଣା ସାରା ରାଜ୍ୟରେ ଚାଞ୍ଚଲ୍ୟ ଖେଳାଇ ଦେଇଥିବା ବେଳେ ପୋଲିସ ଏହି ମାମଲାରେ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ସୂଚନା ଅନୁଯାୟୀ, ଗତ କିଛି ମାସ ହେବ ଆଇଓସିଏଲ୍ ଡିପୋ ନିକଟରେ ଡିଜେଲ ଚୋରି ହେଉଥିବା ଖବର ପାଇ ଶୁକ୍ରବାର ପୂର୍ବାହ୍ନ ପ୍ରାୟ ୧୧ଟା ସମୟରେ 'କନକ ନ୍ୟୁଜ୍'ର ପ୍ରତିନିଧି ବିକ୍ରମ କେଶରୀ ମହାପାତ୍ର, 'ସମ୍ବାଦ' ପ୍ରତିନିଧି ତେଜେଶ୍ୱର ମହାପାତ୍ର ଓ ସେମାନଙ୍କର ଜଣେ ସହଯୋଗୀ ସେଠାକୁ ଖବର ସଂଗ୍ରହ ପାଇଁ ଯାଇଥିଲେ। ସାମ୍ବାଦିକମାନେ ତେଲ ଚୋରିର ଭିଡିଓ ଉତ୍ତୋଳନ କରୁଥିବା ସମୟରେ ତେଲ ମାଫିଆମାନେ ସେଠାରେ ପହଞ୍ଚି ସେମାନଙ୍କୁ ସଂଘବଦ୍ଧ ଆକ୍ରମଣ କରିଥିଲେ। ଅଭିଯୁକ୍ତମାନେ ଏକ କାର୍ ସାମ୍ବାଦିକଙ୍କ ଉପରକୁ ଚଢ଼ାଇ ହତ୍ୟା ଉଦ୍ୟମ କରିବା ସହ ବେସବଲ୍ ଷ୍ଟିକରେ ନିର୍ଦ୍ଧୁମ ମାଡ଼ ମାରିଥିଲେ। କେବଳ ସେତିକି ନୁହେଁ, ବନ୍ଧୁକ ଓ ଛୁରି ଦେଖାଇ ଭୟଭୀତ କରିବା ସହ କ୍ୟାମେରାରୁ ସମସ୍ତ ଭିଡିଓ ଡିଲିଟ୍ କରିବାକୁ ବାଧ କରିଥିଲେ। ଏହି ଘଟଣା ପରେ ବିମାନବନ୍ଦର ଥାନା ପୋଲିସ ତୁରନ୍ତ ତଦନ୍ତ ଆରମ୍ଭ କରିଥିଲା। ଥାନାଧିକାରୀ ବନ୍ଦନା ନାୟକଙ୍କ ନେତୃତ୍ୱରେ ପୋଲିସ ଟିମ୍ ଚଢ଼ାଉ କରି ଶୁକ୍ରବାର ସନ୍ଧ୍ୟା ୭:୩୦ ସୁଦ୍ଧା ୩ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ: ବୁଲୁ ରଣବିଦା (୨୬), ମଙ୍ଗଳବଜାର, ସରୋଜ କିଷାନ (୨୨), ବନ୍ଦରପଡ଼ା ଏବଂ ଦୁର୍ଗା କିଷାନ (୩୪), ବନ୍ଦରପଡ଼ା। ଅଭିଯୁକ୍ତଙ୍କ ବିରୋଧରେ ଭାରତୀୟ ନ୍ୟାୟ ସଂହିତା (ଇଘଝ) ର ଧାରା ୧୦୯(୧) (ହତ୍ୟା ଉଦ୍ୟମ) ଏବଂ ଆର୍ମସ୍ ଆକ୍ଟ ଅନୁଯାୟୀ ମାମଲା ରୁଜୁ କରାଯାଇଛି। ଘଟଣାସ୍ଥଳରୁ ପୋଲିସ ଆକ୍ରମଣରେ ବ୍ୟବହୃତ କାର୍ ଓ ବେସବଲ୍ ଷ୍ଟିକ୍ ଜବତ କରିଛି। ସାମ୍ବାଦିକଙ୍କ ଉପରେ ଏହି ବର୍ବରୋଚିତ ଆକ୍ରମଣକୁ ଓଡ଼ିଶା ୟୁନିଅନ ଅଫ୍ ଜର୍ଣ୍ଣାଲିଷ୍ଟ (ଡଟଔ) ଏବଂ ବିଭିନ୍ନ ସାମ୍ବାଦିକ ସଂଘ ପକ୍ଷରୁ ତୀବ୍ର ନିନ୍ଦା କରାଯାଇଛି। ସଂଘର ସଭାପତି ପ୍ରସନ୍ନ କୁମାର ମହାନ୍ତି ସୋସିଆଲ ମିଡିଆ ଜରିଆରେ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ଏବଂ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇବା ସହ କଠୋର ଦଣ୍ଡ ଦାବି କରିଛନ୍ତି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଏହି ଅଞ୍ଚଳରେ ଏକ ବଡ଼ ଧରଣର ତେଲ ଚୋରି ସିଣ୍ଡିକେଟ୍ ସକ୍ରିୟ ରହିଛି। ପୋଲିସ ବର୍ତ୍ତମାନ ଫେରାର ଥିବା ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ତଲାସି ଅଭିଯାନ ଜାରି ରଖିଛି।

**ଆକ୍ରମଣକୁ ସାମ୍ବାଦିକ ସଂଘର ନିନ୍ଦା**

# ହାଇୱା ଧକ୍କାରେ ସାଇକେଲ ଆରୋହୀ ମୃତ

**ଧର୍ମଶାଳା, ନ୍ୟୁଜ ବ୍ୟୁରୋ**

ଜେନାପୁର ଥାନା ଅନ୍ତର୍ଗତ ବରଡ଼ା ଡଙ୍କାରୀ ରାସ୍ତାର କାଦୁଆ ମାଗୁରା ଛକ ନିକଟରେ ଚିପ୍ସ ବୋଝେଇ ହାଇୱା ଧକ୍କାରେ ଜଣେ ସାଇକେଲ ଆରୋହୀର ମୃତ୍ୟୁଘଟିଛି। ସୂଚନା ଅନୁଯାୟୀ ଶନିବାର ସନ୍ଧ୍ୟାରେ କାଦୁଆ ମାଗୁରାଗ୍ରାମର ବାସୁଦେବସାହୁ (୭୦)ନିଜ ସାଇକେଲରେ ବଜାରରୁ ଫେରୁଥିବାବେଳେ ହାଇୱା ଚଢିଯାଇଥିଲା। ଫଳରେ ଘଟଣାସ୍ଥଳରେ ବାସୁଦେବଙ୍କର ମୃତ୍ୟୁଘଟିଛ। ଦୁର୍ଘଟଣାପରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ୟକ୍ତ ଲୋକମାନେ ଗାଡିରେ ନିଆଁ ଲଗାଇଦେଇଥିଲେ। କ୍ଷତିପୁରଣ ଦାବିରେ ରାସ୍ତା ଅବରୋଧ କରିଥଲେ। ଜେନାପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ବୁଝାସୁଝା କରିବା ପରେ ପରିସ୍ଥିତ ଶାନ୍ତ ପଡିଛି। ସୂଚନାଯୋଗ୍ୟ ଯେ ସେହି ରାସ୍ତାରେ ବାରମ୍ବାର ଦୁର୍ଘଟଣା ଘଟିଜୀବନ ହାନି ଘଟୁଥିବା ବେଳେ ପ୍ରଶାସନପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନଥିବାରୁ ଅସନ୍ତୋଷ ବୃଦ୍ଧିପାଉଛି।



# +୨ ସାର୍ଟିଫିକେଟ ଓ ମାର୍କ ସିଟ୍ ଯାଞ୍ଚ ଫିସ୍ ହ୍ରାସ ଦାବି

**ବାରିପଦା, ନ୍ୟୁଜ ବ୍ୟୁରୋ**

+୨ ସାର୍ଟିଫିକେଟ ଓ ମାର୍କ ସିଟ୍ ଯାଞ୍ଚ ଫିସ୍ ହ୍ରାସ ଦାବିରେ ଏଆଇଡିଏସଓ ପକ୍ଷରୁ ବାରିପଦା ସ୍ଥିତ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ କାର୍ଯ୍ୟାଳୟ ସଚିବଙ୍କ ଜରିଆରେ ଗଣଶିକ୍ଷା ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଗତ ୧୨ ଜାନୁଆରୀ ଏକ ବିଜ୍ଞପ୍ତି ମାଧ୍ୟମରେ +୨ ସାର୍ଟିଫିକେଟ ଓ ମାର୍କ ସିଟ ଯାଞ୍ଚ ଫିସ୍ ଦୁଇ ଗୁଣା ବୃଦ୍ଧି କରାଯାଇଛି। ଏହି ଅତ୍ୟନ୍ତ ଅଗଣତାନ୍ତ୍ରିକ ଓ ଛାତ୍ରଛାତ୍ରୀଙ୍କ ଚରମ ସ୍ୱାର୍ଥ ବିରୋଧୀ ଫିସ ବୃଦ୍ଧିକୁ ଆମେ ଅଲ୍ ଇଣ୍ଡିଆ ଡେମୋକ୍ରାଟିକ ଷ୍ଟୁଡେଣ୍ଟସ ଅର୍ଗାନାଇଜେସନ୍ (ଏଆଇଡିଏସଓ) ପକ୍ଷରୁ ଦୃଢ ବିରୋଧ କରୁଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ଜନସାଧାରଣଙ୍କ ଟିକସ ବିନିମୟରେ ଗଢି ଉଠିଥିବା ରାଜକୋଷରୁ ଶିକ୍ଷାର ସମସ୍ତ ବ୍ୟୟ ଭାର ବହନ କରିବା ହିଁ ସରକାରଙ୍କ ନୈତିକ ଦାୟିତ୍ୱ ଓ କର୍ତ୍ତବ୍ୟ ଅଟେ। ଅଥଚ ସରକାର ନିଜ କର୍ତ୍ତବ୍ୟ ପାଳନରୁ ଓହରିଯାଇ ଅତ୍ୟନ୍ତ ଅନ୍ୟାୟ ଓ ଅଗଣତାନ୍ତ୍ରିକ ଭାବେ ବିଭିନ୍ନ ସମୟରେ ଛାତ୍ରଛାତ୍ରୀଙ୍କ ଉପରେ ଫିସ ବୃଦ୍ଧିର ବୋଝ ଲଦି ଚାଲିଛନ୍ତି। ଏହି ଶିକ୍ଷା ଓ ଛାତ୍ରଛାତ୍ରୀଙ୍କ ସ୍ୱାର୍ଥ ବିରୋଧୀ +୨ ସାର୍ଟିଫିକେଟଓ ମାର୍କ ସିଟ ଯାଞ୍ଚ ଫିସ୍ ବୃଦ୍ଧି ଅବିଳମ୍ବେ ପ୍ରତ୍ୟାହାର କରିବା ପାଇଁ ଏଆଇଡିଏସଓ ପକ୍ଷରୁ ଆମେ ଦୃଢ ଦାବି କରୁଛନ୍ତି। ଏହି କାର୍ଯ୍ୟକ୍ରମରେ ସମ୍ପାଦକ ଫୁଲଚାନ୍ଦ ଲୋହାର, ଜିଲ୍ଲା ଅଫିସ ସମ୍ପାଦକ ଯତୀନ ବାନାରା, ଜିଲ୍ଲା କମିଟି ସଦସ୍ୟ ବିର୍ସା ମୁଣ୍ଡା, ପୂର୍ଣ୍ଣଚନ୍ଦ୍ର ଦାସ, ବାଜିରାଉତ୍ ଦାସ ପ୍ରମୁଖ ଉପସ୍ଥିତ ଥିଲେ।




# ବହ୍ନିକନ୍ୟା ପାର୍ବତୀଗିରିଙ୍କ ଜନ୍ମ ଶତବାର୍ଷିକୀ ଅବସରରେ ସମୂହ ସଫେଇ କାର୍ଯ୍ୟକ୍ରମ

**ବରଗଡ଼, ନ୍ୟୁଜ ବ୍ୟୁରୋ**

ପୂଜ୍ୟ ସ୍ୱାଧୀନତା ସଂଗ୍ରାମୀ ବହ୍ନିକନ୍ୟା ପାର୍ବତୀଗିରିଙ୍କ ଜନ୍ମ ଶତବାର୍ଷିକୀ ପାଳନ ଉପଲକ୍ଷେ ତାଙ୍କ ଜନ୍ମମାଟି ସମଲାଇପଦର ଗ୍ରାମରେ ଏକ ସାମୁହିକ ସଫେଇ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ବିଜେପୁର ବିଧାୟକ ସନତ ଗଡ଼ତିଆ ଉକ୍ତ ସଫେଇ କାର୍ଯ୍ୟକ୍ରମରେ ସାମିଲ ହୋଇ କହିଥିଲେ ଯେ, 'ପାର୍ବତୀଗିରିଙ୍କୁ ସାହସ, ତ୍ୟାଗ ଏବଂ ସହାନୁଭୂତିର ପ୍ରତୀକ ଭାବରେ ମନେ ରଖାଯାଏ। ତାଙ୍କ ଜୀବନ ଦେଶ ଏବଂ ଏହାର ଲୋକଙ୍କ ପ୍ରତି ନିଃସ୍ୱାର୍ଥପର ସେବାର ଏକ ଉଜ୍ଜ୍ୱଳ ଉଦାହରଣ,' ତେଣୁ ସମସ୍ତେ ତାଙ୍କ ପଥ ଅନୁସରଣ କରିବା ସହ ବିକଶିତ ବରଗଡ଼ ତଥା ବିକଶିତ ଭାରତ ଗଠନରେ ସହାୟକ ହେବା । ପାର୍ବତୀଗିରିଙ୍କ ସେବା ଏବଂ ତ୍ୟାଗର ଆଦର୍ଶକୁ ଶ୍ରଦ୍ଧାଞ୍ଜଳି ଜଣାଇବା ଉଦ୍ଦେଶ୍ୟ ନେଇ ଜିଲ୍ଲା ପ୍ରଶାସନ ତଥା ଜିଲ୍ଲା ଜଳ ଓ ପରିମଳ ମିଶନ, ବିଜେପୁର ବ୍ଲକ ପ୍ରଶାସନ, ବିଜେପୁର ପୌରପାଳିକା ଏବଂ ଅନ୍ୟାନ୍ୟ ସ୍ଥାନୀୟ ଅନୁଷ୍ଠାନର ସହଯୋଗରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ସ୍ଥାନୀୟ ଗ୍ରାମବାସୀ, ବିଜେପୁର ବ୍ଲକ-ଏନଏସି କର୍ମଚାରୀ ତଥା ଅଧିକାରୀ, ବିଶିଷ୍ଟ ବ୍ୟକ୍ତିବିଶେଷ, ଏବଂ ସମଲାଇପଦର ପାର୍ବତୀଗିରି ବୃଦ୍ଧାଶ୍ରମ କମିଟିର ସମସ୍ତ ସଦସ୍ୟ ଯୋଗଦେଇ ମାନବତା ଏବଂ ସାମାଜିକ ନ୍ୟାୟ ପ୍ରତି ସ୍ୱର୍ଗତ ପାର୍ବତୀଗିରିଙ୍କ ଅଟଳ ପ୍ରତିବଦ୍ଧତାକୁ ସ୍ମୃତିଚାରଣ କରିବା ସହ ଗ୍ରାମକୁ ସଫା କରି ଜିଲ୍ଲାର ସମସ୍ତ ଗ୍ରାମର ସ୍ୱଚ୍ଛତା ଏବଂ ପବିତ୍ରତା ବଜାୟ ରଖିବା ପାଇଁ ବାର୍ତ୍ତା ଦେଇଥିଲେ ।



# ସର୍ଭେ ଓ ଏନ୍‌ଫୋର୍ସମେଣ୍ଟ୍ ସ୍କ୍ୱାଡ୍ ମଧ୍ୟରେ ରହୁନି ସମନ୍ୱୟ

**ବ୍ରହ୍ମପୁର, ନ୍ୟୁଜ ବ୍ୟୁରୋ**

ବିଇଏମସିକୁ ଜବରଦଖଲ ଚିନ୍ତା । ଜବରଦଖଲ ଯୋଗୁଁ ଟ୍ରାଫିକ୍ ସମସ୍ୟା ସହିତ ରାଜସ୍ୱ ହାନୀ ଭଳି ଅନେକ ସମସ୍ୟା ସୃଷ୍ଟି ହେଉଛି । ସେପଟେ ଏନ୍‌ଫୋର୍ସମେଂଟ୍ ସ୍କ୍ୱାଡ୍ ଜରିଆରେ ଜବରଦଖଲ ମୁକ୍ତ କରାଯାଉଥିଲେ ହେଁ ନିୟମିତ ବ୍ୟବଧାନରେ ଆକ୍ୱନ୍ ହେଉନାହିଁ । ଫଳରେ ଜବଦରଖଲ ହ୍ରାସ ପରିବର୍ତ୍ତେ ବଢୁଛି । ସେପଟେ ବିଭିନ୍ନ କ୍ଷେତ୍ରରେ ଜବଦରଖଲ ଉଚ୍ଛେଦ କାର୍ଯ୍ୟରେ ନିୟୋଜିତ ବିଇଏମ୍‌ସିର ସର୍ଭେ ଓ ଏନ୍‌ଫୋର୍ସମେଂଟ୍ ସ୍କ୍ୱାଡ୍ ମଧ୍ୟରେ ସମନ୍ୱୟ ରହୁନଥିବା ବେଳେ ପୋଲିସର ଅଭାବ ମଧ୍ୟ ଅନ୍ୟ ଏକ କାରଣ ବୋଲି ଜଣାପଡ଼ିଛି। ଯାହାକୁ ନେଇ ସହରରେ ବିଇଏମ୍‌ସି ପକ୍ଷରୁ ହେଉଥିବା ଜବରଦଖଲ ଉଚ୍ଛେଦ ଅଭିଯାନ ପ୍ରଭାବିତ ହୋଇଛି। ଏସବୁକୁ ନେଇ ମେୟର ସଂଘମିତ୍ରା ଦଳେଇ ଏକ ସମନ୍ୱୟ ବୈଠକ ଡ଼ାକି ସମୀକ୍ଷା କରିଛନ୍ତି । ବୈଠକରେ ମେୟରଙ୍କ ସମେତ ଡ଼େପୁଟି ମେୟର ଇ. ବିବେକ୍ ରେଡ୍ଡି, ଡ଼େପୁଟି କମିଶନର କଲ୍ୟାଣୀ ସଂଘମିତ୍ରା ଦେବୀ, ଆସଷ୍ଟାଂଟ୍ କମିଶନର ରୋନିତ କୁମାରଙ୍କ ସମେତ ଉଭୟ ସର୍ଭେର ଓ ଏନ୍‌ଫୋସ୍‌ମେଣ୍ଟ୍ ସ୍କ୍ୱାଡ୍‌ର ସଦସ୍ୟ ଓ ଦାୟିତ୍ୱରେ ଥିବା ଅଧିକାରୀ ଉପସ୍ଥିତ ଥିଲେ । ବୈଠକରେ ମୁଖ୍ୟତଃ ଜବରଦଖଲ ଉଚ୍ଛେଦ ଅଭିଯାନର ସ୍ଥିତି, ସମସ୍ୟା ଓ ଆଗାମୀ ପଦକ୍ଷେପ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଦୀର୍ଘ ଦିନ ଧରି ପଡ଼ି ରହିଥିବା ଅଭିଯୋଗର ସମାଧାନ ଉପରେ ପ୍ରାଥମିକତା ଦେଇ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ ମେୟର । ସହରରେ ଜବରଦଖଲରେ ଥିବା ସରକାରୀ ଜମିକୁ ଚିହ୍ନଟ କରି କିଭଳି ମୁକ୍ତ କରାଯାଇପାରିବ ଆଲୋଚନା କରିଥିଲେ । ଅନେକ କ୍ଷେତ୍ରରେ ବିଭାଗୀୟ ଅବହେଳା ହେଉ ଅଥବା ବ୍ୟସ୍ତତା କାରଣରୁ ଆଇନ୍‌ଗତ ମାମଲାରେ ଛନ୍ଦି ହୋଇପଡ଼ିଥିବା ଜମିଗୁଡ଼ିକୁ ମୁକୁଳାଇବା ପାଇଁ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ଆଇନ୍ ପରାମର୍ଶଦାତାଙ୍କୁ କୁହାଯାଇଥିଲା । ସହରରେ ଏନ୍‌ଫୋର୍ସମେଣ୍ଟ୍ ସ୍କ୍ୱାଡ଼କୁ ଅଧିକ ସୁଦୃଢ଼ ଓ କ୍ରିୟାଶୀଳ କରି ଅଭିଯାନକୁ ତ୍ୱରାନ୍ୱିତ କରିବା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା । ସମଗ୍ର ସହରକୁ ୩ଟି ଜୋନ୍‌ରେ ବିଭକ୍ତ କରି ପୂର୍ବାହ୍ନ ଓ ଅପରାହ୍ନରେ ଦୁଇଟି ଏଭଳି ମୋଟ ୬ଟି ଟିମ୍ ଗଠନ କରାଯାଇଥିବା ବେଳେ କର୍ମଚାରୀଙ୍କ ଅଭାବ ଯୋଗୁଁ ବର୍ତ୍ତମାନ ତାହା ୪ଟି ଟିମ୍‌କୁ ଖସି ଆସିଥିବା ଜଣାପଡ଼ିଛି । ବେନିନୟମ ପାର୍କିଂ, ରାସ୍ତା ଓ ନାଳକୁ ଜବରଦଖଲ ଓ ସରକାରୀ ଜମିର ଅକ୍ତିଆର ଆଦିକୁ ଆଦୌ ପ୍ରଶୟ ନ ଦେବାକୁ ମେୟର ସ୍ପଷ୍ଟ ଭାବେ କହିଥିଲେ। ସହରର ବିଜିପୁର ସୁନାରି ବନ୍ଧ ମଧ୍ୟରେ ବେନିୟମ ଭାବେ ନିର୍ମାଣ କରାଯାଇଥିବା କଲ୍ୟାଣ ମଣ୍ଡପ, ଗୋସାଇଁନୂଆଗାଁ ରାସ୍ତାରେ ଥିବା ଗୋକୁଳଧାମ ନିକଟସ୍ଥ ସରକାରୀ ଜମିକୁ ଅକ୍ତିଆରରେ ରଖିବା ଭଳି ଦୁଇଟି ମାମଲାରେ ତୁରନ୍ତ ଆଇନ୍ ଗତ ଓ ବିଭାଗୀୟ ପଦକ୍ଷେପ ଗ୍ରହଣ କରିବାକୁ ବୈଠକରେ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ବିଭିନ୍ନ ୱାର୍ଡ଼ରେ ଜବରଦଖଲକୁ ନେଇ ସ୍ଥାନୀୟ କର୍ପୋରେଟର ଓ ଅଚଂଳବାସୀଙ୍କ ପକ୍ଷରୁ ଆସିଥିବା ଅଭିଯୋଗର ତୁରନ୍ତ ସମାଧାନ କରିବା ଉପରେ ଉଭୟ ମେୟର ଓ ଡ଼େପୁଟି ମେୟର ଗୁରୁତ୍ୱ ଦେଇଥିଲେ । ସବୁଠାରୁ ବଡ଼ କଥା ହେଲା ସହରରେ ଟ୍ରାଫିକ୍ ସମସ୍ୟାର ଅନ୍ୟତମ କାରଣ ହେଉଛି ଦିନକୁ ଦିନ ବୃଦ୍ଧି ପାଉଥିବା ଟ୍ରଲିର ସଂଖ୍ୟା। ରାସ୍ତା କଡ଼ରେ ଠେଲା ପକାଇ ବୁଲା ବିକାଳିମାନେ କାରବାର କରୁଥିବାରୁ ଟ୍ରାଫିକ୍ ସମସ୍ୟା ଜଟିଳ ହେଉଛି । ଏହାକୁ ଦୃଷ୍ଟିରେ ରଖି ଠେଲା ଗାଡ଼ିର ଚଳାଚଳ ବା ବ୍ୟବହାରକୁ ନିୟନ୍ତ୍ରଣ କରିବାକୁ ବୈଠକରେ ସହମତି ପ୍ରକାଶ ପାଇଥିଲା । ଏଥିପାଇଁ ଟ୍ରଲିଗୁଡ଼ିକୁ ବ୍ୟବସାୟୀମାନେ ନିଜସ୍ୱ କାରବାର ପାଇଁ ବ୍ୟବହାର କରିପାରିବେ କିନ୍ତୁ ଟ୍ରଲି ଭଡ଼ା ସୂତ୍ରରେ ଦେଇ ଟ୍ରଲି କାରବାର କରିପାରିବେ ନାହିଁ ବୋଲି ନିଷ୍ପତି ନିଆଯାଇଛି ।

## ଜଗତସିଂହପୁର ପୁସ୍ତକମେଳା ଉଦ୍‌ଘାଟିତ

# ଓଡ଼ିଆ ଭାଷା,ସାହିତ୍ୟ ପ୍ରତି ଆଦର ରଖିବାକୁ ଆହ୍ୱାନ

**ଜଗତସିଂହପୁର, ନ୍ୟୁଜ ବ୍ୟୁରୋ**

ଜଗତସିଂହପୁର ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ୨୭ତମ ଜଗତସିଂହପୁର ପୁସ୍ତକମେଳା -୨୦୨୬ ବିଶିଷ୍ଟ ସାହିତ୍ୟିକ ତଥା ଔପନ୍ୟାସିକ ଭାଗିରଥି ଦାସଙ୍କ କରକମଳରେ ଆନୁଷ୍ଠାନିକ ଭାବେ ଉଦଘାଟିତ ହୋଇଯାଇଛି । ଏହି ଅବସରରେ ଶ୍ରୀ ଦାସ କହିଥିଲେ ଯେ ପୂର୍ବରୁ ଲେଖାଟିଏ ପଢି ପାଠକମାନେ ପ୍ରେରଣା ଦେଉଥିଲେ। ବର୍ତ୍ତମାନ ସମୟରେ ପାଠକୀୟ ପ୍ରେରଣା ଆଉ ଆଗପରି ନାହିଁ । ବର୍ତ୍ତମାନ ସମୟରେ ମୋବାଇଲ୍ ଯଦିଓ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି କିନ୍ତୁ ବାସ୍ତବରେ ଦେଖିବାକୁ ଗଲେ ମୋବାଇଲରେ ଜ୍ଞାନର ଭଣ୍ଡାର ନାହିଁ କେବଳ ଜ୍ଞାନର ପ୍ରଚାର ଅଛି । ମୋବାଇଲ୍ ପାଖରେ ଆମେ ସମସ୍ତେ କ୍ରୀତଦାସ ପାଲଟି ଯାଇଛୁ। ଏହି ଅବସରରେ ସେ ଓଡ଼ିଆ ଭାଷା, ସାହିତ୍ୟ ପ୍ରତି ଆଦର ରଖିବା ପାଇଁ ଆହ୍ୱାନ ଦେବା ସହ ଆୟୋଜକଙ୍କୁ ଧନ୍ୟବାଦ ଦେଇଥିଲେ। ଏହି ଉଦଘାଟନ ଅବସରରେ ଉତ୍ସବରେ ଜଗତସିଂହପୁର ସାଂସ୍କୃତିକ ପରିଷଦର ଅଧ୍ୟକ୍ଷ ତଥା ଜିଲ୍ଲାପାଳ ଜେ. ସୋନାଲ୍ ଅଧ୍ୟକ୍ଷତା କରିଥିଲେ । ଏହି ଉଦଘାଟନ ସଭାରେ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ କହିଥିଲେ ପୁସ୍ତକର ମହକ ସବୁବେଳେ ରହିଛି, ଯାହାକି ଆଉ କେଉଁଥିରେ ନଥାଏ । ବହିର ମଧ୍ୟ ଏକ ସ୍ୱତନ୍ତ୍ର ବାସ୍ନା ଥାଏ । ଜଗତସିଂହପୁର ମାଟିରେ ସାରସ୍ୱତ ସାଧକ ମାନଙ୍କର ଅଭାବ ନାହିଁ। ଆମେ ସମସ୍ତେ ସେହି ମାନଙ୍କ ପଦାଙ୍କ ଅନୁସରଣ କରିବା ଉଚିତ୍ । ଖୁବ୍ ଶୀଘ୍ର ଜଗତସିଂହପୁର ସଦରମହକୁମାରେ ମାଟିର ଆଦିକବି ଶାରଳା ଦାସଙ୍କ ପ୍ରତିମୂର୍ତ୍ତି ସ୍ଥାପନା କରାଯିବା ପାଇଁ ସମସ୍ତ ପ୍ରସ୍ତୁତି ସରିଛି ବୋଲି ବିଧାୟକ ଏହି ଅବସରରେ ପ୍ରକାଶ କରିଥିଲେ। ଅନ୍ୟତମ ସମ୍ମାନନୀୟ ଅତିଥି ବାଲିକୁଦା ଏରସମା ବିଧାୟକ ଶାରଦା ପ୍ରସନ୍ନ ଜେନା କହିଥିଲେ ଅବିଭାବକ ମାନେ ପିଲାମାନଙ୍କୁ କେବଳ ପାଠ୍ୟପୁସ୍ତକ ଉପରେ ଅତ୍ୟଧିକ ଧ୍ୟାନ ନ ଦେଇ ସମୟ ସମୟରେ କିଛି ମହାପୁରୁଷଙ୍କ ଜୀବନୀ ତଥା ସମାଜରେ ସଂସ୍କାର ଆଣିପାରୁଥିବା ଭଳି ପୁସ୍ତକ ପଢିବା ପାଇଁ ଉତ୍ସାହିତ କରିବା ଉଚିତ୍ । କାରଣ ଏଭଳି ପୁସ୍ତକ ପଠନ ଦ୍ୱାରା ଚରିତ୍ର ମାର୍ଜିତ ହୋଇଥାଏ । ପ୍ରତ୍ୟେକ ବ୍ଲକ୍ ମୁଖ୍ୟାଳୟରେ ଗୋଟିଏ ଗୋଟିଏ ଭଲ ପାଠାଗାରର ବ୍ୟବସ୍ଥା କରିବା ପାଇଁ ଏହି ଅବସରରେ ସେ ପରାମର୍ଶ ଦେଇଥିଲେ । ଜଗତସିଂହପୁର ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅଙ୍କିତ କୁମାର ବର୍ମା ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୁସ୍ତକର ଗୁରୁତ୍ୱ ବିଷୟରେ ଆଲୋଚନା କରିଥିଲେ । ସେ କହିଥିଲେ ପୁସ୍ତକ ଆମକୁ ଏହିଭଳି ମଞ୍ଚରେ ଛିଡା କରାଇବାରେ ସହାୟକ ହୋଇଛି । ଆମେ ଶିକ୍ଷାରେ ଯେତେ ଅତ୍ୟାଧୁନିକ ହେଲେ ମଧ୍ୟ ଧଳା କାଗଜ ଓ କଲମ କାଳିର ସ୍ୱତନ୍ତ୍ରତା ପୂର୍ବରୁ ଥିଲା ଏବଂ ଏବେ ମଧ୍ୟ ରହିଛି । ଜଗତସିଂହପୁର ପୌର ପରିଷଦର ଅଧକ୍ଷା ଅର୍ଚ୍ଚନା ସିଂହ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୁସ୍ତକର ଚାହିଦା ପୂର୍ବ ପରି ଏବେ ବି ରହିଛି, ଯେଉଁଥିପାଇଁ ପୁସ୍ତକମେଳା ଗୁଡିକ ସଫଳ ହୋଇପାରୁଛି । ପୁସ୍ତକ ହିଁ ମଣିଷ ଜୀବନକୁ ଶୃଙ୍ଖଳିତ କରିଥାଏ । ପରିଷଦର ଅଧକ୍ଷ ତଥା ଜିଲ୍ଲାପାଳ ଜେ. ସୋନାଲ୍ କହିଥିଲେ କେବଳ ଆମ ଭାରତୀୟ ସଂସ୍କୃତିରେ କେବଳ ମୋକ୍ଷର ମାର୍ଗ ରହିଛି ଯାହାକି ଅନ୍ୟ କୌଣସି ପାଶ୍ଚାତ୍ୟ ସଂସ୍କୃତିରେ ଦେଖିବାକୁ ମିଳେନାହିଁ । ଆମେ ଯେତେବେଳେ ପୁସ୍ତକ ପଠନ କରୁଛେ ପୁସ୍ତକର ପ୍ରତିଟି ପୃଷ୍ଠାକୁ ଗଭୀର ଭାବେ ଅନୁଶୀଳନ କରିବା ଉଚିତ୍ । ଅନୁଷ୍ଠିତ ଉତ୍ସବର ପ୍ରାରମ୍ଭରେ ଡଃ ବିରଞ୍ଚିନାରାୟଣ ରଥ ବ୍ବେଦପାଠ କରିଥିଲେ । ପରିଷଦର ସଂପାଦକ ଶାରଦା ପ୍ରସାଦ ଦାସ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଆଜିର ଆସର ବିଶିଷ୍ଟ ରାଜନୀତିଜ୍ଞ ତଥା ଜଗତସିଂହପୁରର ପୂର୍ବତନ ବିଧାୟକ କୃଷ୍ଣ ଚନ୍ଦ୍ର ମଲ୍ଲିକଙ୍କ ଉଦ୍ଦେଶ୍ୟରେ ଆସର ଉତ୍ସର୍ଗ ହୋଇଥିଲା।




## ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**

| | | |
|---|---|---|
| ୫ / ୬ବୃ | ୪ | ଶ୩ / ରା୨ |
| ୭ | ୨୦ / ୯ | ବୁରଶୁମଲ |
| ୮କେ / ୯ | ୧୦ | ଚ୧୨ / ୧୧ |

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୧୯।୧।୨୦୨୬, ମାଘ ଦି୬ନ, ସୋମବାର**

**ସୂର୍ଯ୍ୟୋଦୟ- ଘ ୬।୨୫।୪୬ ଚନ୍ଦ୍ରୋଦୟ- ପ୍ରାଘ ୬।୪୮।୧୧**

ପ୍ରତିପଦ ରାଘ ୨।୧୫ ପର୍ଯ୍ୟନ୍ତ । **ଉତ୍ତରାଷାଢ଼ା ନକ୍ଷତ୍ର-** ଦିଘ ୧୧।୫୨ ପର୍ଯ୍ୟନ୍ତ । **ମକର ଚନ୍ଦ୍ର-** ଅହୋରାତ୍ର। **ଚନ୍ଦ୍ରଶୁଦ୍ଧି-** ମେଷ, କର୍କଟ, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର। **ଘାତ ଚନ୍ଦ୍ର-** ସିଂହ ରାଶିର। **ଶ୍ରାଦ୍ଧ ନିର୍ଣ୍ଣୟ-** ପ୍ରତିପଦର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** ପାଣିକଖାରୁ ରାଘ ୨।୧୫ ଗତେ ବୋଇତି କଖାରୁ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୬।୨୮ ଗତେ ଦିଘ ୭।୫୩ ମଧ୍ୟେ । ଦିଘ ୧୦।୫୩ ଗତେ ଦିଘ ୧।୦୫ ମଧ୍ୟେ।



**ମେଷ:** କର୍ମକ୍ଷେତ୍ରରେ ଅବସ୍ଥା ଦେଖି ବ୍ୟବସ୍ଥା କରିବେ । ଆୟ ଓ ବ୍ୟୟ ସମାନ ରହିବ । ଘରେ ଆନନ୍ଦ ଦେଖାଦେବ। ମାଙ୍ଗଳିକ କାର୍ଯ୍ୟ ନିମନ୍ତେ ଦିନଟି ଅନୁକୂଳ ହେବ । ମନ ଭଲ ରହିବ ।



**ବୃଷ:** ଶରୀର ସୁସ୍ଥ ରହିବ । ପରିଶ୍ରମର ପରିମାଣ ବଢିବା ଅଯଥାରେ ଦୂରକୁ ଯାତ୍ରା କରିପାରନ୍ତି । ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ । ପରିବାରରେ ପିଲାଙ୍କ ପାଇଁ ଚିନ୍ତିତ ହୋଇପାରନ୍ତି ।



**ମିଥୁନ:**ବ୍ୟବସାୟରେ ଲାଭବାନ ହେବେ । ହଠାତ୍ କୌଣସି ଖବର ପାଇ ଚିନ୍ତିତ ହୋଇପାରନ୍ତି । ରୋଜଗାର ଭଲ ହେବ। ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବାର ସୂଚନା । ବନ୍ଧୁ ଦର୍ଶନ ।



**କର୍କଟ:** ଦାମ୍ପତ୍ୟ ଜୀବନ ସୁଖମୟ ହେବ । କର୍ମକ୍ଷେତ୍ରରେ ଅସନ୍ତୋଷ ଦେଖାଦେଇପାରେ । ଦେହ ଓ ମନ ଭଲ ରହିବ। ଆର୍ଥିକ ସ୍ଥିତି ଭଲ ରହିବ । ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବାର ସୂଚନା ।



**ସିଂହ:** ଆଜି ଆପଣଙ୍କର ଘାତଚନ୍ଦ୍ର । ଏଣୁ ସାବଧାନତା ଅବଲମ୍ବନୀୟ । ସତ କଥା କହି ନିଜର ଲୋକଙ୍କ ପାଖେ ବିରୋଧୀ ହୋଇପାରନ୍ତି । ଖର୍ଚ୍ଚର ପରିମାଣ ବଢିବ । ଘରେ କଳହ ଦେଖାଦେଇପାରେ ।



**କନ୍ୟା:** ଯଶ ଖ୍ୟାତି ଲାଭ ହେବ । କର୍ମକ୍ଷେତ୍ରରେ ସଫଳତା ଦେଖାଦେବ । ରୋଜଗାର ମଧ୍ୟମ ଧରଣର ହେବ । ଦାମ୍ପତ୍ୟ ଜୀବନ ମଧୁରମୟ ହେବ । ପରେ ଆନନ୍ଦ ଦେଖାଦେବ ।



**ତୁଳା:** ଦୂର ସ୍ଥାନକୁ ଯାତ୍ରା କରିବେ । ଗୁରୁଜନଙ୍କ ପରାମର୍ଶ କର୍ମ କାର୍ଯ୍ୟ କଲେ ଉତ୍ତମ ଫଳ ଲାଭ ହେବ । ଆର୍ଥିକ ସ୍ଥିତିରେ ଉନ୍ନତି ଘଟିବ । ପାରିବାରିକ ସୁଖ ଶାନ୍ତି ଅବ୍ୟାହତ ରହିବ ।



**ବିଛା:** ଐଶ୍ୱର୍ଯ୍ୟ ପ୍ରାପ୍ତ ହେବ । ବନ୍ଧୁଙ୍କ ସାହାଯ୍ୟ ସହଯୋଗ ପ୍ରାପ୍ତ କରିବେ । ମନ ଭଲ ରହିବ । ଉତ୍ତମ ଭୋଜନ କରିପାରନ୍ତି । ରୋଜଗାର ସ୍ଥିର ରହିବ । ଘରେ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବାର ସୂଚନା ।



**ଧନୁ:** ବ୍ୟବସାୟ ମଧ୍ୟମ ଧରଣର ଚାଲିବ । ଆୟ ଅପେକ୍ଷା ବ୍ୟୟର ମାତ୍ରା ବଢିବ । ପାରିବାରିକ ଚିନ୍ତା ମନକୁ ଭାରାକ୍ରାନ୍ତ କରିବ । ମହିଳାମାନେ ଗର୍ବୀ ହେବେ । ମନ ଅସ୍ଥିର ରହିବ ।



**ମକର:** ଆଜି ଆପଣଙ୍କର ଦିନଟି ଭଲରେ କଟିବ । ଆର୍ଥିକ ସ୍ଥିତି ସୁଦୃଢ ହେବ । ଚାଲିରୀ କ୍ଷେତ୍ରରେ ସଫଳତା ହାସଲ କରିବେ । ନୂତନ ଦ୍ରବ୍ୟ କ୍ରୟ କରିପାରନ୍ତି । ଗୃହେ ଆନନ୍ଦ ଦେଖାଦେବ ।



**କୁମ୍ଭ:** ଶତ୍ରୁ ନାଶ ହେବେ । ପରିଶ୍ରମ ଅନୁଯାୟୀ ପାରିଶ୍ରମିକ ପାଇ ଉପକୃତ ହେବେ । ଆୟ ଓ ବ୍ୟୟ ସମାନ ରହିବ । ପାରିବାରିକ ଜୀବନ ସୁଖମୟ ହେବ । ଦେବ ଦର୍ଶନ ସହ ସେବା ପୂଜା ମଧ୍ୟ କରିପାରନ୍ତି ।



**ମୀନ:** ମନ ପ୍ରସନ୍ନ ରହିବ । ନୂତନ କର୍ମ ଆରମ୍ଭ ହୋଇପାରେ। ରୋଜଗାର ଭଲ ହେବ । ମହିଳାମାନେ ସୁଖୀ ହେବେ । ପରିବାରରେ ସୁଖ ଶାନ୍ତି ରହିବ । ବନ୍ଧୁଙ୍କ ସହ ଆମୋଦ ପ୍ରମୋଦରେ ଦିନଟି କଟିପାରେ ।

## ଆଗାମୀ କାଲିର ପଞ୍ଜିକା

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ ତା୨୦।୦୧।୨୦୨୬, ମାଘଦି୭ନ, ମଙ୍ଗଳବାର

ସୂର୍ଯ୍ୟୋଦୟ- ଘ୬।୨୫।୪୫ ଚନ୍ଦ୍ରୋଦୟ-ପ୍ରାଘ୭।୨୮।୪୧

ଦ୍ୱିତୀୟା- ରାଘ୨।୧୪୪ପର୍ଯ୍ୟନ୍ତ ।ଶ୍ରବଣାନକ୍ଷତ୍ର ଦିଘ ୧।୧୮ ପର୍ଯ୍ୟନ୍ତ । ମକରଚନ୍ଦ୍ରରାଘ୧।୩୭ପର୍ଯ୍ୟନ୍ତ ଚନ୍ଦ୍ରଶୁଦ୍ଧି- ମେଷ,ବୃଷ, କର୍କଟ,କନ୍ୟା, ବିଛା, ମକର ଓ ମୀନ ରାଶିରା ଘ୧।୩୬ଗତେ। ମେଷ, ବୃଷ,ସିଂହ, କନ୍ୟା, ବିଛା, ମକର, କୁମ୍ଭ ରାଶୀର ଘାତ ଚନ୍ଦ୍ର-ସିଂହରାଶିରରାଘ୧।୩୭ଗତେ ମିଥୁନ ଓ ମୀନ ରାଶିର । ଶ୍ରାଦ୍ଧନିର୍ଣ୍ଣୟ-ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ନିଷିଦ୍ଧ ଖାଦ୍ୟ- ବୋଇତି କଖାରୁ ରାଘ୨।୧୪୪ଗତେ ପୋଟଳ ଖାଇବା ମନା । ଆଜିର ଶୁଭବେଳା- ଦିଘ ୯।୧୫ ଗତେ ଦିଘ ୧୦।୫୩ମଧ୍ୟେ । ଦିଘ ୧।୦୫ ଗତେ ଦିଘ ୧।୨୩ ମଧ୍ୟେ ।ପର୍ବୋତ୍ସବ-ଦ୍ୱିତୀୟା ଚନ୍ଦ୍ରଦର୍ଶନ ଓ ପୂଜା ।

ସମ୍ପାଦକୀୟ

31 YEARS
ସମ୍ବାଦ କଳିକା

# ଡାର୍କ ମୋଡ୍‌ରେ ଲାଲ୍ ଗ୍ରହ, ପହଞ୍ଚୁନି ପୃଥିବୀର ସଙ୍କେତ

ମହାକାଶର ଗଭୀର ଶୂନ୍ୟତାରେ ପୃଥିବୀ ଓ ଲାଲ୍ ଗ୍ରହ ମଧ୍ୟରେ ଏକ ନିରବ ପ୍ରାଚୀର ଠିଆ ହୋଇଛି । ଆଗାମୀ କିଛି ଦିନ ପାଇଁ ପୃଥିବୀର ରୋବୋଟିକ୍ ଦୂତମାନେ ମଙ୍ଗଳରେ ଏକୁଟିଆ ରହିବେ ଏବଂ ମିଶନ ନିୟନ୍ତ୍ରଣରେ ନିଜ ମାଲିକଙ୍କ ସହ ସମ୍ପର୍କ ସ୍ଥାପନ କରିପାରିବେ ନାହିଁ । ଏହା କୌଣସି ସାଇନ୍ସ-ଫିକ୍ସନ୍ ଥ୍ରିଲର୍ ଫିଲ୍ମର କାହାଣୀ ନୁହେଁ । ଏହା ଏକ ଦ୍ୱିବାର୍ଷିକ ମହାକାଶୀୟ ଘଟଣା, ଯାହା ସୌର ସଂଯୋଗ ନାମରେ ପରିଚିତ । ପ୍ରତି ୨୫ ମାସରେ ଗ୍ରହମାନଙ୍କର କକ୍ଷୀୟ ନୃତ୍ୟ ପୃଥିବୀ ଓ ମଙ୍ଗଳ ଗ୍ରହକୁ ସୂର୍ଯ୍ୟର ବିପରୀତ ପାର୍ଶ୍ୱକୁ ଆଣେ । ମଙ୍ଗଳ ଗ୍ରହ ସୂର୍ଯ୍ୟର ବିଶାଳ ଉଜ୍ଜ୍ୱଳ ଥାଳିଆ ପଛରେ ଗୁରୁଣ୍ଡୁଥିବା ଦେଖାଯାଏ । ଏହି ସଂରଚନା ଏକ ଅସ୍ଥାୟୀ ଶୂନ୍ୟସ୍ଥାନ ସୃଷ୍ଟି କରେ, ଯାହା ପୃଥିବୀ ସହ ସମସ୍ତ ଗୁରୁତ୍ୱପୂର୍ଣ୍ଣ ଯୋଗାଯୋଗକୁ ଅଟକାଇଦିଏ । ସୂର୍ଯ୍ୟ କେବଳ ଏକ ଆଲୋକ ପିଣ୍ଡୁଳା ନୁହେଁ, ଏହା ଏକ ବିଶୃଙ୍ଖଳିତ ରିଆକ୍ଟର୍ ଯାହା କୋରୋନା ନାମକ ଉତ୍ତପ୍ତ, ଆୟନଯୁକ୍ତ ଗ୍ୟାସ୍‌ର ଏକ ଅଶାନ୍ତ ବାତାବରଣ ଦ୍ୱାରା ଆବୃତ୍ତ । ଏହି ସୌର ବାତାବରଣ ଉକ୍ତ ରେଡିଓ ନିରବତାର ମୁଖ୍ୟ କାରଣ । ଆମେ ଆମ ଅର୍ବିଟର୍ ଓ ରୋଭର ଗୁଡ଼ିକୁ ସଙ୍କେତ ପଠାଇବାକୁ ଚେଷ୍ଟା କରୁଥିବା ବେଳେ ସୂର୍ଯ୍ୟର କୋରୋନା ରେଡିଓ ତରଙ୍ଗରେ ହସ୍ତକ୍ଷେପ କରେ ଏବଂ ତଥ୍ୟକୁ ସମ୍ପୂର୍ଣ୍ଣ ବିକୃତ ବା ଗିଳିଦିଏ । ଏହି ଅବଧିରେ ଇଞ୍ଜିନିୟରମାନେ ମହାକାଶ ଯାନକୁ ନିର୍ଦ୍ଦେଶ ପଠାଇବାକୁ ଚେଷ୍ଟା କଲେ, ବିକୃତ ନିର୍ଦ୍ଦେଶ ଯୋଗୁ ଯାନ ଖରାପ ହୋଇପାରେ । ଏଭଳି ବିପଦରୁ ରକ୍ଷା ପାଇବା ଲାଗି ୟୁରୋପୀୟ ମହାକାଶ ଏଜେନ୍ସି ଓ ନାସା ଭଳି ସଂସ୍ଥା ନିଜ ମହାକାଶଯାନକୁ ନିର୍ଦ୍ଦେଶ ଦେବା ସ୍ଥଗିତ ରଖିଛନ୍ତି । ନାସାର ପର୍ସିଭରାନ୍ସ ଭଳି ରୋଭରକୁ ଏହି ଅବଧିରେ କେବଳ ମୌଳିକ କାମ କରିବାକୁ ନିର୍ଦ୍ଦେଶ ମିଳିଛି । ସେହିପରି ଅର୍ବିଟରମାନେ ମଧ୍ୟ ମଙ୍ଗଳ ଗ୍ରହର ପରିକ୍ରମା ଓ ତଥ୍ୟ ସଂଗ୍ରହ ଜାରି ରଖିଛନ୍ତି । କିନ୍ତୁ ଯୋଗାଯୋଗ ପୁନଃସ୍ଥାପନ ନ ହେବା ଯାଏ ନିଜ ଆଭ୍ୟନ୍ତର ହାର୍ଡ ଡ୍ରାଇଭରରେ ସେମାନେ ତଥ୍ୟ ଗଚ୍ଛିତ ରଖିବେ । ଏହି ବାଧ୍ୟତାମୂଳକ ବିଚ୍ଛିନ୍ନତା ଅବଧି ଚଳିତ ମାସ ୨୧ ତାରିଖ ପର୍ଯ୍ୟନ୍ତ ଜାରି ରହିବ ବୋଲି ଅନୁମାନ କରାଯାଉଛି । ଏହି ସମୟରେ ସୂର୍ଯ୍ୟ ୧୪ ଲକ୍ଷ କିମି ଚଉଡ଼ା ଏକ ଢାଲ ଭାବେ ଠିଆ ହୋଇଛି, ଯାହା ଆମର ସବୁଠୁ ଉନ୍ନତ ଟେକ୍ନୋଲୋଜିକୁ ମଧ୍ୟ ନଷ୍ଟ କରିପାରେ । ଆମ ସୌରମଣ୍ଡଳ ଉପରେ ସୂର୍ଯ୍ୟର ପରମ ଶକ୍ତିର ଏହା ଉଦାହରଣ । ସୌର ଆଲୋକର ବଳୟ ମଧ୍ୟରୁ ମଙ୍ଗଳ ବାହାରିବା ପରେ ଏହି ନିରବତା ଭଙ୍ଗ ହେବ ।

# ସନ୍ଥ ଅରକ୍ଷିତ ଦାସଙ୍କ ମହାପ୍ରୟାଣ ମହୋତ୍ସବ: ଓଲାଶୁଣୀମେଳା



ଡକ୍ଟର ସର୍ବେଶ୍ୱର ସେଣ
ସା/ପୋ: ପୁରୁଷୋତ୍ତମପୁର
କେନ୍ଦ୍ରାପଡ଼ା - ୭୫୪୨୧୩
ମୋ: ୯୪୩୭୦୮୮୦୩୯

ପୁଣ୍ୟଭୂମି ଆର୍ଯ୍ୟାବର୍ତ୍ତ, ବ୍ୟାସ, ବଶିଷ୍ଠ, ମନୁ, ପରାଶର, ସାନ୍ଦିପନୀ - ଏମିତି ଅନେକ ମହର୍ଷି, ମୁନି, ଋଷି, ଯୋଗୀ ସିଦ୍ଧ ସାଧକ। ସେଇମାନଙ୍କ ପାଦସ୍ପର୍ଶ, ଏଇ ଭୂମି ପୂତ ପବିତ୍ର। ସେମିତି ଜଣେ ମହାନ୍ ସିଦ୍ଧ ସନ୍ଥ ଅରକ୍ଷିତ ଦାସ। ତାଙ୍କର ସାଧନା ପୀଠ ଓଲାଶୁଣୀ ଗୁମ୍ଫା। ମାଘ କୃଷ୍ଣ ଏକାଦଶୀ ତିଥିରେ ତାଙ୍କର ମହାପ୍ରୟାଣ। ଏହି ଦିନଠାରୁ ତାଙ୍କରି ଉଦ୍ଦେଶ୍ୟରେ ଆୟୋଜିତ ମହୋତ୍ସବ। ଏହାର ଅବଧି ଦୀର୍ଘ ୧୧ ଦିନ। ଶହ ଶହ ଭକ୍ତଙ୍କ ସମାବେଶ। ଭକ୍ତିକ ପରିବେଶରେ ମହକିତ ଓଲାଶୁଣୀ ପୀଠ। ପାଞ୍ଚନମ୍ବର (କ) ଜାତୀୟ ରାଜପଥ ପାର୍ଶ୍ୱରେ ଓଲାଶୁଣୀ ପାହାଡ। ଏହା ସନ୍ଥ ଯୋଗୀ ଅରକ୍ଷିତ ଦାସଙ୍କ ଶେଷ ସାଧନା ପୀଠ। ପ୍ରଥମେ ଅରକ୍ଷିତ ଖଣ୍ଡଗିରି, କେରାଣ୍ଡିମାଳ ଆଦି କେତେକ ପାହାଡ଼, ସେଠାରେ ଯୋଗ ସାଧିଲେ। ମନ ବୁଝିନଥିଲା, ଶେଷରେ ବାଛିଲେ ଓଲାଶୁଣୀ ପାହାଡ଼କୁ। ସେଇଠି ତାଙ୍କର ସାଧନା, ସିଦ୍ଧି, ସମାଧି ମଧ୍ୟ। ସେଇ ମହାନଯୋଗୀଙ୍କ ସମାଧି ଦିବସ ମାଘକୃଷ୍ଣ, ଏକାଦଶୀ, ୧୨୪୫ ସାଲ, ସ୍ନ ୧୭୮୮ ଖ୍ରୀ.ଅ. ଓଡ଼ିଶାର ଗଜପତିରାଜା ରାମଚନ୍ଦ୍ର ଦେବଙ୍କ ପ୍ରଥମ ଅଙ୍କ। ଅରକ୍ଷିତଙ୍କ ମହାପ୍ରୟାଣ ଦିବସ ପାଳିତ ହୋଇ ଆସୁଛି ସେଇଦିନଠୁଁ। ଏ ଦିନ ବହୁ ଭକ୍ତଙ୍କ ସମାଗମ ହୁଏ। ପ୍ରଥମରୁ ମହୋତ୍ସବର ଅବଧି ଥିଲା ୨/୩ ଦିନ। ଏବେ ତାହା ଏକ ସପ୍ତାହରୁ ଉର୍ଦ୍ଧ୍ୱରେ ପହଞ୍ଚିଛି। ଦେଶର ବିଭିନ୍ନ ସ୍ଥାନରୁ ଶ୍ରଦ୍ଧାଳୁଙ୍କ ସୁଅ ଛୁଟୁଛି। ହଜାର ହଜାର ସଂଖ୍ୟାରେ ଏକତ୍ରିତ ହେଉଛନ୍ତି। ସିଦ୍ଧ ସନ୍ଥ ଅରକ୍ଷିତଙ୍କୁ ଭକ୍ତିପୂତ ନୈବେଦ୍ୟ ଅର୍ପଣ କରୁଛନ୍ତି। ଉତ୍ସବଟି ବିଭିନ୍ନ ନାମରେ ପ୍ରସିଦ୍ଧ। କାହା ପାଇଁ ଏହା ଗୁମ୍ଫା ଏକାଦଶୀ, କିଏ କହେ ଓଲାଶୁଣୀ ମେଳା। ଆଉ କିଏ କହନ୍ତି ମହାପୁରୁଷଙ୍କ ମହାପ୍ରୟାଣ ଉତ୍ସବ। ଏକଥା ଲୋକମୁଖରେ ପ୍ରଚଳିତ। ଅଧୁନା ଏହି ସମାଧି ଦିବସଟି ଗଣଉତ୍ସବରେ ପରିଣତ ହୋଇଛି। ଓଲାଶୁଣୀ ପାହାଡ଼ର ଅବସ୍ଥିତି ପଲେଇ ମୌଜା ରକବାରେ। ଏକଦା ଏହା କେନ୍ଦ୍ରାପଡ଼ାର ରାଧେଶ୍ୟାମ ନରେନ୍ଦ୍ରଙ୍କ ଜମିଦାରୀ ଅନ୍ତର୍ଭୁକ୍ତ ଥିଲା। ସେତେବେଳେ ନରେନ୍ଦ୍ର ଜମିଦାରୀ ଥିଲା ସମୃଦ୍ଧଶାଳିନୀ। ସ୍ୱର୍ଗର ଇନ୍ଦ୍ରଙ୍କ ସହିତ ସେ ତୁଳନୀୟ। ଏକଥାଟି ଜନମୁଖରେ ଏବେବି ଉଜ୍ଜୀବିତ। ଏ ନେଇ ପ୍ରବାଦଟିଏ – "ସ୍ୱର୍ଗେ ଇନ୍ଦ୍ର ମର୍ତ୍ତ୍ୟେ ନରେନ୍ଦ୍ର।" ରାଧେଶ୍ୟାମ ଅରକ୍ଷିତଙ୍କ ଅଧ୍ୟାତ୍ମ ଚିନ୍ତନରେ ପ୍ରଭାବିତ ହେଲେ, ତାଙ୍କୁ ଅନୁମତି ଦେଲେ, ଅରକ୍ଷିତ ଓଲାଶୁଣୀରେ ଯୋଗ ସାଧିଲେ। ସେଇଟି ଅନନ୍ତଗୁମ୍ଫା, ଏହା ପାହାଡ଼ ଶୀର୍ଷଦେଶରେ। ସେଠାରେ ସନ୍ଥଙ୍କ ଶୟନଶଯ୍ୟା। ତାହା ଏକ ଲମ୍ବ ପ୍ରସ୍ତର, କଟାଯାଇ ଶଯ୍ୟାକୃତି ହୋଇଚି। ଏହା ମହାପୁରୁଷଙ୍କ ସାଧନା ପୀଠର ସନ୍ତନ ରୂପେ ସୁରକ୍ଷିତ। ସଂସାରତ୍ୟାଗୀ ଚିର ବୈରାଗୀ ଅରକ୍ଷିତ। ତାଙ୍କ ପିଲାବେଳର ନାଁ ବଳଭଦ୍ର ଦେବ, ପିତା ପଦ୍ମନାଭ ଦେବ। ଅରକ୍ଷିତଙ୍କ ଜନ୍ମ ବଡ଼ଖେମୁଣ୍ଡି ରାଜବଂଶରେ। ଜନ୍ମବର୍ଷ ୧୭୮୨ ମସିହା। ମତାନ୍ତରେ ୧୭୮୮। ବଳଭଦ୍ରଙ୍କ ପିତା ପଦ୍ମନାଭଙ୍କର ସେ ଏକମାତ୍ର ସନ୍ତାନ। ତାଙ୍କୁ ନେଇ ପିତାମାତା ବହୁ ଆଶାପୋଷଣ କରିଥିଲେ, ବଳଭଦ୍ର କୁଳ ଉଜ୍ଜ୍ୱଳ କରିବ, ରାଜବଂଶର ନାଁ ରଖିବ, ତାହା ତ ସମ୍ଭବ ହେଲା, କିନ୍ତୁ ରାଜ ସୁଖ ବିଳାସ ନୁହେଁ, ଜଣେ ସଦାଚାରୀ ସନ୍ଥ ବ୍ରହ୍ମ ଅବଧୂତ ଭାବେ ଖ୍ୟାତ ହେଲେ। ଏହା ପିତାମାତାଙ୍କ ଆକଳନ ବାହାରେ ଥିଲା। ବଳଭଦ୍ରଙ୍କ ଥିଲା ସନ୍ନ୍ୟାସ ଯୋଗ। ତାଙ୍କୁ ପାର୍ଥିବ ସୁଖ ଲାଳସା ବାନ୍ଧି ରଖି ପାରିଲାନି। ବାଲ୍ୟକାଳରୁ ତାଙ୍କର ସନ୍ନ୍ୟାସ ଭାବ ଜାଗରିତ ହେଲା। ପିତାମାତାଙ୍କୁ କହିଲେ ତତ୍ତ୍ୱଜ୍ଞାନ, ବୈରାଗ୍ୟ କଥା ବଖାଣିଲେ। ସଂସାର ବନ୍ଧନରେ ଛନ୍ଦି ହେବାକୁ ବାରଣ କଲେ। ନାରୀମାନେ ବନ୍ଦନୀୟା, ମାତୃସ୍ଥାନୀୟା ଏକଥା ସେ ପିତାଙ୍କୁ କହିଥିଲେ। ଅରକ୍ଷିତ ବିବାହ ବନ୍ଧନକୁ ନାଁ କଲେ। ଆସିଲା ଅରକ୍ଷିତଙ୍କ ଆକାଂକ୍ଷିତ ଦିବସଟି। ବୈଶାଖ ମାସ, ଶୁକ୍ଳାଷ୍ଟମୀ, ଗୁରୁବାର – ବଳଭଦ୍ର ଘର ଛାଡ଼ିଲେ। ମଧ୍ୟରାତ୍ରି, ଘଞ୍ଚ ଅରଣ୍ୟ, ହିଂସ୍ର ଜନ୍ତୁସଙ୍କୁଳ, ଏ ସବୁକୁ ସେ ଅତିକ୍ରମ କଲେ, ପହଞ୍ଚିଲେ କେରାଣ୍ଡିମାଳ ପାହାଡ଼ରେ, ଯୋଗ ସାଧିଲେ – ଏଣିକି ତାଙ୍କ ନାଁ ବଦଳିଗଲା, ସାଙ୍ଗିଆବି। ସେ ହେଲେ ଅରକ୍ଷିତ ଦାସ।

ଅରକ୍ଷିତ ଦାସଙ୍କ ନାମକୁ ନେଇ କିମ୍ବଦନ୍ତୀଟିଏ। ଦିଗପହଣ୍ଡୀ କଚେରୀ, ରାତ୍ର ସମୟ, ଅଚାନକ ପହଞ୍ଚିଲେ ସାଧୁ କେତେଜଣ। ସାଧୁ ସନ୍ଥଙ୍କର ରାଜଦରବାରରେ କାଳେ କାଳେ ଆଦର। ଅନ୍ନ ବ୍ୟଞ୍ଜନ ପ୍ରସ୍ତୁତ ହେଲା। ସାଧୁଙ୍କ ମଣୋହି ରମ୍ଭାପତ୍ରରେ, କଚେରୀ ନିକଟରେ ରହୁଥିଲେ ଜଣେ ବିଧବା ବ୍ରାହ୍ମଣୀ। ବଳଭଦ୍ର ତାଙ୍କ ବାଡ଼ିରୁ ପତ୍ର କାଟିଲେ, ଶବ୍ଦ ଶୁଣି ବ୍ରାହ୍ମଣୀ ଚିତ୍କାର କଲେ, କିଏ ସେ ଅରକ୍ଷିତଟା ପତର କାଟୁଚି କହି କଟାକ୍ଷ କଲେ। ବ୍ରାହ୍ମଣୀ ଆଗରେ ରାଜକୁମାର ବଳଭଦ୍ର। ବଳଭଦ୍ରଙ୍କର ନଥିଲା କ୍ରିୟା ପ୍ରତିକ୍ରିୟା। ସେଇଦିନୁ ନିଜକୁ ପରିଚୟ ଦେଲେ ଅରକ୍ଷିତ ଭାବେ। ଜଣେ ସଂସାର ତ୍ୟାଗୀଙ୍କ ପାଇଁ ଏଇ ନାଁଟି ସର୍ବୋତ୍କୃଷ୍ଟ। ଏକଥାଟି ଶକାବ୍ଦରେ ଉଲ୍ଲିଖିତ – "ପତ୍ରକୁ ନ ପାଇଣ ମୁହିଁ / ବ୍ରାହ୍ମଣୀ ବାଡ଼ିରେ ମିଳଇ / ପତ୍ର କାଟିଲି ଖଣ୍ଡ ଦଶ / ଶୁଣି ବ୍ରାହ୍ମଣୀ ମନେ ତ୍ରାସ / ଡାକିଲା ଉଚ୍ଚେ କୋପ କରି / କେ ମୋ ବାଡ଼ିରେ ଚୋରିକରି / ଏଡ଼େ ଭରସାରେ ତୋର / ପତ୍ରକାଟୁ ନିଶା ରାତ୍ରର / ତା ବାଣୀ ଶୁଣି ମୁଁ କହଇ / ଅର୍କ୍ଷିତ ପତ୍ର ମୁଁ ନେବଇ।" ସେଇଦିନୁ ସେ ହେଲେ ଅରକ୍ଷିତ! ମହୀମଣ୍ଡଳ ଗୀତାରେ ନିଜ ଜୀବନ କଥା ବାଢ଼ିଛନ୍ତି ଅରକ୍ଷିତ। ସେ ନାନା ସ୍ଥାନ ବୁଲିଛନ୍ତି, ସାଧନାରତ ରହିଛନ୍ତି। ଶ୍ରୀକ୍ଷେତ୍ରକୁ ଯାଇଛନ୍ତି, ସବୁଠି ନିରାଶ ହୋଇଛନ୍ତି। ପୁରୀରେ ପହଞ୍ଚିଲା ବେଳେ ତାଙ୍କୁ ୧୯ ବର୍ଷ, ତାଙ୍କୁ କିଏ ପାଗଳ କହିଛି, ସେ ବାଉରୀ ହାତରୁ ମାଡ଼ ଖାଇଛନ୍ତି, ଓପାସ ଭୋକେ ଦିନ ବିତିଛି, ପାଇ ନାହାନ୍ତି ତତ୍ତ୍ୱଜ୍ଞାନ। ପୁରୀରେ ଦିଅଁ ଦର୍ଶନ ହେଇନି, ଫେରିଛନ୍ତି ଅଠରନଳା ଠାରୁ। ସେଇ ହତାଶା କଥା ବଖାଣିଛନ୍ତି– "ସତର ବରଷ ଯେଠାରୁ / ସୁବୁଦ୍ଧି ହେଲା ମୋ ହୃଦୟରୁ / ଦୁଇ ବରଷ ଘର ଠାରେ / ରହିଲି ତୁମ୍ଭ ଭାବନାରେ / ତୁମ୍ଭର ଭାବେ ଚିତ୍ତ ଦେଲି / ରାତ୍ର ଦିବସ ନଜାଣିଲି / ଭାବିଲି ଘରେ କାର୍ଯ୍ୟ ନାହିଁ / ଅରଣ୍ୟେ ପଶିଯିବ ମୁହିଁ।" ଅରକ୍ଷିତ ପାଞ୍ଚଦିନ ପୁରୀରେ ରହିଲେ, ପ୍ରଭୁଙ୍କ କୃପା ହେଲାନି, ନାନାଦି କଷଣ ସହିଲେ, ଅନ୍ନ ପାଣି ମିଳିଲାନି। ଶେଷରେ – "ବୋଇଲି ଏଇ କାର୍ଯ୍ୟ ନାହିଁ / ବ୍ରହ୍ମାଣ୍ଡେ ପୂରିଅଛି ସେହି / ଏମନ୍ତ ମନେ ମୁଁ ପାଞ୍ଚିଲି / ଅଠର ନଳା ପାରି ହେଲି।" ଶେଷରେ ଆଦରି ନେଲେ ଓଲାଶୁଣୀ ପୀଠକୁ, ଧ୍ୟାନମଗ୍ନ ରହିଲେ, ସିଦ୍ଧିଲାଭ କଲେ, ହେଲେ ମହାପୁରୁଷ ଅରକ୍ଷିତ ଦାସ। ଶ୍ରୀ ଶ୍ରୀ ବ୍ରହ୍ମ ଅବଧୂତ ଅରକ୍ଷିତ ଦାସ। ତାଙ୍କ ସମୟରେ ସାମାଜିକ ସଂକଟ, ଧର୍ମର ଅବକ୍ଷୟ। ସେ ସତ୍ୟ, ନ୍ୟାୟ, ଧର୍ମ ପ୍ରତିଷ୍ଠାରେ ଲାଗିଲେ। ତାଙ୍କ ସ୍ୱଚିନ୍ତନ, ଆଦର୍ଶ, ସଂସ୍କାରବାଦୀ ଚେତନାରେ ମୁଗ୍ଧ ହେଲେ ଭକ୍ତକୁଳ। ଅରକ୍ଷିତ ସଂଯମ, ତ୍ୟାଗନିଷ୍ଠ ଜୀବନ ଉପରେ ଗୁରୁତ୍ୱ ଦେଲେ। ଜାତ୍ୟାଭିମାନ ଦୂରୀଭୂତ ପାଇଁ ପ୍ରଚେଷ୍ଟା କଲେ। ଜାତି, ଧର୍ମ, ବର୍ଣ୍ଣ ବିଦ୍ୱେଷ ତାଙ୍କର ନଥିଲା। ବିନା ବାଛ ବିଚାରରେ ସମସ୍ତଙ୍କ ଘରୁ ଭିକ୍ଷା ଗ୍ରହଣ କରୁଥିଲେ। ନାରୀଜାତି ପ୍ରତି ତାଙ୍କର ଥିଲା ଯଥେଷ୍ଟ ସମ୍ମାନ। ତାଙ୍କ ପାଇଁ ନାରୀମାନେ ପ୍ରକୃତି ରୂପିଣୀ, ପୁରୁଷ ପରମର ପ୍ରତୀକ। ଆତ୍ମା, ପରମାତ୍ମାର ଗୂଢ଼ରହସ୍ୟ ସେ ଉନ୍ମୋଚନରେ ଚେଷ୍ଟିତ ଥିଲେ। ଆତ୍ମା ସ୍ତ୍ରୀ କିମ୍ବା ପୁରୁଷ ନୁହେଁ – ଏହା ବେଦାନ୍ତର ସିଦ୍ଧାନ୍ତ। ଘଟର ପରିବର୍ତ୍ତନ ଘଟେ। ଆତ୍ମା ନୂତନ ଘଟରେ ପ୍ରବେଶ କରେ, ପୁରୁଷ ଅଥବା ନାରୀ, ସେଇ ଅନୁଯାୟୀ ଏହା ବିବେଚିତ। ଆତ୍ମାକୁ ଚିହ୍ନିଲେ, ପରଂବ୍ରହ୍ମଙ୍କ ସାନ୍ନିଧ ମିଳେ – ଏହା ସନ୍ଥଙ୍କର ମୁଖ୍ୟ ବାଣୀ। ଅରକ୍ଷିତ ପ୍ରତିମା ପୂଜାର ଘୋର ବିରୋଧୀ, ଷୋଡ଼ଶ ଶତାବ୍ଦୀର ପଞ୍ଚସଖା ସାଧକ ଥିଲେ ଦ୍ୱୈତବାଦର ପ୍ରଚାରକ, ସେହିପରି ବୌଦ୍ଧ ସହଜିଆ ସାଧକଙ୍କର ଶୂନ୍ୟବାଦ – ଏ ଦୁଇଟି ମତ ଅରକ୍ଷିତଙ୍କୁ ପ୍ରଭାବିତ କରିନଥିଲା। ସେ ଥିଲେ ଦ୍ୱୈତା ଦ୍ୱୈତ ମାର୍ଗୀ। ନାମ ସତ୍, ଜଗତ୍ ମିଥ୍ୟା – ଏହା ତାଙ୍କ ଚିନ୍ତନର ଅନ୍ୟତମ ବାଣୀ। ସର୍ବସ୍ୱ ତ୍ୟାଗୀ ଅରକ୍ଷିତ, ମୋକ୍ଷ ପାଇଁ ଏକନିଷ୍ଠ ନାମ ଭଜନରେ ରତଥିଲେ। ସେଇ କଥା ଲେଖିଛନ୍ତି ମହୀମଣ୍ଡଳ ଗୀତାରେ। "କାଷ୍ଠ ପାଷାଣ ପିତୁଳାକୁ / ଦେବତା ବୋଲି ପୂଜ ତାଙ୍କୁ / ସେ କେବେ ଗତି ମୁକ୍ତି ଦେବ / ଏହା ନ ଜାଣେ ମୂଢ଼ ଜୀବ।" ଅନ୍ୟତ୍ର ଲେଖିଛନ୍ତି "ସେ ନାମେ ବ୍ରହ୍ମାଣ୍ଡ ଘୋଟିଛି / ସେହି ନାମକୁ ମୁଁ ଭାବୁଛି / ନାମ ଜଳ ସ୍ଥଳ ଅନଳ / କେହି ନପାନ୍ତି ତା'ର ଥଳ।" ନାମର ମହତ୍ତ୍ୱ ଅରକ୍ଷିତ ବୁଝିଥିଲେ, ତା' ସହିତ ଆପଣେଇଲେ ଭକ୍ତିଯୋଗ। କୈବଲ୍ୟ ହିଁ ସାତ୍ତ୍ୱିକଜ୍ଞାନ – ଏକଥାଟି ଶ୍ରୀମଦ୍‌ଭଗବତ୍ ମହାପୁରାଣ କହେ। ଏ ଜ୍ଞାନରେ ସଂଶୟ ଅଛି, ଅହଂକାରବି। ଏଇଥିପାଇଁ ସନ୍ଥ ଅରକ୍ଷିତ ଭକ୍ତି ମାର୍ଗକୁ ଆଣିଛନ୍ତି। "ଭକତି ଯୋଗ ତୁ ସାଧିଲେ / ଯୁଗଯୁଗାନ୍ତ ଥିବୁ ଭଲେ / ଅଜର ଅମର ତୁ ହେବୁ / ଯେତେ ତୁ ଏ ଯୋଗ ସାଧିବୁ।" ଏଇ ପ୍ରସଙ୍ଗଟି ପିଣ୍ଡ ବ୍ରହ୍ମାଣ୍ଡ ତତ୍ତ୍ୱାଶ୍ରୟୀ। ପଞ୍ଚସଖାଙ୍କ ସାଧନା ମାର୍ଗ ଅନୁରୂପ। ଅରକ୍ଷିତ ଏଇ ପନ୍ଥୀ। ଗୋଟେ କଥାରେ କହିଲେ ଅବଧୂତ, ଶ୍ରୀ ଶ୍ରୀ ବ୍ରହ୍ମ ଅରକ୍ଷିତ।

ଆହାରେ ଭଲମନ୍ଦ ନାହିଁ, ଯେ ସ୍ଥାନେ ଯେମନ୍ତ ମିଳଇ। ଅବଧୂତଙ୍କର ଏଇଟି ଜୀବନ ଦର୍ଶନ। ଅରକ୍ଷିତ ବି ସବୁ ପ୍ରକାର ଖାଦ୍ୟକୁ ପ୍ରସାଦ ମଣୁଥିଲେ, ଗ୍ରହଣ କରୁଥିଲେ। ସୃଷ୍ଟି ତ ଆମିଷରୁ। ଏଣୁ ତାଙ୍କର ବିକାର ନଥିଲା। ଏକଥାକୁ ସେ ପ୍ରାଞ୍ଜଳ ଭାବେ ବ୍ୟାଖ୍ୟା କଲେ, "ରଜ ବୀର୍ଯ୍ୟ ଆମିଷ ଜାଣ / ତହିଁରୁ ସକଳ ଭିଆଣ / ଜଳସ୍ଥଳ ପୃଥ୍ୱୀ ଆକାଶ/ ଆମଷି ମଧ୍ୟେ ସବୁ ଲିପ୍ତ / ଏ ସବୁ ଆମିଷ ହୋଇଛି / ତାକୁ ସର୍ବେ ଖାଇଅଛି / ଅଗ୍ନିଟି ଖାଉଛି ସମସ୍ତ / ତାହାର ଶରୀର ଆମିଷ।" ସର୍ବଧର୍ମ ସମନ୍ୱୟବାଦୀ ଅରକ୍ଷିତ, ଏହା ତାଙ୍କର ଶ୍ରେଷ୍ଠ ତତ୍ତ୍ୱାଦର୍ଶ, ଏଥି ପାଇଁ ସବୁ ସମ୍ପ୍ରଦାୟର ଶ୍ରଦ୍ଧାଳୁ ତାଙ୍କ ପ୍ରତି ଅନୁରକ୍ତ ଥିଲେ। ବାକ୍‌ସିଦ୍ଧ ଅରକ୍ଷିତ ଦାସ। ତାଙ୍କ ଆଦେଶ ମାତ୍ରେ ଦୁରାରୋଗ୍ୟ ବ୍ୟାଧିରୁ ଉପଶମ ମିଳେ – ଏକଥାଟି ଏବେବି ଲୋକମୁଖରେ ପ୍ରଚଳିତ। ତାଙ୍କର ଅଲୌକିକ ମହିମା। ଏକଥାକୁ ଏକଦା ପରୀକ୍ଷା କଲେ ଜଣେ ମୁସଲମାନ ଜମିଦାର, ମିର୍ଜା ଇସ୍‌ମାଇଲ୍ ବେଗ୍, ତାଙ୍କ ଘର ଅକରପଡ଼ା। ଏକଦା ଅରକ୍ଷିତଙ୍କୁ ଘରକୁ ଡାକିଲେ, ମାଂସର ବ୍ୟଞ୍ଜନ ପରଶିଲେ। ମାତ୍ର ଅରକ୍ଷିତଙ୍କ ସ୍ପର୍ଶ ମାତ୍ରେ ପାଲଟିଲା ଶ୍ରୀକ୍ଷେତ୍ର ଅବଢ଼ା, ଡାଲି, କ୍ଷୀରି, ବେଶର। ଅରକ୍ଷିତ ତୃପ୍ତିରେ ଭୋଜନ କଲେ, ସନ୍ଥଙ୍କର ଏଇଟି ଥିଲା ଚମତ୍କାରିତା। ସେହିଦିନୁ ଇସମାଇଲ୍ ବେଗ୍ ସପରିବାର ତାଙ୍କର ଶିଷ୍ୟତ୍ୱ ଗ୍ରହଣ କଲେ। ଏଇଟି ଗୋଟେ କିମ୍ବଦନ୍ତୀର କଥା। ଅରକ୍ଷିତ ଗୁରୁ ପରମ୍ପରାରେ ବିଶ୍ୱାସୀ, ମାତ୍ର ଶିଷ୍ୟ ଗ୍ରହଣ କରିବା ତାଙ୍କ ନୀତି ବିରୁଦ୍ଧ। ସେ ଜୀବଦ୍ଦଶାରେ ଶିଷ୍ୟଙ୍କୁ ଦୀକ୍ଷା ଦେଇନଥିଲେ। ତାଙ୍କର ପରମ ସେବକ ମଧୁଦାସ, ଶତଚେଷ୍ଟା କରି ତାଙ୍କୁ ଗୁରୁ କରି ପାରିନଥିଲେ। ଅରକ୍ଷିତଙ୍କ ସମାଧୀ ପ୍ରାପ୍ତିପରେ ତାହା ସମ୍ଭବ ହେଲା। ମଧୁଦାସ କଠୋର ସାଧନା କଲେ। ଗୁରୁ ବିହୁନେ ଆତ୍ମବିସର୍ଜନ କରିବାକୁ ଉଦ୍ୟତ ହେଲେ। ଗହଳିଆ ଅନ୍ଧାର ଓଲାଶୁଣି ଚାରିପଟେ, ହିଂସ୍ରଜନ୍ତୁଙ୍କ ବିକଟ ଚିତ୍କାର, ମଧୁ ପାହାଡ଼ ଉପରୁ ଲମ୍ଫ ପ୍ରଦାନ କଲେ। ସ୍ୱୟଂ ଅରକ୍ଷିତଙ୍କ ଆବିର୍ଭାବ ହେଲା, ତୋଳି ଧରିଲେ ମଧୁଙ୍କୁ ଶ୍ରଦ୍ଧାରେ। ଏକଥା ଲେଖିଛନ୍ତି ମଧୁଦାସ, "ଗୁମ୍ଫାରୁ ବାହାରି ଆସିଲେ / ଶ୍ରୀକରେ ମୋ କର ଧରିଲେ / ମୁଁ ପୁଣି ଚମକି ଉଠିଲି / ଲେଉଟି ଅନାଇଣ ଦେଲି। ଦେଖିଲେ ଯେଉଁ ରୂପଜ୍ୟୋତି / କୋଟି ବ୍ରହ୍ମାଣ୍ଡ କରେ ପତି / ତ୍ରାହି ଶ୍ରୀଗୁରୁ କହିଲି / ପାଦରେ ମୁଣ୍ଡ ଲଗାଇଲି।" ଏ ପ୍ରସଙ୍ଗଟି ମଧୁଦାସ ଉଲ୍ଲେଖ କରିଛନ୍ତି ଭୂମଣ୍ଡଳ ଗୀତାରେ। ଅରକ୍ଷିତଙ୍କ ଧ୍ୱନି 'ଓଁକାର ଧ୍ୱନି'। ପ୍ରତିଟି ଜୀବ ସ୍ୱୟଂ ବ୍ରହ୍ମ ଅଟେ, ସେ ଛପନ କୋଟି ଜୀବ ବିଷୟ ଜାଣି ପାରେ। ଅରକ୍ଷିତ ଏଥିରେ ବିଶ୍ୱାସୀ। ତେଣୁ ତାଙ୍କର କେହି ଗୁରୁ ନଥିଲେ, କାହା ଠାରୁ ସେ କର୍ଣ୍ଣମନ୍ତ୍ର ଗ୍ରହଣ କରିନଥିଲେ। ନିଷ୍କାମ ଭକ୍ତିଯୋଗକୁ ଆଶ୍ରା କରିଥିଲେ। ଅରକ୍ଷିତଙ୍କ ପାଇଁ ପୂତପବିତ୍ର ଓଲାଶୁଣୀ ପୀଠ, ବ୍ରହ୍ମବାଦୀ ମଧୁସୂଦନଙ୍କ ମହିମା ଅବର୍ଣ୍ଣନୀୟ। ପୀଠର ଖଣ୍ଡେ ଦୂରରେ ପଞ୍ଚୁପାଣ୍ଡବ, ଗୁରୁ ଦ୍ରୋଣାଚାର୍ଯ୍ୟ, କୁନ୍ତୀ, ଦ୍ରୌପଦୀଙ୍କ ସ୍ମୃତି, ଓଳକଣା ପ୍ରସିଦ୍ଧ ମେଳଣ ପଡ଼ିଆ, ସେଠାରେ ଭକ୍ତ ବିଦୁର, ଉଦ୍ଧବଙ୍କ ଗାଦୀ, ସ୍ୱୟଂ ଶ୍ରୀକୃଷ୍ଣ, ବଳରାମ ସେ କ୍ଷେତ୍ରକୁ ଆସିଥିଲେ। ଅରକ୍ଷିତ ମଧ୍ୟ ଉଦ୍ଧବପୀଠ ଓଳକଣାରେ ଯୋଗ ସାଧିଥିଲେ। ଓଲାଶୁଣୀରୁ ଓଳକଣା ଯାଏ ସୁଡ଼ଙ୍ଗଟିଏ ଅଛି। ଏକଥାଟି ଏବେବି ଲୋକେ କହନ୍ତି। ଆଚାରଣ ଉଚ୍ଚାରଣରେ ଶୁଦ୍ଧତା, ସର୍ବଧର୍ମ ସମନ୍ୱୟବାଦୀ ଧର୍ମୀୟଚେତନା ଅରକ୍ଷିତଙ୍କର ଅନନ୍ୟ ନିପୁଣତା। ତେଣୁ ସେ ବନ୍ଦନୀୟ। ମାଘଶୁକ୍ଳ ଏକାଦଶୀ, ସନ୍ଥଙ୍କର ମହାସମାଧୀ ଉତ୍ସବ। ଏଦିନ ଶହଶହ ସାଧୁସନ୍ଥଙ୍କ ମିଳନ ପେଣ୍ଠ ପାଲଟିଛି। ବାସ୍ତବିକ ଅରକ୍ଷିତଙ୍କ ଲୀଳା ଅସାଧାରଣ। ଓଲାଶୁଣୀ ପାହାଡ଼ର ମୁଖ୍ୟ ଆକର୍ଷଣ ଅରକ୍ଷିତ ସମାଧୀ ମନ୍ଦିର। ଏଥି ସହ ଆଉ କେତେଜଣ ମହନ୍ତଙ୍କ ବି ସମାଧୀ ରହିଛି। ଅନ୍ୟାନ୍ୟ ପାର୍ଶ୍ୱ ଦେବଦେବୀଙ୍କ ମନ୍ଦିର ମଧ୍ୟ ଅଛି। ମହାପୁରୁଷଙ୍କୁ ମୁଖ୍ୟତଃ ଅନ୍ନପ୍ରସାଦ ଲାଗି ହୁଏ। କିନ୍ତୁ ପୋଡ଼ପିଠା, ଶୁଖୁଆ ତାଙ୍କର ପ୍ରିୟ ପ୍ରସାଦ। ଅନ୍ୟ ଦେବଦେବୀଙ୍କ ନିକଟରେ ବାଲ୍ୟଭୋଗ, ଅନ୍ନ ପ୍ରସାଦ ଲାଗି ହୁଏ। କାଞ୍ଜିପାଣି ପୀଠର ଏକ ନିଆରା ଆକର୍ଷଣ, ମହାପ୍ରଭୁ ଶ୍ରୀଜଗନ୍ନାଥ ଟଙ୍କ ତୋରାଣି ଟୋପେ ପାଇଁ ଭକ୍ତ ବାଇୟା। ସେହିପରି ଓଲାଶୁଣିର କାଞ୍ଜିପାଣି। ଏହାର ଅନୁପମ ଦ୍ରବ୍ୟଗୁଣ। ନାନାଦି ପେଟରୋଗର ଏହା ଅବ୍ୟର୍ଥ ମହୌଷଧି। ଗୁମ୍ଫା ଏକାଦଶୀରେ ମୁଖ୍ୟତଃ ପୋଡ଼ପିଠା ଶୁଖୁଆ ଭୋଗ ସନ୍ଥଙ୍କୁ ମୁଖ୍ୟ ନୈବେଦ୍ୟ ଲାଗି ହୁଏ। ମାଘକୃଷ୍ଣ ଏକାଦଶୀ, ଉଛୁଳୁଛି ଓଲାଶୁଣି ପୀଠ। ଦିନ ବଦଳୁଛି। ସେଦିନ କୁ ବାଘ ଖାଇଲାଣି। ଏବେ ସବୁ ନୂଆ ନୂଆ। ଏଥିରୁ ବାଦ୍ ପଡିନି ଓଲାଶୁଣୀ ମଠ। ସୁନ୍ଦର କୋଠାବାଡ଼ି, ସୁଦୃଶ୍ୟ ସମାଧିପୀଠ। ପାନୀୟ ଜଳର ଅସୁବିଧା ନାହିଁ। ଭକ୍ତ ମାନଙ୍କ ପାଇଁ ସମସ୍ତ ସୁବିଧା ଉପଲବ୍ଧ। ସେଦିନ ନଥିଲା ହୋଟେଲ୍ ବଜାର। ଗୁମ୍ଫା ଏକାଦଶୀ, ପାହାଡ ଉପରେ ଢେର୍ ଭକ୍ତଙ୍କ ସମାବେଶ। ମାଘମାସ ବାଘ ଶୀତ। ହାଣ୍ଡି, ଚୁଲା ଆଉ ଆଉ ରୋଷେଇ ସରଞ୍ଜାମ। ରୋଷେଇବାସ ଚାଲେ। ମହାନନ୍ଦରେ ରାତି କଟେ। ଓଲାଶୁଣୀ ଅନତି ଦୂରରେ ହିରକ ତ୍ରିଭୁଜ – ଲଳିତଗିରି, ଉଦୟଗିରି, ରତ୍ନଗିରି। ପାହାଡରୁ ପଥରକାଟି ଜିବିକା ଅର୍ଜନ କରନ୍ତି ସେଠାକା ବାସିନ୍ଦା। ଚକି,ଶିଳ, ପଥରୁବାଟି, ଜଳଯନ୍ତ୍ର ଆଦି ନାନାଦି ଦ୍ରବ୍ୟ। ଝିଅ ବିଦା ପାଇଁ ଏସବୁ ସଜ କିଣାଯାଏ। ଏବେବି ଗାଁ ଗହଳି ଲୋକଙ୍କର ଏଇଟି ମୁଖ୍ୟ ଆକର୍ଷଣ। ଅଧୁନା ଶହଶହ ଦୋକାନୀ ପସରା ମେଲିଛନ୍ତି। କୋଟିକୋଟି ଟଙ୍କାର କାରବାର। ହରେକ୍‌ମାଲ୍, ମୀନାବଜାର ନିକଟରେ ଭିଡ଼। ନାମୀଦାମୀ ଯାତ୍ରାପାର୍ଟି, ରାତି ସାରା ଚମକଉଛି ଯାତ୍ରା ନାଟକ, ରେକର୍ଡ଼ ଡ୍ୟାନ୍‌ସ, ଭିଲେନଙ୍କର ଡାଇଲଗ୍, ହାସ୍ୟ ଅଭିନେତାଙ୍କ ଅଙ୍ଗଭଙ୍ଗୀ, ରାତି ସରୁଛି, ଜାଣି ହେଉନି। ଗୋଟେ ପ୍ରକାର ଖୁସିର ମାହୋଲ ସୃଷ୍ଟି କରିଛି। ସତରେ! ଓଲାଶୁଣୀ ମେଳା ଏକ ଓଡିଶା ପ୍ରସିଦ୍ଧ ମହୋତ୍ସବ – ଏଥିରେ ଦ୍ୱିରୁକ୍ତି ନାହିଁ।

## ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ
## ବିଶ୍ୱରୂପ ଦର୍ଶନ

---

### ସ୍ୱପ୍ନ



ସପନର ଶେଯ ଏ ଦୁନିଆ
  ସପନ ଶେଯରେ ଶୋଇ ଶୋଇ
ଜୀବନକୁ ଉପଭୋଗ
  କରି ହୁଏ ନାହିଁ । ୧ ।
ଏଇ ସ୍ୱପ୍ନ, ନେଇ ଚାଲେ
  କେତେବେଳେ ଦୂର ଦିଗବଳୟେ
ସେଠି ବି ଶୂନ୍ୟତା ।
  କେତେବେଳେ ନେଇଚାଲେ
ମନ୍ଦିର, ମସଜିଦ, ମଠ
  ଆକାଶ, ପାତାଳ
କିପରି ଏ ସ୍ୱପ୍ନ ?
  ଭାବିଲେ ବି ଭାବି ହୁଏ ନାହିଁ । ୨ ।
ଏଇ ସ୍ୱପ୍ନ ନେଇଚାଲେ
  କେତେବେଳେ ଶ୍ମଶାନ ଜୁଇକୁ
କେତେବେଳେ ଏଇ ସ୍ୱପ୍ନ
  ହୋଇଥାଏ ସୁଖ ଆଉ ଦୁଃଖର ମଧ୍ୟସ୍ଥି
କାହିଁକି ଏପରି ହୁଏ
  ଭାବିଲେ ବି ଭାବି ହୁଏନାହିଁ । ୩ ।
କେତେବେଳେ ଏଇ ସ୍ୱପ୍ନ
  ଜଗତକୁ ଭାଙ୍ଗିଦେଇ
ଗଢ଼ିତୋଳେ ସପନ ତାଜମହଲ
  କିନ୍ତୁ କାହିଁକି ?
କାହା ପାଇଁ କରୁଛି ସେ
  କିଛି ଭାବି ହେଉନାହିଁ ।୪ ।
କେତେବେଳେ ଏଇ ସ୍ୱପ୍ନ
  ବସନ୍ତର ବାସନେଇ
ପ୍ରେମିକ ପ୍ରେମିକା ହୃଦେ
  କରଇ ଗୁଞ୍ଜନ
କେତେବେଳେ ଏଇ ସ୍ୱପ୍ନ
  କାଳର କରାଳ ହୋଇ
ଭାଙ୍ଗି ଦିଏ ଜୀବନର
  ସକଳ ବୈଭବ
କହିଲରେ ଭାବି କରି
  କିଏ ଏହି ସ୍ୱପ୍ନ ସୌଦାଗର ।। ?
ସପନର ଶେଯ ପାରି କରେ ହରବର । ୫ ।

# ଭୀମ ଭୋଇଙ୍କ ସ୍ତୁତି ଚିନ୍ତାମଣି-ଶୂନ୍ୟ ଉପାସନାର ମାର୍ଗଦର୍ଶକ



ଡାକ୍ତର ଅଂଶୁମାନ କର
ଅନନ୍ୟ ନିକେତନ ଏନ୍-୧/
୧୮୩, ଭୁବନେଶ୍ୱର
ମୋ: ୯୭୭୮୦୩୦୪୯୪

ଖ୍ରୀଷ୍ଟୀୟ ୧୮୫୫ ଅବ୍ଦରେ ରେଢାଖୋଲରେ ଓଡ଼ିଆ କନ୍ଧ ଗୃହରେ ଜନ୍ମ ଗ୍ରହଣ କରନ୍ତି ଅନ୍ଧ ଭୀମ ଭୋଇ। ମାତୃଗର୍ଭରେ ଥିବା ସମୟରେ କିମ୍ବା ସ୍ୱଳପ ଆୟୁରେ ସେ ହୋଇଛନ୍ତି ପିତୃହରା । ସ୍ତୁତି ଚିନ୍ତାମଣିରେ ନିଜର ଏହି ବେଦନାକୁ ପ୍ରକାଶ କରି ସେ ଲେଖିଛନ୍ତି –

'ଗର୍ଭଧାରୀ ପିତା ଛାଡି ଗଲେ ମୋତେ ଜନ୍ମରୁ ନିଶାଖା ହୋଇ ।' ଜୀବନର ପ୍ରଥମ ୧୧ ବର୍ଷ ଅତି ଦୁଃଖରେ ଅତିବାହିତ କଲା ପରେ ୧୨ ବର୍ଷ ବେଳକୁ ବସ୍ତାଙ୍କ ସାଙ୍ଗରେ ବନରେ ବୁଲୁଥିବାବେଳେ ତାଙ୍କ କବିପଣ ବା ଜ୍ଞାନର ଉଦୟ ହୋଇଛି । ଜନଶୃତିମତେ ତାଙ୍କୁ ଲେଖାପଢା ଆସୁନଥିଲେ ବି ବନ ଭ୍ରମଣ କାଳରେ କୁମ୍ଭୀ ପଟିଆ ପରିବ୍ରାଜକ ସାଧୁଙ୍କ ସହ ତାଙ୍କ ସମ୍ପର୍କ ସ୍ଥାପନ ହେବାରୁ ସେ ଏହି ଶୂନ୍ୟ ଉପାସନା ପନ୍ଥୀ ମହିମା ଧର୍ମପ୍ରତି ଆକୃଷ୍ଟ ହେଲେ ଏବଂ ପରବର୍ତ୍ତୀ ସମୟରେ ସେ ଢେଙ୍କାନାଳ ଯୋରନ୍ଦାଠାରେ ମହିମା ଗୋସାଇଁଙ୍କ ଠାରୁ ସାକ୍ଷାତ ଦୀକ୍ଷା ପାଇ, ଏହି ଧର୍ମର ପ୍ରଚାର ପ୍ରସାର ଲାଗି ଗୁରୁ ପ୍ରେରଣାରେ 'ସ୍ତୁତି ଚିନ୍ତାମଣି' ରଚନା କଲେ । ମହିମା ଧର୍ମ ପ୍ରବର୍ତ୍ତକ ମହିମା ଗୋସାଇଁଙ୍କ ମୂଳ ବାକ୍ୟ ଥିଲା – 'ପ୍ରଭୁଙ୍କ ମହିମାରେ ଏହି ଜଗତରେ ସୃଷ୍ଟି, ସ୍ଥିତି ଓ ପ୍ରଳୟ ହେଉଅଛି। ତାହାଙ୍କର ମହିମା ଏତେ ଅଧିକ ଯେ, ତାହା ଲେଖା ଦ୍ୱାରା ଶେଷ କରାଯାଇପାରେ ନାହିଁ । ତେଣୁ ତାଙ୍କ ନାମ ଅଲେଖ।

ଏହି ବାଣୀର ପ୍ରଚାର ପାଇଁ ଅବଧୂତ ଗୁରୁ ନିଜେ ସ୍ୱଭକ୍ତ ଗୋବିନ୍ଦଙ୍କ ସହିତ ପୂର୍ବରୁ ଭଗତ ଭୀମ ଭୋଇଙ୍କ ନିକଟକୁ ଆସି କାଙ୍କଡ ପଡା ଗ୍ରାମରେ ସାକ୍ଷାତ ପ୍ରଦାନ କରି ତାଙ୍କ ସ୍ତୁତି ଚିନ୍ତାମଣି ଦ୍ୱାରା ନିର୍ବେଦ ସାଧନ ବ୍ରହ୍ମାଣ୍ଡରେ ବିଖ୍ୟାତ କରିବା ନିମନ୍ତେ ଆଦେଶ ପ୍ରଦାନ କରିଥିଲେ । ସ୍ତୁତି ଚିନ୍ତାମଣିରେ ସେହି ଶୂନ୍ୟ ଗୁରୁ ତାଙ୍କ ଉପାସନା କଥା ଲେଖିଲା ବେଳେ ତାଙ୍କ ମଧ୍ୟରେ ରାଧାଙ୍କ ତୁଲ୍ୟ ଭକ୍ତି ଭାବ ଜାତ ହୋଇଛି। ରାଧା ହେଉଛନ୍ତି ଆହ୍ଲାଦିନି ଶକ୍ତି ରୂପେ ଗୃହିତ । ସେ ଭଗବତ କାମରେ ଉନ୍ମତ୍ତା। ଭୀମ ମଧ୍ୟ ବ୍ରହ୍ମ ପ୍ରାପ୍ତିରେ ଉନ୍ମତ୍ତ ତେଣୁ ଲେଖିଲେ –

'ଦିବା ନିଶି ଉଦାସ ମତେ ଥିବ ବାତୁଳ ପରାଏ ହୋଇ ବାଳକ ମତେ ଯେବେ ଭ୍ରମି ପାରିବ ତେବେ ବ୍ରହ୍ମ ଭେଟ ପାଇ ପ୍ରେମେ ପୁଲକିତ ଅଶ୍ରୁ ଜଳ ଯୁକ୍ତ କ୍ରୋଧ ଭରେ ଗଦ ଗଦେ କପାଳରେ ହସ୍ତ ଦେଇ ଭୀମ ଭକ୍ତ ଭଣେ ତିନିଶତ ପଦେ (ସ୍ତୁତି ୧୫/୨୦) ଗୋଟିଏ ଶିଶୁର ହୃଦୟ ଯେପରି ନିର୍ମଳ ଏବଂ ଜିଜ୍ଞାସୁ ସେହିପରି ନିର୍ମଳ ଜିଜ୍ଞାସା ଦ୍ୱାରା ବ୍ରହ୍ମଙ୍କ ସହ ଭେଟ ହୋଇପାରିବ । ଆହୁରି ମଧ୍ୟ ପ୍ରେମ କ୍ରୋଧ ଦୁଃଖ ସବୁଥିରେ ସେହି ପରବ୍ରହ୍ମକୁ ଖୋଜିଲେ, ତାଙ୍କୁ ଭଜିଲେ ବ୍ରହ୍ମ ଦର୍ଶନ ପ୍ରାପ୍ତ ହୋଇପାରିବ ।

ଜ୍ଞାନ ଓ ଭକ୍ତି ମଧ୍ୟରେ ଭକ୍ତି ଗରିୟସୀ । ଭକ୍ତିରେ ପାଗଳ ହେବାକୁ ହେବ, ଜ୍ଞାନ ବଳରେ ଲୋକ ଭକ୍ତି ପାଇ ନ ପାରେ ମାତ୍ର ଉପନିଷଦରେ ସେହି ବାକ୍ୟ –ଭକ୍ତ୍ୟା ବିନା ବ୍ରହ୍ମ ଜ୍ଞାନଂ କଦାପି ନ ଜାୟତେ । ତସ୍ମାତ ତ୍ୱମପି ସର୍ବୋ ସର୍ବୋପାୟାନ ପରିତ୍ୟଜ୍ୟ ଭକ୍ତିମାଶ୍ରୟ ।

ନ୍ୟାୟରେ ଭୀମ ମଧ୍ୟ 'ସ୍ତୁତି ଚିନ୍ତାମଣି'ରେ ଲେଖିଲେ –

'ଧ୍ୟାନ ଯୋଗ ବଳେ ଗୁରୁଙ୍କ ରୂପକୁ ବନ୍ଦନା କରିଣ ଜାଣେ, ଦର୍ଶନ ବେଳରେ କିସ ମୁଁ ବୋଲଇ ଗୋଚର ନଥାଇ ମନେ । (ସ୍ତୁତି –୫୮/୧୫) ଭକ୍ତିରେ ପାଗଳ ହୋଇ ସ୍ଥୁଳ ଚେତନାରୁ ଅଗୋଚର ହୋଇ ପରମ ସମର୍ପଣ ଦ୍ୱାରା ହିଁ ବ୍ରହ୍ମକୁ ଚିହ୍ନି ହେବ ।

ଭୀମ ନିଜ ଶରୀରରୁ ଅଜ୍ଞାତ ପାପ ଦୂର କରିବା ପାଇଁ ଅଲେଖ ବ୍ରହ୍ମକୁ ସ୍ତୁତି କରିଛନ୍ତି । ଜଗତର କ୍ଲେଶ ପାପାଦିରେ ପୀଡିତ ହୋଇ ନିଜ ଜୀବନର ପୀଡା ମାନଙ୍କ ଅନୁଭବରୁ ତାଙ୍କ ସ୍ତୁତିରେ ଆସିଛି ବିଶ୍ୱ ପାଇଁ କରୁଣାର ଆକୁଳ ପ୍ରାର୍ଥନା –

'ଧରଣୀ ଧର ସମ୍ଭାଳି ସୁସ୍ଥକର ନୋହିଲେ ଭାସିଲା ନିଶ୍ଚେ ବୁଡିବା ସଂସାର ଜଣାଇଲୁ ନାହିଁ ନ ବୋଲିବ ମୋତେ ପଛେ (ସ୍ତୁତି୪୩/୧୬)। ପ୍ରାଣୀମାନଙ୍କ ଦୂରବସ୍ଥାରୁ ତାଙ୍କର ଉଦ୍ଧାର ପାଇଁ ସେ ଲେଖିଛନ୍ତି –'ବେଳୁ ବେଳ ପୃଥ୍ୱି ହେଲାଣି ଉତ୍ପତ୍ତି ଘୋର ପାପୁ କଳିକାଳ

ଏ ଜଗତ ନରେ ଅନ୍ୟାୟ ଆଚାରେ ବହି ଯିବେ ଦେଖୁ ଦେଖୁ
ଭୁଲାଉଛ କେତେ କହି ନାନାମତେ
ବୁଝାମଣା ନାହିଁ ବେଗ
ଛାଡି ଦିଅ ମୋତେ ଗୁରୁଦେବ ସ୍ୱାମୀ
ଭରଣା କରିବି ଯୋଗ ।
ନବ ଖଣ୍ଡ ମହୀ ଥାଳି ପ୍ରାୟ ହୋଇ
ହେଜିଲେ ମନକୁ ଆସେ । ଏକା ଦିବସରେ କ୍ଷଣକ ମଧ୍ୟରେ ଦ୍ୟନ୍ତି ପୃଥି ଲେଉଟାଇ ଦନ୍ତ କାମୁଡ଼ି କିସ ବୁଦ୍ଧି କରିବି ଶ୍ରୀଗୁରୁଙ୍କ ଆଜ୍ଞା ନାହିଁ ।' (ସ୍ତୁତି– ୨୬/୧୪/୧୭) ।

ଆଗକୁ ଆକୁଳ ମିନତି କରି ଲେଖୁଛନ୍ତି – 'ଶରଣ ବାଞ୍ଛିତ କାନ୍ଦି କାନ୍ଦି ଭକ୍ତ ଗଡିଲେଣି ସକଳ ଦୋଷ ଅପରାଧ କ୍ଷମା କରି ସ୍ୱାମୀ ଜାଗ୍ରତରେ ପ୍ରତି ପାଳ ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ ଦେଖୁ ଦେଖୁ କେବା ସହୁ
ମୋ ଜୀବନ ପଛେ ନର୍କେ ପଡିଥାଉ ଜଗତ ଉଦ୍ଧାର ହେଉ '। (ସ୍ତୁତି ୨୭/୬/୭)

ଏ ଖଣ୍ଡ ହାଡ ବୁନ୍ଦାଏ ରୁଧୀର ଫୁଟେ ମାଉଁସ ଜାଣଇ ।

ତେଣୁ କରି ସିନା ପ୍ରାଣୀଙ୍କ ବିକଳ ସହି ନପାରଇ ମୁଁ । (ସ୍ତୁତି ୨୭/୧୮)

ଜୀବନରେ ପରମ କଷ୍ଟ ସହି ଯେତେବେଳେ ଶରୀର ଓ ମନ କାମ ବାସନାର ଉର୍ଦ୍ଧ୍ୱକୁ ଉଠିଯାଏ ସେତେବେଳେ ସେହି ପରମ ସତ୍ତାଙ୍କ ପ୍ରତିପୂର୍ଣ୍ଣ ସମର୍ପଣ ଭାବ ଆସେ ଏବଂ ସେହି ଭାବରୁ ଜାତ ହୁଏ ସଂସାର କଲ୍ୟାଣ ପାଇଁ ଆକୁଳ ପ୍ରାର୍ଥନା । ଭୀମ ଭୋଇ ନିଜ ଜୀବନରେ ସେହି ଶୂନ୍ୟ ସତ୍ତାଙ୍କ ଉପସ୍ଥିତି ଅନୁଭବ କରିପାରି ଜଗତ ପାଇଁ ପ୍ରାର୍ଥନା କରିପାରିଛନ୍ତି । ବ୍ରହ୍ମଙ୍କ ଉପାସନାରେ ମହିମା ଗୋସାଇ ଯେଉଁ ପନ୍ଥା ପ୍ରବାହ କରିଥିଲେ ସେଥିରେ 'ଜଗତ ସତ୍ୟ' ବ୍ରହ୍ମ ସତ୍ୟ ର' ବିଚାର ଅଛି ଅର୍ଥାତ ଭକ୍ତ ସେହି ଶୂନ୍ୟ ପୁରୁଷଙ୍କୁ ଭକ୍ତି କରୁଛନ୍ତି ସତ ମାତ୍ର ସନ୍ନ୍ୟାସୀ ଭାବେ ସାଂସାରିକ ଭାବନା ରିକ୍ତ ହୋଇ ନୁହେଁ। ବରଂ ସାଂସାରିକ ଭାବ ଯୁକ୍ତ ହୋଇ । ଏଥିରେ ଶୂନ୍ୟ ବ୍ରହ୍ମଙ୍କ ପ୍ରତି ଶ୍ରଦ୍ଧା ସହ ସେହି ଅଗୋଚର ପରମପିତାଙ୍କ ପ୍ରତି ପ୍ରେମ ଯୁକ୍ତ ବାତ୍ସଲ୍ୟତା ଅଛି । ଭକ୍ତ ପ୍ରଭୁଙ୍କ ସହ ଅଳି କରୁଛି, ତାଙ୍କୁ ଗାଳି ଦେଉଛି ପୁଣି ସବିତ୍ର ତାଙ୍କରି ସତ୍ତାକୁ ସ୍ୱୀକାର କରି ସମର୍ପଣ କରୁଛି। ମହିମା ଧର୍ମ ପ୍ଲାବିତ ଏହି ଅନନ୍ୟ ବ୍ରହ୍ମ ଉପାସନାର ଗ୍ରନ୍ଥ ହେଲା ଭୀମ ଭୋଇଙ୍କ ସ୍ତୁତି ଚିନ୍ତାମଣି । ଭକ୍ତ ଅଭିମାନରେ କହୁଛି, 'ମେଲିଛ ପସରା ନିର୍ବେଦରେ ପରା ଅରୂପେ କରି ନ ପାରି

ଘେନ ମୋ ବିନତି ବୁଝ ତୁ ବ୍ୟକ୍ତି ଯେବେ ଭକ୍ତ ହିତକାରୀ ।

ସନ୍ଥ ପରେ କେତେ ଦହୁ ଅଛ ମୋତେ ଯେତେ ଦେଉଛ କଷଣ

ଭକତ ରକ୍ଷଣ ବାନା ବହି ଅଛ ଧନ୍ୟ ତୁମ ପ୍ରଭୁ ପଣ । (ସ୍ତୁତି ୧ମ ବୋଲି)

ପୁଣି ଶରଣାପନ୍ନ ହୋଇ ଭକ୍ତ ଲେଖୁଛି 'ମୁଁ ହୀନ ପାମର କୀଟ ଜୀବ ସାର ତୋର ପୟରେ ଅନୁସରି

(ସ୍ତୁତି ୧-୧୦) କର ପତ୍ର ଯୋଡି ବିନୟ କରୁଛି ସୁକୃପା କର ଶ୍ରୀ ହରି ।

ଜଗତ ଧାରଣ ମୁକତି କାରଣ ତୁ ଯେ ବ୍ରହ୍ମାଣ୍ଡ କରତା

ପିଣ୍ଡ ପ୍ରାଣ ଆଦି ଲାଗି ଯା ଅନାଦି ଦୁଃଖ ସୁଖ ସର୍ବ ଚିନ୍ତା । (ସ୍ତୁତି ୪୦-୪/୫) ପୁନଶ୍ଚ ଏ ପିଣ୍ଡ ବ୍ରହ୍ମାଣ୍ଡ ଅହ୍ମଣିଆ କରି ବ୍ରହ୍ମକୁ ଦେଉଛି ଟେକି ।

ଏକ ଛତ୍ରପାଦେ ଘୋଡାଇ ସମ୍ଭାଳ ଅମୃତ ଲୋଚନ ଦେଖି । 'ଅରୂପ ବ୍ରହ୍ମାଣ୍ଡ' କର୍ତ୍ତାଙ୍କ ଚିନ୍ତା ଓ ଚେତନାରେ ହିଁ ଆର୍ତ୍ତଜନ ଉଦ୍ଧାର ନ୍ୟସ୍ତ ଅଛି ବୋଲି ଭୀମ ଭୋଇ ହୃଦବୋଧ କରି ସେହି ବ୍ରହ୍ମାଣ୍ଡ କାରଣ ପିଣ୍ଡ ବ୍ରହ୍ମକୁ ହିଁ ସର୍ବ ସମର୍ପଣ କରିଛନ୍ତି । ଆତ୍ମାର ସଦ୍‌ଗତି ନିମନ୍ତେ ବ୍ରହ୍ମକୁ ସମର୍ପଣ କରିବାକୁ ଭୀମ ଭୋଇଙ୍କ ସ୍ତୁତି ପ୍ରକୃତରେ ପ୍ରାଚୀନ କାଳର ବୈଦିକ ଚିନ୍ତନର ଶୂନ୍ୟ ଉପାସନାର ମାର୍ଗ । ବ୍ରହ୍ମଙ୍କ ସର୍ବତ୍ର ଉପସ୍ଥିତିର ବୋଧ ହିଁ ଭକ୍ତି ଯୋଗ ଓ କର୍ମ ଯୋଗର ମାର୍ଗ ପ୍ରଶସ୍ତ କରିବ । ତେଣୁ କବି ଲେଖିଲେ

'ସାନ ଦେହେ ସାନ ବଡ ଦେହେ ବଡ ଜୀବ ଅଜୀବ ସମାନ ।

ବିକାର ଅଣ ବିକାର ଠାବେ ବସି ନ ଥାଇଟି ଭିନ୍ନା ଭିନ୍ନ ।

ଦୁଷ୍ଟ ଦୂରାଚାରେ ଦୈତ୍ୟ ଦାନବରେ ସକଳ ଘଟେ ବିଶ୍ରାମ । (ସ୍ତୁତି ୪୭/୫/୬) ।

କାହିଁ ଶୂନ୍ୟ ନାହିଁ ସକଳ ଭୂତରେ ବୋହି ଯିବ ବ୍ରହ୍ମ ନାମ ।

ଆମ ସନାତନ ଧର୍ମ ଓ ଉତ୍କଳୀୟ ଧର୍ମରେ ମଧ୍ୟ ପ୍ରଭୁ ଜଗନ୍ନାଥ ସେହି ପରମ ବ୍ରହ୍ମଙ୍କ ବ୍ୟକ୍ତି –ଅବ୍ୟକ୍ତ ପ୍ରତୀକ। ଭୀମ ଭୋଇ ଯେଉଁ ମହିମା ଧର୍ମର ବିଚାର ପ୍ରେରଣାରୁ ସ୍ତୁତି ଚିନ୍ତାମଣି ରଚନା କଲେ ସେହି ଧର୍ମ ମଧ୍ୟ ଶୂନ୍ୟ ରୂପୀ ଜଗତନାଥଙ୍କ ପ୍ରେରଣା , ତେଣୁ ଅନ୍ଧ କନ୍ଧ କବି ଭୀମ ଭୋଇଙ୍କ ସ୍ତୁତି ଚିନ୍ତାମଣି ଶୂନ୍ୟ ବ୍ରହ୍ମ ଉପାସନାର ମାର୍ଗ ପ୍ରଦର୍ଶକ ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

31 YEARS
ସମ୍ବାଦ କଳିଙ୍ଗ


# ଘରୋଇ ମାଟିରେ ନ୍ୟୁଜିଲାଣ୍ଡ ଠାରୁ ସିରିଜ୍ ହାରିଲା ଭାରତ



**ଇନ୍ଦୋର**

ଇନ୍ଦୋର ହୋଲକର ଷ୍ଟାଡିୟମରେ ରବିବାର ବିରାଟ କୋହଲିଙ୍କ ଦମ୍‌ଦାର ଶତକ ସତ୍ତ୍ୱେ ଭାରତ ୪୧ ରନରେ ନ୍ୟୁଜିଲାଣ୍ଡଠାରୁ ପରାସ୍ତ ହୋଇଛି । ଡାରଲି ମିଚେଲ ଓ ଗ୍ଲେନ ଫିଲିପ୍ସଙ୍କ ଶତକ ବଳରେ ନ୍ୟୁଜିଲାଣ୍ଡ ନିର୍ଦ୍ଧାରିତ ୫୦ ଓଭରରେ ୮ ଉଇକେଟ ହରାଇ ୩୩୭ ରନ୍ କରିଥିଲା । ଜବାବରେ କୋହଲିଙ୍କ ଶତକ ସତ୍ତ୍ୱେ ଭାରତ ୪୬ ଓଭରରେ ୨୯୬ ରନ୍‌ରେ ଅଲଆଉଟ୍ ହୋଇଯାଇଥିଲା । ଏହି ବିଜୟ ସହ ନ୍ୟୁଜିଲାଣ୍ଡ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍‌କୁ ୨-୧ରେ ଜିତି ନେଇଛି । ଭାରତ ମାଟିରେ ଏହା ନ୍ୟୁଜିଲାଣ୍ଡ ପାଇଁ ପ୍ରଥମ ଦିନିକିଆ ସିରିଜ୍ ବିଜୟ ।

ନିମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ନ୍ୟୁଜିଲାଣ୍ଡ ନିର୍ଦ୍ଧାରିତ ୫୦ ଓଭରରେ ୮ ଉଇକେଟ ହରାଇ ୩୩୭ ରନ କରିଥିଲା । ଜବାବରେ ଭାରତ ଆରମ୍ଭରୁ ରୋହିତ ଶର୍ମା (୧୧)ଙ୍କ ଉଇକେଟ ହରାଇଥିଲା । ଏହାପରେ ବିରାଟ କୋହଲି ଗୋଟିଏ ପକ୍ଷରେ ବ୍ୟାଟିଂ କରୁଥିବା ବେଳେ ଅନ୍ୟ ପକ୍ଷରେ ଅଧିନାୟକ ଶୁବମନ ଗିଲ (୨୩), ଶ୍ରେୟସ ଆୟାର (୩) ଓ ଲୋକେଶ ରାହୁଲ (୧) କ୍ରମାଗତ ବ୍ୟବଧାନରେ ଆଉଟ୍ ହୋଇଥିଲେ । ଦଳ ମାତ୍ର ୭୧ ରନରେ ପ୍ରମୁଖ ୪ ବ୍ୟାଟରଙ୍କ ଉଇକେଟ ହରାଇଥିଲା । ଏଭଳି ପରିସ୍ଥିତିରେ କୋହଲିଙ୍କ ସହ ନୀତୀଶ କୁମାର ରେଡ୍ଡୀ ମିଶି ପଞ୍ଚମ ଉଇକେଟରେ ୮୮ ରନ ଯୋଡ଼ିଥିଲେ । ହେଲେ ନୀତୀଶ କ୍ୟାରିୟରର ପ୍ରଥମ ଦିନିକିଆ ଅର୍ଦ୍ଧଶତକ ପୂରଣ କରିବା ପରେ ଆଉଟ୍ ହୋଇଥିଲେ । ସେ ୫୭ ବଲରେ ୫୩ ରନ କରିଥିଲେ । ତାଙ୍କ ପରେ କ୍ରିଜ୍‌କୁ ଓହ୍ଲାଇଥିବା ରବୀନ୍ଦ୍ର ଜାଡ଼େଜା (୧୨) ବିଫଳ ହୋଇଥିଲେ । ଏହିଠାରୁ କୋହଲି ଓ ହର୍ଷିତ ରାଣା ସପ୍ତମ ଉଇକେଟରେ ୬୯ ବଲରେ ଦ୍ରୁତ ୯୯ ରନ ଯୋଡ଼ି ଦଳକୁ ବିଜୟ ଆଶା ଦେଇଥିଲେ । ଇତି ମଧ୍ୟରେ କୋହଲି ୫୪ତମ ଦିନିକିଆ ତଥା ଅନ୍ତର୍ଜାତୀୟ କ୍ୟାରିୟରର ୮୫ତମ ଶତକ ପୂରଣ କରିଥିଲେ । ହର୍ଷିତ ଅର୍ଦ୍ଧଶତକ ପୂରଣ କରିବା ପରେ ପାଭିଲିଅନ ଫେରିଥିଲେ । ସେ ୪୩ ବଲରେ ୫୨ ରନ କରିଥିଲେ । କୋହଲି ୧୦୮ ବଲରେ ୧୨୪ ରନ କରି ୯ମ ବ୍ୟାଟର ଭାବେ ଆଉଟ୍ ହୋଇଥିଲେ । ତାଙ୍କ ଇନିଂସରେ ୧୦ ଚୌକା ଓ ୩ ଛକା ସାମିଲ ଥିଲା । ଫଳରେ ଭାରତ ୪୬ ଓଭରରେ ୨୯୬ ରନରେ ଅଲଆଉଟ୍ ହୋଇଯାଇଥିଲା ।

# ଅଷ୍ଟ୍ରେଲିଆ ଗସ୍ତ ପାଇଁ ଟି୨୦, ୱାନ ଡେ’ ଟିମ୍ ଘୋଷଣା କଲା ଭାରତ

**ନୂଆଦିଲ୍ଲୀ**

ଅଷ୍ଟ୍ରେଲିଆ ଗସ୍ତ ପାଇଁ ଭାରତୀୟ ମହିଳା କ୍ରିକେଟ ଦଳ ଘୋଷଣା କରାଯାଇଛି । ଏହି ଗସ୍ତରେ ଟିମ୍ ଇଣ୍ଡିଆ ତିନୋଟି ଦିନିକିଆ ଏବଂ ସମାନ ଟି-୨୦ ଖେଳିବ । ଦଳରେ ଅନେକ ବଡ଼ ପରିବର୍ତ୍ତନ କରାଯାଇଛି, ଯେଉଁଥିରୁ ଗୋଟିଏ ହେଉଛି ଭାରତୀ ଫୁଲମାଲିଙ୍କ ଜାତୀୟ ଦଳକୁ ପ୍ରତ୍ୟାବର୍ତ୍ତନ । ଭାରତୀ ତାଙ୍କର ଶେଷ ଅନ୍ତର୍ଜାତୀୟ ମ୍ୟାଚ୍ ୨୦୧୯ରେ ଖେଳିଥିଲେ । ସାତ ବର୍ଷ ପରେ ଏହି ୩୧ ବର୍ଷୀୟ ବ୍ୟାଟ୍ସମ୍ୟାନଙ୍କ ପ୍ରତ୍ୟାବର୍ତ୍ତନ ଡବ୍ଲୁପିଏଲ ୨୦୨୬ରେ ତାଙ୍କର ପ୍ରଭାବଶାଳୀ ପ୍ରଦର୍ଶନ ଯୋଗୁ । ଜୁନ ୨୦୨୬ରେ ଟି୨୦ ବିଶ୍ୱକପ ପାଇଁ ପ୍ରସ୍ତୁତି ପାଇଁ ଏହି ସିରିଜ ଗୁରୁତ୍ୱପୂର୍ଣ୍ଣ । ଏହାକୁ ଧ୍ୟାନରେ ରଖି, ଦଳ ପରିଚାଳନା ଯୁବ ଖେଳାଳିମାନଙ୍କୁ ମଧ୍ୟ ସୁଯୋଗ ଦେଇଛି ଯାହାଦ୍ୱାରା ସେମାନେ ଆବଶ୍ୟକ ହେଲେ ପ୍ରସ୍ତୁତ ହୋଇପାରିବେ ।



ଭାରତୀ ଫୁଲମାଲିଙ୍କୁ ୨୦୧୯ ପରେ ପ୍ରଥମ ଥର ପାଇଁ ଭାରତୀୟ ମହିଳା ଦଳ ପାଇଁ ମନୋନୀତ କରାଯାଇଛି । ସେ ଡବ୍ଲୁପିଏଲ ୨୦୨୬ରେ ୧୩ ମ୍ୟାଚ୍‌ରେ ୧୬୨.୮୫ ଷ୍ଟ୍ରାଇକ୍ ରେଟ୍‌ରେ ୨୮୯ ରନ କରିଥିଲେ । ପୂର୍ବରୁ, ସେ ତାଙ୍କ କ୍ୟାରିଅରରେ କେବଳ ଦୁଇଟି ଟି୨୦ ଖେଳି ୨୩ ରନ କରିଥିଲେ । ଟିମ୍ ମ୍ୟାନେଜମେଣ୍ଟ ଆଶା କରୁଛି ଯେ ଭାରତୀ ଫୁଲମାଲି ଦଳର ଶେଷ ସ୍ପର୍ଶରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିପାରିବେ । ଶ୍ରେୟଙ୍କା ପାଟିଲଙ୍କୁ ଅଷ୍ଟ୍ରେଲିଆ ବିପକ୍ଷ ଟି-୨୦ ସିରିଜ ପାଇଁ ଦଳରେ ସାମିଲ କରାଯାଇଛି । ସେ ୧୪ ମାସର ଆଘାତ ପରେ ଫେରି ଆସୁଛନ୍ତି । ସାମ୍ପ୍ରତିକ ମ୍ୟାଚଗୁଡ଼ିକରେ ଭଲ ପ୍ରଦର୍ଶନ ସତ୍ତ୍ୱେ ହରଲିନ ଦେଓଲଙ୍କୁ ଟି-୨୦ ଦଳରୁ ବାଦ ଦିଆଯାଇଛି । ବୈଷ୍ଣବୀ ଶର୍ମା ଏବଂ ଜି. କମଲିନୀ ପ୍ରଥମ ଥର ପାଇଁ ଏକଦିବସୀୟ ଦଳରେ ସ୍ଥାନ ପାଇଛନ୍ତି, ଯାହା ସେମାନଙ୍କର ପ୍ରଥମ ଜାତୀୟ ଉପସ୍ଥିତି । ଅରୁନ୍ଧତୀ ରେଡ୍ଡୀଙ୍କ ସ୍ଥାନରେ କଶ୍ୱୀ ଗୌତମଙ୍କୁ ମଧ୍ୟ ଏକଦିବସୀୟ ଦଳରେ ସାମିଲ କରାଯାଇଛି । ସ୍ପିନର ରାଧା ଯାଦବଙ୍କୁ ଏକଦିବସୀୟ ଏବଂ ଟି-୨୦ ଦଳରୁ ବାଦ୍ ଦିଆଯାଇଛି ।

ଅଷ୍ଟ୍ରେଲିଆ ଗସ୍ତ ପାଇଁ ଭାରତର ଦଳ : ଭାରତର ଟି-ଟ୍ୱେଣ୍ଟି ଦଳ: ହରମାନପ୍ରୀତ କୌର (ଅଧିନାୟକ), ସ୍ମୃତି ମନ୍ଧାନା (ଉପ-ଅଧିନାୟକ), ଶେଫାଳୀ ବର୍ମା, ରେଣୁକା ଠାକୁର, ଶ୍ରୀ ଚରଣୀ, ବୈଷ୍ଣବ ଶର୍ମା, କ୍ରାନ୍ତି ଗୁଡ଼, ସ୍ନେହ ରାଣା, ଦୀପ୍ତି ଶର୍ମା, ରିଚା ଘୋଷ (ୱିକେଟ କିପର), ଜି. କାମାଲିନୀ, ୱିକେଟକେମି ରୋଡ୍ରିଗୁସ, ଭାରତୀ ଫୁଲମାଲି, ଶ୍ରେୟଙ୍କା ପାଟିଲ ।

ଭାରତର ଏକଦିବସୀୟ ଦଳ: ହରମାନପ୍ରୀତ କୌର (ଅଧିନାୟକ), ସ୍ମୃତି ମନ୍ଧାନା (ଉପ-ଅଧିନାୟକ), ଶେଫାଳୀ ବର୍ମା, ରେଣୁକା ଠାକୁର, ଶ୍ରୀ ଚରଣୀ, ବୈଷ୍ଣବ ଶର୍ମା, କ୍ରାନ୍ତି ଗୁଡ, ସ୍ନେହ ରାଣା, ଦୀପ୍ତି ଶର୍ମା, ରିଚା ଘୋଷ (ୱିକେଟ କିପର), ଜି କାମାଲିନି, ହାରଲିନ ଦେଓଲ ।

# ହକି ଇଣ୍ଡିଆ ଲିଗ୍ : ବେଙ୍ଗଲ ଟାଇଗର୍ସର ରୋମାଞ୍ଚକର ବିଜୟ

**ଭୁବନେଶ୍ୱର**

କଳିଙ୍ଗ ଷ୍ଟାଡିୟମ୍‌ରେ ଚାଲିଥିବା ‘ହକି ଇଣ୍ଡିଆ ଲିଗ୍-୨୦୨୬’ର ନକ୍‌ଆଉଟ୍ ପର୍ଯ୍ୟାୟର ରୋମାଞ୍ଚ ଦିନକୁ ଦିନ ବଢ଼ିବଢ଼ି ଚାଲିଛି । ରବିବାରର ଯୁଗଳ ମୁକାବିଲାରୁ ପ୍ରଥମ ମ୍ୟାଚ୍‌ରେ ଏକଦା ଦୁଇଟି ଗୋଲ୍‌ରେ ପଛଆ ଥିବା ଶ୍ରାଚୀ ବେଙ୍ଗଲ ଟାଇଗର୍ସ ଚମତ୍କାର ଢଙ୍ଗରେ ପ୍ରତ୍ୟାବର୍ତ୍ତନ କରି ଏସ୍‌ଜି ପାଇପର୍ସଙ୍କୁ ଉତ୍କଣ୍ଠାପୂର୍ଣ୍ଣ ଭାବେ ୩-୨ ଗୋଲ୍‌ରେ ପରାସ୍ତ କରିଛି । ଏହି ତୀବ୍ର ସଂଘର୍ଷପୂର୍ଣ୍ଣ ମୁକାବିଲାରେ ଦୀଲରାଜ ସିଂହ (୪) ଓ ଟୋମାସ୍ ଡୋମିନେ (୩୧)ଙ୍କ ଗୋଲ୍ ବଳରେ ଏସ୍‌ଜି ପାଇପର୍ସ ପ୍ରଥମାର୍ଦ୍ଧ ଶେଷ ସୁଦ୍ଧା ୨-୦ରେ ଆଗୁଆ ରହି ମ୍ୟାଚ୍‌କୁ ନିଜ ନିୟନ୍ତ୍ରଣରେ ରଖିଥିଲା ।

ହେଲେ ମଧ୍ୟାନ୍ତରରେ ଗୁରୁମନ୍ତ୍ର ନେଇ ପଡ଼ିଆକୁ ଓହ୍ଲାଇଥିବା ଶ୍ରାଚୀ ବେଙ୍ଗଲ ଟାଇଗର୍ସ ଦ୍ୱିତୀୟାର୍ଦ୍ଧରେ ଚମତ୍କାର ହକି ଖେଳି ସବୁକିଛି ଓଲଟ ପାଲଟ କରି ଦେଇଥିଲା । ଯୁଗରାଜ ସିଂହ, ଅଭିଷେକ ଓ ଆଫନ ୟୁସୁଫ ୪୫ରୁ ୪୮ ମିନିଟ୍ ଭିତରେ ତିନିଟି ଗୋଲ୍ ଦେଇ ହଠାତ୍ ବେଙ୍ଗଲକୁ ଆଗୁଆ କରି ଦେଇଥିଲେ ।



ଶେଷ ୧୨ ମିନିଟ୍ ଖେଳରେ ଏସ୍‌ଜି ପାଇପର୍ସ ବହୁ ଚେଷ୍ଟା କରି ମଧ୍ୟ ଗୋଲ୍ ଦେବାକୁ ସକ୍ଷମ ହୋଇ ନଥିଲା । ଫଳରେ ବେଙ୍ଗଲ ଟାଇଗର୍ସ ଗୋଟିଏ ଗୋଲ୍ ବ୍ୟବଧାନରେ ଆଗୁଆ ରହି ବିଜୟର ମିଠାମିଠା ସ୍ୱାଦ ଚାଖିଥିଲା । ଏହି ମ୍ୟାଚ୍‌ରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, କ୍ରୀଡ଼ା ସଚିବ ସଚିନ ରାମଚନ୍ଦ୍ର ଯାଦବ, ହକି କିମ୍ବଦନ୍ତୀ ଦିଲୀପ ତିର୍କି, ଅଲିମ୍ପିଆନ୍ ସୁନିତା ଲାକ୍ରା, ହକି ଇଣ୍ଡିଆ ନିର୍ଦ୍ଦେଶକ ବିଏନ୍ ଭୂଷଣ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ ।

# ଲିନ୍, ଆନ୍ ସେ’ ଜିତିଲେ ଇଣ୍ଡିଆନ୍ ଓପନ୍



**ନୂଆଦିଲ୍ଲୀ**

ଇଣ୍ଡିଆନ୍ ଓପନ୍ ବ୍ୟାଡ୍‌ମିଣ୍ଟନ୍‌ର ପୁରୁଷ ଓ ମହିଳା ଏକକରେ ଯଥାକ୍ରମେ ଚାଇନିଜ୍ ତାଇପେଇର ଲିନ୍-ଚୁନ୍-ୟି ଓ ଆନ୍ ସି’ ୟଙ୍ଗ୍ ବିଜେତା ହୋଇଛନ୍ତି । ଲିନ୍-ଚୁନ୍ ପ୍ରଥମ ଥର ପାଇଁ କୌଣସି ସୁପର ୭୫୦ ବ୍ୟାଡ୍‌ମିଣ୍ଟନ୍ ପ୍ରତିଯୋଗିତା ଜିତିଛନ୍ତି । ଅନ୍ୟପକ୍ଷରେ ଆନ୍ ସି’ ଦ୍ୱିତୀୟ ଥର ଲାଗି ଇଣ୍ଡିଆନ୍ ଓପନ୍‌ରେ ବିଜେତା ହେବାର ଗୌରବ ଅର୍ଜନ କରିଛନ୍ତି । ୨୬ବର୍ଷୀୟ ତଥା ଦ୍ୱାଦଶ ସିଡ୍ ଲିନ୍-ଚୁନ୍ ରବିବାରର ଫାଇନାଲ୍‌ରେ ତୃତୀୟ ସିଡ୍ ଜୋନାଥନ କ୍ରିଷ୍ଟିଙ୍କୁ ୨୧-୧୦, ୨୧-୧୮ରେ ପରାସ୍ତ କରିଥିଲେ । ସେହିଭଳି ମହିଳା ଏକକ ଫାଇନାଲ୍‌ରେ ଟପ୍ ସିଡ୍ ତଥା ଗତଥର ବିଜେତା ଆନ୍ ସି’ ଚୀନର ବିଶ୍ୱମାନ୍ୟତାର ଦ୍ୱିତୀୟ ସ୍ଥାନରେ ଥିବା ଖେଳାଳି ୱାଙ୍ଗ ଝିୟିଙ୍କୁ ୨୧-୧୩, ୨୧-୧୧ରେ ହରାଇ ଲଗାତାର ଦ୍ୱିତୀୟ ବର୍ଷ ପାଇଁ ଟ୍ରଫି ଜିତିବାର ସୌଭାଗ୍ୟ ଲାଭ କରିଥିଲେ । ମହିଳା ଯୁଗଳରେ ଚୀନର ଲିୟୁ ସେଙ୍ଗସୁ ଓ ତାନ ନିଙ୍ଗ୍ ୨୧-୧୧. ୨୧-୧୮ରେ ଜାପାନର ପଞ୍ଚମ ସିଡ୍ ଖେଳାଳି ୟୁକି ଫୁକୁସିମା ଓ ସୟାକା ମାତସୁମୋତୋଙ୍କୁ ହରାଇ ବିଜେତା ଆଖ୍ୟା ଅର୍ଜନ କରିଥିଲେ । ମିଶ୍ରିତ ଯୁଗଳରେ ଥାଇଲାଣ୍ଡର ତୃତୀୟ ସିଡ୍ ଦେଚାପୋଲ ପୁଭାରନକୋର ଓ ସୁପିସାରା ପେସାମ୍ପର୍ଣ୍ଣ ବିଜେତା ମୁକୁଟ ପିନ୍ଧିଥିଲେ ।

# ହକି : ‘କଳିଙ୍ଗ ଲାନସର୍ସ’ର ରୋମାଞ୍ଚକର ବିଜୟ



**ଭୁବନେଶ୍ୱର**

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ରେ ଚାଲିଥିବା ‘ହକି ଇଣ୍ଡିଆ ଲିଗ୍-୨୦୨୬’ ନକ୍‌ଆଉଟ୍ ପର୍ଯ୍ୟାୟରେ ରବିବାର ସ୍ଥାନୀୟ ଦଳ କଳିଙ୍ଗ ଲାନସର୍ସ ରୋମାଞ୍ଚକର ବିଜୟ ହାସଲ କରିଛି । ତାମିଲନାଡୁ ଡ୍ରାଗନ୍ସକୁ ସୁଟ୍‌ଆଉଟ୍‌ରେ ୪-୧ (୧-୧) ଗୋଲ୍‌ରେ ପରାସ୍ତ କରିଛି । ଫଳରେ ଏହି ପର୍ଯ୍ୟାୟରେ ଲଗାତାର ଦୁଇଟି ବିଜୟ ହାସଲ କରି କ୍ୱାଲିଫାୟର-୧ ଖେଳିବାର ପ୍ରବଳ ଦାବିଦାର ଭାବେ ଉଭା ହୋଇଛି । ରବିବାରର ଏହି ମୁକାବିଲାର ନିର୍ଦ୍ଧାରିତ ସମୟ ମଧ୍ୟରେ ଉଭୟ ଦଳ ଗୋଟିଏ ଲେଖାଏଁ ଗୋଲ୍ ଦେଇ ବରାବର ସ୍ଥିତିରେ ରହିଥିଲେ । ତାମିଲନାଡୁ ଡ୍ରାଗନ୍ସ ପକ୍ଷରୁ ୧୯ତମ ମିନିଟ୍‌ରେ ବ୍ଲାକ୍ ଗୋଭର୍ସ ମ୍ୟାଚ୍‌ର ପ୍ରଥମ ଗୋଲ୍ ଦେଇ ନିଜ ଦଳକୁ ଆଗୁଆ କରିଥିଲେ । କଳିଙ୍ଗ ଲାନସର୍ସ ୪୪ତମ ମିନିଟ୍‌ରେ ଆଲେକଜାଣ୍ଡାର ହେଣ୍ଡ୍ରିକ୍ସ ଦେଇଥିବା ଗୋଲ୍ ବଳରେ ସ୍ଥିତି ୧-୧ କରି ନେଇଥିଲା । ଅବଶିଷ୍ଟ ମିନିଟ୍‌ରେ ଉଭୟ ଦଳ ବହୁ ଚେଷ୍ଟା କରିବା ସତ୍ତ୍ୱେ ଗୋଲ୍ ଦେବାକୁ ସକ୍ଷମ ହୋଇ ନଥିଲେ । ଫଳରେ ଫଳାଫଳ ନିର୍ଣ୍ଣୟ ସୁଟ୍‌ଆଉଟ୍ ମାଧ୍ୟମରେ ହୋଇଥିଲା । ଏଥିରେ କଳିଙ୍ଗ ଲାନସର୍ସ ଚାରିଟି ଗୋଲ୍ ଦେଇଥିଲା ବେଳେ ତାମିଲନାଡୁ ଡ୍ରାଗନ୍ସ ମାତ୍ର ଗୋଟିଏ ଗୋଲ୍ ଦେବାକୁ ସକ୍ଷମ ହୋଇଥିଲା । ଏହି ମ୍ୟାଚ୍‌ରେ ବରିଷ୍ଠ ଆଇଏଏସ୍ ବିଶାଳ ଦେବ, ବରିଷ୍ଠ ଆଇପିଏସ୍ ଅମିତାଭ ଠାକୁର, ପଦ୍ମଶ୍ରୀ ଦିଲୀପ ତିର୍କି, ହକି ଇଣ୍ଡିଆ କୋଷାଧ୍ୟକ୍ଷ ଶେଖର ଜେ. ମନୋହରନ, ଶିଳ୍ପପତି ଦୀପ୍ତିରଞ୍ଜନ ପଟ୍ଟନାୟକ, ବେଦାନ୍ତ ଆଲୁମିନିୟମ୍ ସିଇଓ ରାଜୀବ କୁମାର ଓ ଅଲିମ୍ପିଆନ୍ କେ. ରବିକୁମାର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ ।

# ପରିବା ଚାଷ କରି ଉଦାହରଣ ସୃଷ୍ଟି କଲେ ଯୁବ ଚାଷୀ ଯୋଗେଶ୍ୱର

**ବରଗଡ଼, ନ୍ୟୁଜ୍‌ବ୍ୟୁରୋ**

କଥାରେ ଅଛି “ଚାଷକାମ ଯାହାର କେତେ ସୁଖ ତାହାର ସେହି ସିନା ଯୋଗାଉଛି ଦୁନିଆକୁ ଆହାର” । ଏହି କଥାର ମହତ୍ୱକୁ ମର୍ମେମର୍ମେ ହୃଦୟଙ୍ଗ କରିଛନ୍ତି ବରଗଡ଼ ଜିଲ୍ଲା ଗାଇସିଲେଟ ବ୍ଲକ ତାଲପାଲି ଗ୍ରାମପଞ୍ଚାୟତ ଅନ୍ତର୍ଗତ ସେମେଲମୁଣ୍ଡା ଗ୍ରାମର ଯୋଗେଶ୍ୱର ପଧାନ । ମେଟ୍ରିକ୍ ପଢୁଥିବା ସମୟରେ ବାପା ରାଜନ ପଧାନଙ୍କ ସହିତ ନିଜ ବିଲକୁ ଯାଇ ବାପାଙ୍କ ପରିଶ୍ରମକୁ ଦେଖି ପିଲାଟି ଦିନରୁ ବାପାଙ୍କୁ ଚାଷ କାମରେ ସାହାର୍ଯ୍ୟ କରୁ କରୁ ନିଜେ ଯୋଗେଶ୍ୱର ଖୁବ୍ କମ୍ ବୟସରୁ ଚାଷ କରିବା ପାଇଁ ଆଗ୍ରହ ପ୍ରକାଶ କରିଥିଲେ । ମେଟ୍ରିକ୍ ପାସ୍ କରି କଲେଜକୁ ପାଠ ପଢିବା ପାଇଁ ଯାଉଥିବା ଯୋଗେଶ୍ୱର କଲେଜ ଯାଉଥିଲେ ସତ ହେଲେ ପାଠ ପଢୁଥିବା ସମୟରେ ବାପାଙ୍କ ପରିଶ୍ରମକୁ ମନେ ପକାଇ କଲେଜରୁ ଯାଇ ସିଧା ପହଞ୍ଚି ଯାଉଥିଲେ ନିଜ ଚାଷ ଜମିକୁ । ଅଧିକ ପାଠ ପଢ଼ି ସରକାରୀ ଚାକିରିର ମୋହ ଠାରୁ ଦୂରେଇ ଯାଇ ଚାଷ କରି କାର ଚଢ଼ିବାର ସ୍ୱପ୍ନ ଦେଖିଥିଲେ ଯୋଗେଶ୍ୱର । ଆଉ ସେବେ ଠାରୁ ନିଜେ ଆରମ୍ଭ କରିଥିଲେ ନିଜ ବାଡ଼ିରେ କିଛି ପରିବା ଚାଷ । ନିଜ ପରିଶ୍ରମର ପ୍ରଥମ ଫସଲକୁ ଦେଖି ବେଶ୍ ଖୁସି ଅନୁଭବ କରିବା ସହ ପ୍ରଥମ ରୋଜଗାର ଟଙ୍କାକୁ ନିଜ ହାତରେ ଧରି ଚାଷ ପ୍ରତି ଆହୁରି ଆଗ୍ରହ ବୃଦ୍ଧି ପାଇଥିବା ପ୍ରକାଶ କରନ୍ତି ଯୋଗେଶ୍ୱର । ଅନେକ ଥର ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ପାଇଁ ଫସଲ ନଷ୍ଟ ହୋଇ ଅନେକ କ୍ଷତି ସହିଲା ପରେ ମଧ୍ୟ ହାର ମାନି ନାହାନ୍ତି ଯୋଗେଶ୍ୱର । ନିଜର ଭବିଷ୍ୟତ ଆଉ ପରିବାରର ପ୍ରତି ପୋଷଣ ପାଇଁ ଅର୍ଥର ଆବଶ୍ୟକକୁ ଆଖି ଆଗରେ ରଖି ଚାଷ କରି ଅଧିକରୁ ଅଧିକ ରୋଜଗାର କରିବା ପାଇଁ କେନ୍ଦୁଭଟା ସ୍ଥିତ ଦେବଦତ୍ତ କ୍ଲବ୍ ମାଧ୍ୟମରେ ନାବାର୍ଡ ଏଫ୍.ଏସ.ପି.ଏଫ୍ କାର୍ଯ୍ୟକ୍ରମ ମାଧ୍ୟମରେ ବିଭିନ୍ନ ପ୍ରକାର ଜ୍ଞାନ କୌଶଳ ବିଷୟରେ ଜାଣିବା ପରେ ଉନ୍ନତି ପ୍ରଣାଳୀରେ ଚାଷ ପ୍ରତି ଆହୁରି ଆଗ୍ରହ ଜମିଥିଲା । ପରେ



ନିଜର ଉଦ୍ୟମ ବଳରେ ସେ ନିଜ କ୍ଷେତରେ ୫ ଏକର ବିଶିଷ୍ଟ ଚାଷ ଜମିରେ ବିଭିନ୍ନ ପନିପରିବା ବାଇଗଣ, କୋବି, ଲଙ୍କା, ଟମାଟୋ, ପୋଟଳ, ପିଆଜ, ତରଭୁଜ, ଗେଣ୍ଡୁଫୁଲ, ମାଣ୍ଡିଆ ଓ ଧାନ ଆଦି ଚାଷ କରି ଏବେ ସେ ବହୁ ଆନନ୍ଦ ପାଆନ୍ତି । ଏହି ଚାଷ କରି ତାଙ୍କ ଅଞ୍ଚଳରରେ ଲୋକମାନଙ୍କର ଅତ୍ୟାବଶ୍ୟକତାକୁ ମଧ୍ୟ ପୂରଣ କରିବା ସହ ଅନ୍ୟମାନଙ୍କୁ ପ୍ରେରଣା ଯୋଗାନ୍ତି । ତାଙ୍କ ପାଖରେ ପ୍ରାୟ ୧୫ ଜଣ ବ୍ୟକ୍ତି ଦୈନନ୍ଦିନ କାର୍ଯ୍ୟକରି ନିଜର ପରିବାର ପ୍ରତିପୋଷଣ କରନ୍ତି । ବିଭିନ୍ନ ଫସଲ ଚାଷ ପାଇଁ ବର୍ଷକୁ ୮ ଲକ୍ଷ ଟଙ୍କା ଖର୍ଚ୍ଚ ରହିଥିଲେ ମଧ୍ୟ ମାସିକ ୧ ଲକ୍ଷରୁ ଅଧିକ ଟଙ୍କା ରୋଜଗାର କରନ୍ତି । ଏହି ଚାଷ ପାଇଁ ସେ ଯେତିକ ଅର୍ଥ ବ୍ୟୟକରୁଛନ୍ତି । ସେଥିରୁ ସେ ଭଲ ଅର୍ଥ ଲାଭ କରିପାରୁଛନ୍ତି ବୋଲି ପ୍ରକାଶ କରନ୍ତି । ଶେଷରେ ପିଲାଟି ବେଳରୁ ଚାଷ କରି କାର୍ ଚଢ଼ିବାର ସ୍ୱପ୍ନ ଦେଖିଥିବା ଯୋଗେଶ୍ୱର ନିଜ ଚାଷ ଜମିରୁ ରୋଜଗାର କରିଥିବା ଟଙ୍କାରୁ ଏକ ନୂଆ ବଲେନୋ କାର୍ ମଧ୍ୟ କିଣିଛନ୍ତି । ତେବେ ବର୍ତ୍ତମାନ ସମୟରେ ବିଭିନ୍ନ ଫସଲରେ ବହୁ ପରିମାଣରେ ବିଶାକ୍ତ କୀଟନାଶକ ପ୍ରୟୋଗ କରି ଅଧିକ ଆମଦାନୀ କରୁଥିବା ବେଳେ ସେ ନିଜେ ନିଜର ବୁଦ୍ଧିରେ ଆବଶ୍ୟକୀୟ ପରିମାଣରେ କମ୍ପୋଷ୍ଟ ଖତ, ସାର ପ୍ରୟୋଗ କରି ବେଶ୍ ଅଧିକ ସଫଳ ପାଇପାରୁଥିବାର ପ୍ରକାଶ କରନ୍ତି । ବିନା କୀଟନାଶକରେ ଉକ୍ତ ଫସଲ ଆମଦାନୀ ହେଉଥିବାରୁ ଏହାର ଚାହିଦା ବଜାରରେ ବେଶ୍ ଅଧିକ ତେଣୁ ତାଙ୍କ ପରିବା ଭୁବନେଶ୍ୱର, କଟକ, ବ୍ରହ୍ମପୁର, ପାରାଦୀପ ଭଳି ରାଜ୍ୟର ବିଭିନ୍ନ ସହରକୁ ଯାଇଥାଏ । ତେବେ ତାଙ୍କର ଚାଷକୁ ଦେଖି ଆଖ ପାଖ ଅଞ୍ଚଳର ଅନେକ ଚାଷୀ ଅନୁକରଣ କରି ପନିପରିବା ଚାଷ କରି ଲଭାନ୍ୱିତ ହେଉଥିବାର ମତ ପ୍ରକାଶ କରନ୍ତି । ଆହୁରି ମଧ୍ୟ ସେ କହନ୍ତି ଚାଷ ପାଇଁ ଅଧିକ ଅର୍ଥର ଆବଶ୍ୟକତା ନାହିଁ ଜମିକୁ ଉପଯୁକ୍ତ ଭାବେ ହଳକରି ସେଥିରେ ନିଜ ଅଞ୍ଚଳରେ ମିଳୁଥିବା କମ୍ପୋଷ୍ଟ ଖତକୁ ପକାଇ ବିଶୋଧିତ ବିହନ ବୁଣିବା ସହ ଉପଯୁକ୍ତ ସମୟରେ ଜଳ ସେଚନ କଲେ ଭଲ ଫସଲ ଅମଳ ହୋଇଥାଏ । ଆମେ ମାନେ ଧାନଫସଲ ପାଇଁ ଯେତେ ପରିଶ୍ରମ କରି ଖର୍ଚ୍ଚ କରିବାକୁ ପଡ଼େ ତାହା ଠାରୁ କମ୍ ପରିଶ୍ରମ ଓ ଖର୍ଚ୍ଚରେ ଏହି ଫସଲ ଉତ୍ପାଦିତ ହୋଇଥାଏ । ଏହା ଦ୍ୱାରା ଦୈନନ୍ଦିନ ଆବଶ୍ୟକ ପଡୁଥିବା ପରିବାପତ୍ର ଉତ୍ପାଦନ କରି ନିଜେ ଓ ଉକ୍ତ ଅଞ୍ଚଳର ଲୋକମାନେ ଉପକୃତ ହୋଇଥାନ୍ତି । ବର୍ତ୍ତମାନ ଯେପରି ପନିପରିବା ଦର ଦିନକୁ ଦିନ ଆକାଶଛୁଆଁ ହେଉଛି ଏଥିରୁ ତ୍ରାହି ପାଇବା ପାଇଁ ଚାଷୀମାନେ ନିଜ ନିଜର କ୍ଷେତରେ ପନିପରିବା ସହ ଫଳ, ମାଛ ଚାଷ କରି ନିଜେ ସ୍ୱାବଲମ୍ବୀ ହେବା ଏକାନ୍ତ ଜରୁରୀ ହୋଇଛି । ଶିକ୍ଷା ଲାଭକରି ବେକାରୀ ସମସ୍ୟା ବୃଦ୍ଧି, ଦରଦାମ ଆକାଶ ଛୁଆଁ ହୋଇଥିବାରୁ ଆଗ୍ରହୀ ବ୍ୟକ୍ତି ବିଶେଷମାନେ ନିଜ ନିଜ ବାଡ଼ିରେ ଚାଷ କରି ନିଜେ ସୁଖରେ ବଞ୍ଚିବା ସହ ସ୍ୱାବଲମ୍ବୀ ହେବାପାଇଁ ସେ ଅନ୍ୟମାନଙ୍କୁ ଆହ୍ୱାନ ଦିଅନ୍ତି । ଚାଷ କାମରେ ନିଜ ବାପା, ମା’ ଓ ବଡ଼ ଭାଇ ହରିଶ୍ଚନ୍ଦ୍ର ପୂର୍ଣ୍ଣ ମାତ୍ରାରେ ସହଯୋଗ କରୁଥିବା ବେଳେ ନିଜର ସଫଳତା ପାଇଁ ସେ ଦେବଦତ୍ତ କ୍ଲବ୍ ଓ ନାବାର୍ଡକୁ କୃତଜ୍ଞତା ଜ୍ଞାପନ କରନ୍ତି ।

# ରାସାୟନିକ ସାରର ବର୍ଦ୍ଧିଷ୍ଣୁ ଜାଲ : ବର୍ତ୍ତମାନ କ’ଣ ବଡ଼ ସଂସ୍କାରର ସମୟ ଉପସ୍ଥିତ ?

**► ପଦ୍ମଶ୍ରୀ ରାମ ସରନ ବର୍ମା**

ଭାରତ ଏକ କୃଷିପ୍ରଧାନ ଦେଶ, ଯେଉଁଠାରେ ବିରାଟ ଜନସଂଖ୍ୟା ବିଶିଷ୍ଟ ସମାଜ ନିଜର ଜୀବିକା ନିମନ୍ତେ ସିଧାସଳଖ ଭାବେ କୃଷି କ୍ଷେତ୍ର ଉପରେ ନିର୍ଭର କରିଆସିଛି । ଦେଶର ବର୍ଦ୍ଧିଷ୍ଣୁ ଖାଦ୍ୟ ଚାହିଦା ପୂରଣ କରିବା ଉଦ୍ଦେଶ୍ୟରେ ବିଗତ କିଛି ଦଶନ୍ଧି ଧରି ରାସାୟନିକ ସାରର ବ୍ୟବହାର ନିରନ୍ତର ଭାବେ ବୃଦ୍ଧି ପାଇଛି । ପ୍ରାରମ୍ଭିକ ଅବସ୍ଥାରେ ଏହି ସାରଗୁଡ଼ିକ ଉତ୍ପାଦନ ବୃଦ୍ଧିକୁ ସୁନିଶ୍ଚିତ ଭାବେ ସହାୟତା ପ୍ରାପ୍ତ ହେଉଥିଲା । କିନ୍ତୁ ସମୟକ୍ରମେ ଆଖିବୁଜା ଏବଂ ଅନିୟନ୍ତ୍ରିତ ଭାବରେ ଏହି ସାରର ଅତ୍ୟଧିକ ପ୍ରୟୋଗ କୃଷି ବ୍ୟବସ୍ଥାରେ ଗଭୀର ଅସନ୍ତୁଳନ ସୃଷ୍ଟି କରିଛି । ମୃତ୍ତିକାର ଉର୍ବରତା ହ୍ରାସ, ଜଳ ସ୍ରୋତମାନଙ୍କର ଦୂଷଣ, ଏବଂ ଖାଦ୍ୟ ଶୃଙ୍ଖଳା ମାଧ୍ୟମରେ ମାନବ ସ୍ୱାସ୍ଥ୍ୟ ଉପରେ ପଡୁଥିବା କୁପ୍ରଭାବ- ଏହି ସମସ୍ତ ଦିଗରୁ ଆଜି ଏକ ଗମ୍ଭୀର ସଂକଟ ଦୃଶ୍ୟମାନ ହେଉଛି । ଏହାର ସମାଧାନ ପାଇଁ କୃଷିରେ ସୁସ୍ଥ, ସମତୁଳିତ ଏବଂ ଦୀର୍ଘକାଳୀନ ପୁଷ୍ଟି ପରିଚାଳନା ପଦ୍ଧତି ଆପଣାଇବା ଅତ୍ୟାବଶ୍ୟକ ହୋଇଉଠିଛି ।

**ରାସାୟନିକ ସାର ବ୍ୟବହାରର ଭୟାବହ ମାତ୍ରା :** ଦେଶରେ ରାସାୟନିକ ସାରର ବର୍ଦ୍ଧିତ ଉପଯୋଗର ଆକଳନ ଏହି ତଥ୍ୟରୁ ଲଗାଯାଇ ପାରିବ ଯେ ୨୦୧୮-୧୯ ବର୍ଷରେ ଯେଉଁଠାରେ ୧୧୫ କୋଟି ବ୍ୟାଗ୍ ସାର ବ୍ୟବହାର କରାଯାଉଥିଲା, ୨୦୨୪-୨୫ ମସିହାରେ ଏହି ମାତ୍ରା ୧୫୦ କୋଟି ବ୍ୟାଗକୁ ଅତିକ୍ରମ କରି ସାରିଛି । ଏହା ଚିନ୍ତା କରିବାର କଥା ଯେ, ଭାରତର ଜନସଂଖ୍ୟା ହାରାହାରି ୧୪୩ କୋଟି ଛୁଇଁ ସାରିଛି, ଯେତେବେଳେ ସାରର ବ୍ୟବହାର ୧୫୦ କୋଟି ବ୍ୟାଗରୁ ଅଧିକ ହୋଇଛି । ଏହି ଅସନ୍ତୁଳନ କେବଳ ଚିନ୍ତାଜନକ ନୁହେଁ, ବରଂ ଭବିଷ୍ୟତ ଲାଗି ଏକ ବିରାଟ ସମସ୍ୟା ଓ ବିପଦର ମଧ୍ୟ ସଂକେତ ପ୍ରଦାନ କରେ ।

**ମାନବ ସ୍ୱାସ୍ଥ୍ୟ ଏବଂ ମୃତ୍ତିକା ଉପରେ ଦୋହରା ମାଡ଼ :** ରାସାୟନିକ ସାରର ପ୍ରଭାବ ବର୍ତ୍ତମାନ ଆମର ଖାଇବା ଥାଳି ପର୍ଯ୍ୟନ୍ତ ପହଞ୍ଚି ସାରିଛି । ଏହିସବୁ ସାର ବ୍ୟବହାର କରି ଆମମାନଙ୍କ କ୍ଷେତରୁ ଉତ୍ପାଦନ କରାଯାଉଥିବା ଗହମ, ଧାନ, ଡାଲିଜାତୀୟ ଶସ୍ୟ, ପନିପରିବା, ଫଳ ଏବଂ ଏପରିକି ଦୁଧ, ଦହି ଏବଂ ଘିଅ ପର୍ଯ୍ୟନ୍ତ ଏ ରାସାୟନିକ ପଦାର୍ଥ ଏଥିରେ ରହିଥିବା ଜଣାପଡୁଛି । ଏହାର ପରିଣାମ ସ୍ୱରୂପ ଦେଶରେ କ୍ୟାନସର, ହୃଦ୍‌ଘାତ, ଏଲର୍ଜି ଏବଂ ମଧୁମେହ ଭଳି ଗମ୍ଭୀର ବେମାରୀର ମାତ୍ରା ପ୍ରତି ଦିନ ବୃଦ୍ଧି ପାଇବାରେ ଲାଗିଛି ।

କୃଷି କ୍ଷେତର ସ୍ଥିତି ମଧ୍ୟ କିଛି କମ୍ ଶୋଚନୀୟ ନୁହେଁ । ନିୟମାନୁସାରେ ସାରର ଉପଯୋଗ କେବଳ ବୃକ୍ଷର ଚେର ନିକଟରେ ହେବା ଜରୁରୀ । ସେହିଭଳି ରୋଗ ବୃଦ୍ଧି କରୁଥିବା କୀଟଙ୍କ ପ୍ରଭାବ ଭଳି ସମସ୍ୟା ବୃଦ୍ଧି ପାଇବାରେ ଲାଗିଛି । ଏଭଳି ସମସ୍ୟାକୁ ରୋକିବା ସକାଶେ ପୁଣି ଆମକୁ କୀଟନାଶକ ଭଳି ରାସାୟନିକ ପଦାର୍ଥ ଅବା ଔଷଧର ବ୍ୟବହାର ମଧ୍ୟ କରିବାକୁ ହେଉଛି । ଏହା ମୃତ୍ତିକାର ଉର୍ବରତାକୁ ନଷ୍ଟ କରି ଦେଉଛି । ମୃତ୍ତିକାର ଏହି ନିଃଶେଷ ଉତ୍ପାଦକ କ୍ଷମତାକୁ ଫେରାଇ ଆଣିବା ନିମନ୍ତେ କୃଷକମାନଙ୍କୁ ଆହୁରି ଅଧିକ ସାର ବ୍ୟବହାର କରିବାକୁ ହେଉଛି ଏବଂ ଏହି ଦୁଷ୍ଟଚକ୍ର ପ୍ରତି ବର୍ଷ ମୃତ୍ତିକାକୁ ଆହୁରି ଅଧିକ ନିଷ୍ଫଳା ଭୂମିରେ ପରିଣତ କରିଚାଲିଛି ।

**ଅର୍ଥ ବ୍ୟବସ୍ଥା ଉପରେ ବୋଝ ଏବଂ କଳାବଜାରୀ :** ସାର କ୍ଷେତ୍ରରେ ବର୍ଦ୍ଧିଷ୍ଣୁ ନିବେଶ ଦେଶର ଅର୍ଥ ବ୍ୟବସ୍ଥା ଉପରେ ଭାରୀ ମାତ୍ରାରେ ପଡ଼ିବାରେ ଲାଗିଛି । ବର୍ତ୍ତମାନ ଦେଶରେ ପ୍ରତିବର୍ଷ ହାରାହାରି ୩ ଲକ୍ଷ କୋଟି ଟଙ୍କା (ସବ୍‌ସିଡି ସହିତ)ର ରାସାୟନିକ ସାରର ଉପଯୋଗ କରାଯାଉଛି । ଏହା ଅତ୍ୟନ୍ତ ବିଡ଼ମ୍ବନାର କଥା ଯେ ଆମର ସାର ଉଦ୍ୟୋଗର ୮୦ ପତିଶତ ପର୍ଯ୍ୟନ୍ତ



ବିଦେଶୀ କଞ୍ଚାମାଲ କିମ୍ବା ବିଦେଶରୁ ଆମଦାନୀ କରାଯାଉଥିବା ସାର ଉପରେ ନିର୍ଭରଶୀଳ ହୋଇ ରହିଛି । ମୋଟ ୩ ଲକ୍ଷ କୋଟି ଟଙ୍କା ମଧ୍ୟରୁ ପ୍ରାୟ ୨.୫ ଲକ୍ଷ କୋଟି ଟଙ୍କା କେବଳ ଆମଦାନୀ ବାବଦକୁ ଖର୍ଚ୍ଚ କରାଯାଉଛି । ଏହିଭଳି ଭାବରେ, ଗୋଟିଏ ପଟେ ଆମର ଭୂମି ଦିନକୁ ଦିନ ଅନୁର୍ବର ହୋଇ ଚାଲିଛି ଏବଂ ଅନ୍ୟ ପକ୍ଷରେ ଦେଶର ବିପୁଳ ପୁଞ୍ଜି ଏହିସବୁ ସାର ଆମଦାନୀ କରିବାରେ ବିଦେଶକୁ ସୁଅ ଭଳି ଛୁଟିବାରେ ଲାଗିଛି ଯାହା ଅର୍ଥବ୍ୟବସ୍ଥା ଉପରେ ଏକ ବୋଝ ଭଳି ପଡୁଛି ।

କେନ୍ଦ୍ର ସରକାର କୃଷକମାନଙ୍କ କଲ୍ୟାଣ ନିମନ୍ତେ ସେମାନଙ୍କୁ ବିପୁଳ ପରିମାଣର ସବ୍‌ସିଡି ଦେଇ ଆସୁଛନ୍ତି । ବିଗତ ୧୦ ବର୍ଷ ମଧ୍ୟରେ ହାରାହାରି ୧୩ ଲକ୍ଷ କୋଟି ଟଙ୍କା ସାର ସବ୍‌ସିଡ଼ି ବାବଦକୁ ଦେଶର କୃଷକମାନଙ୍କୁ ପ୍ରଦାନ କରାଯାଇଛି । ଏଭଳି ସବସିଡି ପ୍ରଦାନ କାରଣରୁ ୪୦ ଟଙ୍କା ପ୍ରତି କିଲୋଗ୍ରାମ ୟୁରିଆ ସାର କୃଷକମାନଙ୍କ ପାଇଁ ମାତ୍ର ଛଅ ଟଙ୍କା କିଲୋ ମୂଲ୍ୟରେ ଉପଲବ୍ଧ କରାଯାଉଛି । ବର୍ତ୍ତମାନ ଏଭଳି ସ୍ଥିତି ହୋଇଛି ଯେ, ୟୁରିଆ ଆଜି ପ୍ରାଣୀଧନମାନଙ୍କ ଖାଦ୍ୟ ମୂଲ୍ୟଠାରୁ ସୁଦ୍ଧା ଶସ୍ତାରେ ଉପଲବ୍ଧ ହୋଇ ପାରିଛି । ସରକାର ୮୫ରୁ ୯୦ ପ୍ରତିଶତ ପର୍ଯ୍ୟନ୍ତ ସବସିଡି ପ୍ରଦାନର ବ୍ୟବସ୍ଥା କରିଛନ୍ତି ଯାହା ଫଳରେ ୟୁରିଆ ସାର କପେ ଚା’ ମୂଲ୍ୟଠାରୁ ସୁଦ୍ଧା କମ୍ ଦାମରେ କୃଷକମାନଙ୍କୁ ଉପଲବ୍ଧ ହୋଇପାରିବ । କିନ୍ତୁ ଏହି କମ୍ ମୂଲ୍ୟର ଫାଇଦା ଉଠାଇ ଦଲାଲମାନେ ଏହାର କଳାବଜାରୀ କରିବାର ମାର୍ଗ ଆପଣାଉଛନ୍ତି ଏବଂ କୃଷି କ୍ଷେତ ପରିବର୍ତ୍ତେ ଏହାକୁ ନେଇ ପ୍ଲାଇଉଡ କାରଖାନା, ପଶୁ ଖାଦ୍ୟ କାରଖାନା ଏବଂ ଅପମିଶ୍ରିତ ଦୁଗ୍ଧ ପ୍ରସ୍ତୁତ କରିବା କାର୍ଯ୍ୟରେ ବ୍ୟବହାର କରୁଛନ୍ତି ।

**ସଂସ୍କାରର ମାର୍ଗ ଏବଂ ସମାଧାନ :** ଦେଶର ସାର କ୍ଷେତ୍ରରେ ଦେଖା ଦେଇଥିବା ଏଭଳି ସମସ୍ୟାର ସମାଧାନ ନିମନ୍ତେ ବର୍ତ୍ତମାନ ଠୋସ୍ ପଦକ୍ଷେପ ଉଠାଇବାର ଆବଶ୍ୟକତା ଉପଲବ୍ଧ ହେଉଛି । ପୂର୍ବରୁ କ୍ଷେତରୁ ବାହାରୁଥିବା ଅବଶେଷର ଉପଯୋଗ ଜୈବିକ ସାର ଭାବରେ କରାଯାଉଥିଲା । ଏହା ଫଳରେ ମୃତ୍ତିକାରେ “ଜୈବିକ କାର୍ବନ” ସୃଷ୍ଟି ହୋଇ ଚାଲିଥିଲା । ଏହିସବୁ ଅବଶେଷକୁ ବିକିବାରେ କୃଷକମାନଙ୍କୁ କିଛି ମାତ୍ରାରେ ଫାଇଦା ହେଉଥିଲା । କିନ୍ତୁ ତାହା ରାସାୟନିକ ସାରର ବାସ୍ତବିକ ବ୍ୟବହାର ତୁଳନାରେ ଖୁବ୍ କମ୍ ଥିଲା ।

ବର୍ତ୍ତମାନ ସରକାରଙ୍କ କର୍ତ୍ତବ୍ୟ ହେଉଛି ଯେ, ସେହିସବୁ ରାସାୟନିକ ସାର ବ୍ୟାଗର ବ୍ୟବହାରକୁ କମ୍ କରି ଏହା ସ୍ଥାନରେ ଜୈବିକ ସାରର ବିକଳ୍ପ ଉପଲବ୍ଧ କରାଇବା । ଏହା ସହିତ, ଅତ୍ୟଧିକ ସାର ଉପଯୋଗ କରାଯାଉଥିବା କ୍ଷେତକୁ ଚିହ୍ନଟ କରି ସେଠାରେ ବିଶେଷ ନିରୀକ୍ଷଣକାରୀ ଦଳ ଗଠିତ କରିବା ଉଚିତ ।

**ଧରିତ୍ରୀର ସ୍ୱାସ୍ଥ୍ୟ ସୁଧାର ନିମନ୍ତେ କେତେଗୋଟି ଜରୁରି ପରାମର୍ଶ :**

୧. ସବୁଜ ସାରର ଅଧିକ ବ୍ୟବହାର : ଯେଉଁଭଳି ଭାବରେ ଶରୀରକୁ ସୁସ୍ଥ ରଖିବା ସକାଶେ ଆବଶ୍ୟକ ହୋଇଥାଏ, ସେହିଭଳି ମୃତ୍ତିକାର ସ୍ୱାସ୍ଥ୍ୟ ରକ୍ଷା ନିମନ୍ତେ ସବୁଜ ସାର ବ୍ୟବହାର ଅନିବାର୍ଯ୍ୟ ବୋଲି ପ୍ରତୀୟମାନ ହୁଏ ।

୨. ଫସଲର ବିକାଶ : ଜୈବିକ ସାର ବ୍ୟବହାର ଗଛର ମୂଳକୁ ବିସ୍ତାରିତ ହେବା ଏବଂ ଗଭୀରକୁ ଯିବା ପାଇଁ ପ୍ରଚୁର ସୁଯୋଗ ଦିଏ ।

୩. ବୈଜ୍ଞାନିକ ପଦ୍ଧତିରେ ଫସଲ ଚକ୍ର: ଗୋଟିଏ ପଟେ ଫସଲ ବାରମ୍ବାର ଅମଳ କରିବା ପରିବର୍ତ୍ତେ ଫସଲ ଚକ୍ରକୁ ବଦଳାଇବା ଦରକାର । ଯେମିତି ଡାଲିଜାତୀୟ ଫସଲ କ୍ଷେତର ଗଭୀର ସ୍ତରରୁ ପୋଷକ ତତ୍ତ୍ୱ ସଂଗ୍ରହ କରିଥାଏ, ଯଦ୍ୟପି ଗହମ ଏବଂ ଧାନ କେବଳ କ୍ଷେତର ଉପର ସ୍ତରରୁ ହିଁ ପୋଷକ ତତ୍ତ୍ୱକୁ ଖାଦ୍ୟ ଭାବରେ ଗ୍ରହଣ କରିଥାଏ ।

୪. ଉନ୍ନତ ସିଞ୍ଚନ ପ୍ରଯୁକ୍ତି : ଡବୁନ୍ଦା ସିଞ୍ଚନ ପଦ୍ଧତି ଆପଣାନ୍ତୁ ଏବଂ ଚାଷ କରିବା ପୂର୍ବରୁ ଭୂମିକୁ ସମତଳ କରିନେବା ଆବଶ୍ୟକ । ଏହା ଫଳରେ ପାଣିକୁ ସଞ୍ଚୟ କରାଯାଇ ପାରିବ ଏବଂ ସାର ସିଧା ଫସଲ ଉପରେ ପ୍ରଭାବୀ ଢଙ୍ଗରେ କାର୍ଯ୍ୟ କରିପାରିବ ।

୫. ୟୁରିଆର କୁଶଳ ଉପଯୋଗ : ୟୁରିଆ ସାରର ପ୍ରୟୋଗ ସନ୍ଧ୍ୟା ସମୟରେ ଫସଲ ଉପରେ ଅଧିକ ପ୍ରଭାବ ପକାଇଥାଏ । ଏହା ଫଳରେ କମ୍ ସାର ବ୍ୟବହାରରୁ ଉତ୍ତମ ପରିଣାମ ପ୍ରାପ୍ତ ହୋଇଥାଏ ।

୬. ପଶୁଧନ ଏବଂ ଜୈବିକ ସନ୍ତୁଳନ : ପଶୁପାଳନକୁ ପ୍ରୋତ୍ସାହନ କରନ୍ତୁ ଏବଂ ଅଧିକ ସଂଖ୍ୟକ ପଶୁପାଳନ କରନ୍ତୁ ଯଦ୍ୱାରା ଗୋବର ସାରର ଉପଯୋଗ ବୃଦ୍ଧି ପାଇବ । ଏହା ଫଳରେ ଉତ୍ପାଦନ କ୍ଷମତା ଦୀର୍ଘକାଳୀନ ହେବା ସହ ମୃତ୍ତିକାକୁ ମଧ୍ୟ ବିଶ୍ରାମ ମିଳିପାରିବ ।

ଯଦି ଆମେ ଆଜି ମୃତ୍ତିକାର ସୁରକ୍ଷା ନ କରିବା, ତେବେ ଆମର ଭବିଷ୍ୟତ କଦାପି ସୁରକ୍ଷିତ ରହିପାରିବ ନାହିଁ । ସେହି ସମୟ ଏବେ ଉପସ୍ଥିତ, ଯେତେବେଳେ ଆମେ ରାସାୟନିକ ମୋହ ଛାଡ଼ି ପ୍ରକୃତି ମନସ୍କ ହେବା ଏବଂ ପ୍ରକୃତି ଆଡ଼କୁ ଲେଉଟି ଆସିବା ଆବଶ୍ୟକ ।



# ଜାଗମରାରେ ଜମିଲା ପଥଉତ୍ସବ:ସଡକ ସୁରକ୍ଷା ସଚେତନତା କରାଇଲା କଣ୍ଢେଇ ନାଚ






**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଶୀତୁଆ ସକାଳରେ ରାଜଧାନୀ ରାସ୍ତାରେ ନାଚିଲେ, ଝୁମିଲେ ପଥଉତ୍ସବ ମଜା ନେଲେ ରାଜଧାନୀବାସୀ । ସଡକ ସୁରକ୍ଷା ସଚେତନତା କରାଇଲା କଣ୍ଢେଇ ନାଚ, ବିକାଶ, ଲୋକଙ୍କ ସେବା ଓ ମନୋରଞ୍ଜନରେ କୌଣସି ରାଜନୀତି ନଥିବା କହିଲେ ଭୁବନେଶ୍ୱର ସାଂସଦ । ଜାଗମରା ଅଞ୍ଚଳର ନିୟୁ ରୋଡ଼ରେ ସକାଳୁ ସକାଳୁ ଜମିଥିଲା ପଥ ଉତ୍ସବର ଦ୍ୱିତୀୟ ସଂସ୍କରଣ । ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ଦ୍ୱିତୀୟ ପଥ ଉତ୍ସବ ବେଶ ଧୂମଧାମରେ ହୋଇଥିବା ବେଳେ ମନୋରଞ୍ଜନ ପାଇଁ ଶୀତୁଆ ସକାଳରେ ଏକାଠି ହୋଇଥିଲେ ଯୁବପିଢି । ପଥ ଉତ୍ସବରେ ରାଜଧାନୀର ରାଜରାସ୍ତାରେ ଲୋକମାନେ ଚାଲିଲେ, ଖେଳିଲେ ଓ ଅନନ୍ୟ ପ୍ରତିଭାର ପ୍ରଦର୍ଶନ କଲେ। ଓଲିଉଡ଼ କଳାକାର ଦୀପ୍ତିରେଖା ଓ ଜୟଶ୍ରୀ ଧଳଙ୍କ ମତୁଆଲା ସଙ୍ଗୀତର ତାଳେ ତାଳେ ଝୁମିଲେ ଦର୍ଶକ। ଓଡ଼ିଶୀ, ଲୋକନୃତ୍ୟ କଣ୍ଢେଇ ନାଚ ଭଳି ବିଭିନ୍ନ ପାରମ୍ପରିକ ନୃତ୍ୟ ସହ ଆଧୁନିକ ନୃତ୍ୟ ବିମୋହିତ କରିଥିଲା ଦେଖଣାହାରୀଙ୍କୁ। ସ୍କେଟିଂ, ଯୁମ୍ବା, ଯୋଗ ଓ ପେଣ୍ଟିଂ ଭଳି ମନୋରଞ୍ଜନ ପାୱାର ପ୍ୟାକକୁ ନେଇ ଧୁମ୍ ମଚାଇଛନ୍ତି ରାଜଧାନୀବାସୀ। ଏଥର ଦୁଇ ଦୁଇଟି ଷ୍ଟେଜରେ ଭୁବନେଶ୍ୱର ଗଟ୍ ଟ୍ୟାଲେଣ୍ଟରେ ପ୍ରତିଭା ପ୍ରଦର୍ଶନ କରିଛନ୍ତି ଭୁବନେଶ୍ୱରବାସୀ । ଡିଜେର ତାଳେ ତାଳେ ଧୁମ୍ ମଜା ନେଇଛନ୍ତି ଯୁବବର୍ଗ । ଜାଗମରା ନୂଆ ଏୟାର ପୋର୍ଟ ରୋଡ଼କୁ ରଙ୍ଗୋଲିରେ ସଜାଯାଇଥିଲା । ଏହା ବ୍ୟତିତ ଯୋଗ, ସ୍କେଟିଂ, ବିଭିନ୍ନ ପ୍ରକାର ଗେମ୍ସ, ଷ୍ଟ୍ରିଟ୍ ପ୍ଲେ, ପାରମ୍ପରିକ ନୃତ୍ୟରେ ଦୁଲୁକିର ରାଜଧାନୀର ରାଜରାସ୍ତା । ଗଞ୍ଜାମରୁ ଆସିଥିବା କଣ୍ଢେଇ ନାଚ ଲୋକଙ୍କ ମନ ଜିଣିଥିଲା। ପାରମ୍ପରିକ ଢଙ୍ଗରେ ସଜେଇ ହୋଇ ସଡକ ସୁରକ୍ଷା ସହ ଜଙ୍ଗଲ ସୁରକ୍ଷା ଭଳି ଅନେକ ସଚେତନତା ବାର୍ତ୍ତା ଦେଉଥିଲେ କଣ୍ଢେଇ ମାନେ। ହିନ୍ଦି ଓ ଓଡ଼ିଆ ଗୀତର ତାଳେ ତାଳେ କଣ୍ଢେଇଙ୍କ ନୃତ୍ୟ ସହରିଆଙ୍କ ହୃଦୟକୁ ଛୁଇଁଥିଲା, ଏହି ନୃତ୍ୟ ଦେଖିବାକୁ ଲୋକଙ୍କ ଭିଡ଼ ଜମିଥିଲା। ଅନ୍ୟପଟେ ଏହି ଉତ୍ସବରେ ଯୋଗ ଦେଇ ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ କହିଛନ୍ତି, 'ସକାଳୁ ସକାଳୁ ଜାଗମରାକୁ ଭୁବନେଶ୍ୱରର କୋଣ ଅନୁକୋଣରୁ ଲୋକମାନେ ଆସି ଏଠି ପଥ ଉତ୍ସବ ମଜା ନେଉଛନ୍ତି। ବଡ କଥା ହେଉଛି ବିକାଶ, ଲୋକଙ୍କ ପାଇଁ ସେବା ଓ ମନୋରଞ୍ଜନ ଏହି ତିନୋଟି କଥାରେ କୌଣସି ରାଜନୀତି ନାହିଁ। ଆମେ ସମସ୍ତେ ବିକାଶ ପାଇଁ କାମ କରୁଛୁ। ମନୋରଞ୍ଜନ କଥା ଉଠିଲେ ସମସ୍ତେ ଏକ ହୋଇଯାନ୍ତି ତେଣୁ ଲୋକମାଙ୍କର ଏହି ଖୁସିକୁ ଏକ ସାକାରାମକ୍ ପରିବେଶ ସହ ତାଙ୍କ ସହ ମିଶି ମନାଉଛୁ ।' ଭୁବନେଶ୍ୱର ମେୟର ସୁଲୋଚନା ଦାସ କହିଛନ୍ତି, 'ଭୁବନେଶ୍ୱରବାସୀ ନିଜ ବ୍ୟସ୍ତ ବହୁଳ ଜୀବନରୁ ସମୟ କାଢି ସକାଳୁ ସକାଳୁ ଆସି ପଥ ଉତ୍ସବରେ ଯୋଗ ଦେଇଛନ୍ତି ଆଉ ନିଜକୁ ଫିଟ ରଖିବା ସହ ଖୁସି ମନାଉଛନ୍ତି। ଦୁଇ ଦୁଇଟି ସଂସ୍କରଣକୁ ସଫଳ କରିଥିବାରୁ ସେମାନଙ୍କୁ ହୃଦୟରୁ ଧନ୍ୟବାଦ । ସହରବାସୀଙ୍କ ଏହି ସମର୍ଥନ ହିଁ ଆମକୁ ଆଉ ଏକ ସଂସ୍କରଣ ପାଇଁ ଉତ୍ସାହିତ କରୁଛି।' ବିଏମସି କମିଶନର ଚଞ୍ଚଳ ରଣା କହିଛନ୍ତି,'ଓଡ଼ିଆ ପରମ୍ପରା ଠାରୁ ଆରମ୍ଭ କରି ଖେଳକୁଦ ଯାଏ ଓ ଭୁବନେଶ୍ୱର ପ୍ରତିଭାର ଅନେକ ପ୍ରଦର୍ଶନ ଏଠାରେ ଏକାଠି ହୋଇଥିବା ବେଳେ ସମସ୍ତେ ଭୁବନେଶ୍ୱରର ଏହି ମହୋତ୍ସବର ମଜା ନେଇଛନ୍ତି। ତେଣୁ ମନୋରଞ୍ଜନ ସହ ସହରର ସ୍ୱଚ୍ଛତା ଓ ସୁନ୍ଦରତା ପାଇଁ ମଧ୍ୟ ଆମେ ସମସ୍ତେ ଉତ୍ତର ଦାୟିତ୍ୱ ନେବା, ଗ୍ରୀନ ସିଟି ଭାବେ ଭୁବନେଶ୍ୱରକୁ ଗଢି ତୋଳିବାର ସଙ୍କଳ୍ପ ନେଇ ଗଛ ଲଗାଇବା।' ମହିଳା, ପୁରୁଷ, ଶିଶୁ ଓ କିଶୋର କିଶୋରୀଙ୍କ ମନୋରଞ୍ଜନ ପାଇଁ ଏହି ପଥ ଉତ୍ସବ ବିଏମସି ପକ୍ଷରୁ ଆୟୋଜନ କରାଯାଇଛି । ଆଜିର ମୁଖ୍ୟ ଅତିଥି ଭାବରେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ଯୋଗ ଦେଇଥିବା ବେଳେ ଏକାମ୍ର ବିଧାୟକ ବାବୁ ସିଂ, ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନାଙ୍କ ସହ ବିଏମସି ମେୟର, କମିଶନର ଓ ଅନେକ କର୍ପୋରେଟର ଯୋଗ ଦେଇଥିଲେ।

# ଖୋର୍ଦ୍ଧା-ବଲାଙ୍ଗୀର ରେଳ ପ୍ରକଳ୍ପ ପରିଦର୍ଶନ କଲେ ପୂର୍ବତଟ ରେଳ ବିଭାଗ ଜି.ଏମ



**ହରଭଙ୍ଗା, ନ୍ୟୁଜ ବ୍ୟୁରୋ**

ବଲାଙ୍ଗୀର ରେଳ ପ୍ରକଳ୍ପ ପରିଦର୍ଶନରେ ପୂର୍ବତଟ ରେଳ ବିଭାଗ ଜି.ଏମ.। ଭାୟାଡ଼କ ସହିତ ଟନେଲର ସମୀକ୍ଷା କରିଛନ୍ତି। ଖୋର୍ଦ୍ଧା-ବଲାଙ୍ଗୀର ରେଳ ପ୍ରକଳ୍ପରେ ବଲାଙ୍ଗୀର ଠାରୁ ପୁରୁଣାକଟକ ଓ ଖୋର୍ଦ୍ଧା ଠାରୁ ଦଶପଲ୍ଲା ପର୍ଯ୍ୟନ୍ତ ଦୈନିକ ରେଳ ଚଳାଚଳ କରୁଛି । ବର୍ତ୍ତମାନ ପୁରୁଣାକଟକ ରେଳ ଷ୍ଟେସନ ଠାରୁ ଦଶପଲ୍ଲା ମଧ୍ୟରେ ରେଳ ପ୍ରକଳ୍ପ କାର୍ଯ୍ୟ ଯୁଦ୍ଧକାଳୀନ ଭିତରେ ଚାଲୁ ରହିଛି । ଏନେଇ ଦିନିକିଆ ଗସ୍ତରେ ପୂର୍ବତଟ ରେଳ ଜେନେରାଲ ମ୍ୟାନେଜର ପରମେଶ୍ୱର ପଙ୍କୁଆଳ ଆସି ଉକ୍ତ କାର୍ଯ୍ୟର ସମୀକ୍ଷା କରିଛନ୍ତି। ପ୍ରଥମେ ଉକ୍ତ ପ୍ରକଳ୍ପ ଗସ୍ତରେ ହରଭଙ୍ଗା ବ୍ଲକ କରଞ୍ଜକଟା ଓ ତିଳକୂପ ନିକଟରେ ନିର୍ମାଣାଧୀନ ଚାଲୁ ରହିଥିବା ୨ଟି ଉଚ୍ଚ ସମ୍ପର୍ଣ୍ଣ ପୋଲ, ମାଟି, ୭ନଂ ଟନେଲ ସହିତ ଜିଲ୍ଲାର ଆଡ଼େନିଗଡ଼ ନିକଟରେ ହେଉଥିବା ସମସ୍ତ ଟନେଲ ପରିଦର୍ଶନ ଓ ସମୀକ୍ଷା କରିଥିଲେ । ପୂର୍ବତଟ ରେଳ ଜେନେରାଲ ମ୍ୟାନେଜର ନିଜର ପ୍ରତିକ୍ରିୟାରେ କହିଛନ୍ତି ଯେ, ଦ୍ରୁତ ଗତିରେ ଉଚ୍ଚ ସମ୍ପନ୍ନ ପୋଲ କାର୍ଯ୍ୟ ଚାଲିଛି ଓ ଟନେଲ କାର୍ଯ୍ୟଗୁଡିକ କାର୍ଯ୍ୟ ପ୍ରାୟ ସମ୍ପୂର୍ଣ୍ଣ ପର୍ଯ୍ୟାୟରେ ରହିଥିବା ବେଳେ ଖୁବ୍‌ଶୀଘ୍ର ଏହା ଦେଇ ପୂର୍ବଠୁ ପଶ୍ଚିମ ଓଡିଶାକୁ ରେଳ ଚଳାଚଳ ହେବ ।

# ଜିନ୍ଦଲ ଷ୍ଟିଲ ପକ୍ଷରୁ ତମାଖୁମୁକ୍ତ ସଚେତନତା ପକ୍ଷ ପାଳିତ



**ଯୋଡ଼ା, ନ୍ୟୁଜ ବ୍ୟୁରୋ**

ଜିନ୍ଦଲ ଷ୍ଟିଲ ପକ୍ଷରୁ ଗତ ୧ ତାରିଖରୁ ଆରମ୍ଭ ହୋଇଥିବା ତମାଖୁମୁକ୍ତ ସଚେତନତା ପକ୍ଷ ଉଦଯାପିତ ହୋଇଯାଇଛି। ଜିନ୍ଦଲ ଷ୍ଟିଲର କାଶିଆ ଓ ରୋଇଡ଼ା ମାଇନ୍ସ ପାରିପାର୍ଶ୍ୱିକ ଅଞ୍ଚଳକୁ ତମାଖୁମୁକ୍ତ କରିବା ପାଇଁ ଏହି ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅବସରରେ ଜିନ୍ଦଲ ଷ୍ଟିଲ- ବିକେଟିଆର କ୍ଲଷ୍ଟର ହେଡ୍ ପ୍ରମୋଦ କୁମାର ପାତ୍ର ଏକ ସଚେତନତା ରଥର ଶୁଭାରମ୍ଭ କରିଥିଲେ। ଏହି ସଚେତନତା ରଥ ସେରେଣ୍ଡା ଓ ଭଦ୍ରାସାହି ପଞ୍ଚାୟତ ଅଞ୍ଚଳରେ ପରିଭ୍ରମଣ କରିଥିଲା। ସିଏସଆର, ଏଚଆର ଓ ଆଡମିନ ବିଭାଗର ତତ୍ତ୍ୱାବଧାନରେ ଆୟୋଜିତ ଏହି ପକ୍ଷରେ ପାରିପାର୍ଶ୍ୱିକ ଗ୍ରାମାଞ୍ଚଳରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସଚେତନତା ପକ୍ଷର ଉଦଯାପନୀ ଦିବସରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କ୍ଲଷ୍ଟର ହେଡ୍ ଶ୍ରୀ ପାତ୍ର ଏଥିରେ ଯୋଗ ଦେଇ ତମାଖୁ ସେବନର ଭୟାବହତା ସମ୍ପର୍କରେ କହିଥିଲେ। ତମାଖୁ ଜୀବନ ନେବା ସହ ପରିବାର ଉଜାଡୁଛି, ତେଣୁ ଏହାକୁ ବର୍ଜନ କରିବା ପାଇଁ ସେ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ତମାଖୁ ନୁହେଁ ଜୀବନ ବାଛିବାକୁ ସେ ସମସ୍ତଙ୍କୁ ବୁଝାଇଥିଲେ। ଉଦଯାପନୀ କାର୍ଯ୍ୟକ୍ରମରେ ବରିଷ୍ଠ ଅଧିକାରୀଙ୍କ ସମେତ ଶତାଧିକ କର୍ମଚାରୀ ଯୋଗଦେଇଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ବିଶ୍ୱ ପ୍ରସିଦ୍ଧ ସଙ୍ଗମରେ...

ଲଗାତାର ସିସିଟିଭି ମାଧ୍ୟମରେ ନଜର ରଖିଛନ୍ତି। ମୌନୀ ଅମାବାସ୍ୟା ପର୍ବ ଅବସରରେ ପତିତପାବନୀ ମା ଗଙ୍ଗା, ଯମୁନା ଓ ଅନ୍ତଃସଳିଳା ସରସ୍ୱତୀଙ୍କ ପବିତ୍ର ସଙ୍ଗମରେ ବ୍ରହ୍ମ ମୁହୂର୍ତ୍ତରୁ ଭକ୍ତମାନେ ମୌନ ବ୍ରତ ପାଳନ ସହ ସ୍ନାନ କରି ପୂଜା-ଅର୍ଚ୍ଚନା ମାଧ୍ୟମରେ ପୁଣ୍ୟ ଲାଭ କରୁଛନ୍ତି। ଭକ୍ତମାନଙ୍କ ଭିଡ଼କୁ ସଙ୍ଗମର ସମସ୍ତ ଘାଟରୁ ସ୍ନାନ ପରେ ସ୍ଥାନାନ୍ତର କରିବା ପାଇଁ ଯବାନ ଓ ପୁଲିସ ବିଭାଗର ଅଧିକାରୀମାନେ ମାଇକ୍ ମାଧ୍ୟମରେ ଲଗାତାର ଅନୁରୋଧ କରୁଛନ୍ତି। ସୁରକ୍ଷା ଦୃଷ୍ଟିକୋଣରୁ କଡା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏହି ପବିତ୍ର ଅବସରରେ ପ୍ରୟାଗରାଜ ପୁଲିସ ଆୟୁକ୍ତ ଯୋଗେନ୍ଦର କୁମାର ସିଂହ, ମଣ୍ଡଳାୟୁକ୍ତ ସୌମ୍ୟା ଅଗ୍ରୱାଲ, ଜିଲ୍ଲାଧିକାରୀ ପ୍ରୟାଗରାଜ ମନୀଷ କୁମାର ବର୍ମା, ମାଘ ମେଳା ପୁଲିସ ଅଧୀକ୍ଷକ ନୀରଜ କୁମାର ପାଣ୍ଡେୟଙ୍କ ସହ ସମସ୍ତ ପୁଲିସ ଓ ପ୍ରଶାସନିକ ଅଧିକାରୀମାନେ ସିସିଟିଭି ମାଧ୍ୟମରେ ଲଗାତାର ନଜର ରଖୁଛନ୍ତି ଏବଂ ପୁଲିସ କର୍ମଚାରୀମାନଙ୍କୁ ନିର୍ଦ୍ଦେଶ ଦେଉଛନ୍ତି।

## ବିଲ୍ଡର...

ଅନୁସାରେ, ଗୋଟିଏ ସଂସ୍ଥା ପକ୍ଷରୁ କିଛି ବନ୍ଧୁକଧାରୀ ଗୁଣ୍ଡା ଦଳ ଘଟଣାସ୍ଥଳରେ ପହଞ୍ଚି ଅନ୍ୟ ଗୋଷ୍ଠୀକୁ ଧମକ ଚମକ ଦେବା ଆରମ୍ଭ କରିଥିଲେ। ଖବର ପାଇ ବାରଙ୍ଗ ଥାନା ଆଇଆଇସି ଦେବେନ୍ଦ୍ର କୁମାର ବିଶ୍ୱାଳ ସଦଳବଳେ ସେଠାରେ ପହଞ୍ଚିଥିଲେ। ପୋଲିସକୁ ଦେଖି ଦୁର୍ବୃତ୍ତମାନେ ଭୟ କରିବା ପରିବର୍ତ୍ତେ ଆକ୍ରମଣାତ୍ମକ ରୂପ ଧାରଣ କରିଥିଲେ। ଖସି ପଳାଇବା ପାଇଁ ସେମାନେ ସିଧାସଳଖ ପୋଲିସ ଉପରକୁ ଫାଙ୍କା ଗୁଳି ଚାଳନା କରିଥିଲେ। ତଥାପି ପୋଲିସ ନିଜ ଜୀବନକୁ ବାଜି ଲଗାଇ ସେମାନଙ୍କୁ ପିଛା କରିଥିଲା। ଜଣେ ଦୁର୍ବୃତ୍ତକୁ ପୋଲିସ ମାଡ଼ିବସିଥିବା ବେଳେ ଅନ୍ୟମାନେ ଛତ୍ରଭଙ୍ଗ ଦେଇଥିଲେ। ଧରାପଡ଼ିଥିବା ଅଭିଯୁକ୍ତକୁ ପଚରାଉଚରା କରିବା ପରେ ପୋଲିସ ପାଇଥିଲା ଏକ ବଡ଼ ସୂଚନା। କଟକ ସିଡିଏ ଏବଂ ସ୍ଥାନୀୟ ଅଞ୍ଚଳର ୭ ଜଣ ଦୁର୍ବୃତ୍ତଙ୍କୁ ପୋଲିସ ଉଠାଇ ଆଣିଛି। ସବୁଠାରୁ ଚାଞ୍ଚଲ୍ୟକର ତଥ୍ୟ ହେଉଛି, ଗିରଫ ୭ ଜଣଙ୍କ ମଧ୍ୟରୁ ଜଣେ ଦୁର୍ଦ୍ଦାନ୍ତ ଡି-ବ୍ରଦର୍ସ ଗ୍ୟାଙ୍ଗର ସକ୍ରିୟ ସଦସ୍ୟ। ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ପୋଲିସ ପାଟ୍ରୋଲିଂ କଡ଼ାକଡ଼ି କରାଯାଇଛି। କଟକରେ ପୁଣି ଥରେ ଡି-ବ୍ରଦର୍ସ ଗ୍ୟାଙ୍ଗର କାୟା ବିସ୍ତାରକୁ ନେଇ ପୋଲିସ ଗୁରୁତର ସହ ତଦନ୍ତ ଆରମ୍ଭ କରିଛି। ବିଲଡର ସଂସ୍ଥାମାନେ କିଭଳି ଗ୍ୟାଙ୍ଗଷ୍ଟରଙ୍କ ସହଯୋଗ ନେଉଛନ୍ତି, ତାହାର ମଧ୍ୟ ଖୋଳତାଡ଼ କରାଯାଉଛି।

## ଆମେରିକା ବିଜୁଳିରେ...

ବିଲ୍ ଆଣୁଛନ୍ତି ଯାହା ଆଇନରେ ପରିଣତ ହେଲେ ରୁଷରୁ ତେଲ କିଣୁଥିବା ଦେଶଗୁଡ଼ିକ ଉପରେ ୫୦୦ ପ୍ରତିଶତ ଶୁଳ୍କ ଲାଗିବ। ଆମେରିକା ସହ ବାଣିଜ୍ୟ ରାଜିନାମା ସ୍ୱାକ୍ଷର କରିବା ଲାଗି ଗତବର୍ଷ ଫେବ୍ରୁୟାରୀଠାରୁ ଭାରତ ଉଦ୍ୟମ କରୁଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଭାରତର କୃଷିଜାତ ଓ ଦୁଗ୍ଧଜାତ କ୍ଷେତ୍ରରେ ପ୍ରବେଶ କରିବାକୁ ଆମେରିକା ଜିଦ ଧରିଥିବା ବେଳେ ଚାଷୀମାନଙ୍କ ସ୍ୱାର୍ଥ ସହ ସାଲିସ କରିବାକୁ ଭାରତ ସରକାର ଚାହୁଁନାହାନ୍ତି। ଏକଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ସ୍ପଷ୍ଟ କରିସାରିଛନ୍ତି। ଭାରତକୁ ନାଭାରୋ ସମାଲୋଚନା କରିବା କିଛି ନୂଆ କଥା ନୁହେଁ। ଅତୀତରେ ସେ ଅନେକ ଥର ଭାରତକୁ କଡ଼ା ଭାଷାରେ ନିନ୍ଦା କରିଛନ୍ତି। ଆମେରିକୀୟ ବ୍ୟବସାୟ ପ୍ରତି ଭାରତର ଆଭିମୁଖ୍ୟ ଭଲ ନଥିବା ସେ କହିଥିଲେ। ଭାରତକୁ ସେ 'ଶୁଳ୍କର ମହାରାଜା' ଭାବେ ଅଭିହିତ କରିଥିଲେ।

## ୨୨ରେ ମିଳିବ...

୩୯୮ ଜଣ ମହିଳାଙ୍କୁ ସାମିଲ କରାଯାଇଛି । ଯେଉଁମାନେ କି ପ୍ରଥମ ଥର ପାଇଁ ସୁଭଦ୍ରା କିସ୍ତି ପାଇବେ । ପ୍ରଥମ ଏବଂ ଦ୍ୱିତୀୟ କିସ୍ତିରୁ ବାଦ୍ ପଡ଼ିଥିବା ୨ ଲକ୍ଷ ୫୫ ହଜାର ୨୬୫ ଜଣଙ୍କୁ ଏଥର ସୁଭଦ୍ରା ଯୋଜନାରେ ସାମିଲ କରାଯାଇଛି। ସେମାନେ ଏଥର ଏକାବେଳକେ ଦୁଇଟି କିସ୍ତିର ଟଙ୍କା ପାଇବେ। ମିଳିଥିବା ସୂଚନା ଅନୁସାରେ, ଅଭିଯୋଗ ଶୁଣାଣି ପରେ ୨୪ ହଜାର ୧୮ ଜଣ ହିତାଧିକାରୀଙ୍କୁ ସୁଭଦ୍ରାରେ ସାମିଲ କରାଯାଇଥିବା ନେଇ ଉପ-ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି।

## ରାଜ୍ୟରେ ଗୋ...

ହୋଇଥିଲା । ଆଗାମୀ ଦିନରେ ଗୋ-ମାଂସ ଚାଲାଣକାରୀଙ୍କ ସମ୍ପତ୍ତି ବାଜ୍ୟାପ୍ତି କରାଯିବ ବୋଲି ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗର ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଛନ୍ତି । ବିଜେଡି ସରକାର ସମୟରେ ଗୋ-ମାଫିଆ ମାନେ ରାଜନେତା ଏବଂ ପ୍ରଶାସନିକ ଅଧିକାରୀଙ୍କ ଛତ୍ରଛାୟାରେ ସକ୍ରିୟ ଥିଲେ । କିଛି ବର୍ଷ ତଳେ ଆଠଗଡ଼ ତିଗିରିଆରେ କୁଢ଼ କୁଢ଼ ଗୋ ହାଡ଼ ଓ ମୁଣ୍ଡ ମିଳିଥିଲା । ଏଥିରୁ ସ୍ପଷ୍ଟ ଯେ ପୂର୍ବ ସରକାରରେ ଅଧିକ ଗୋ-ହତ୍ୟା ହେଉଥିଲା। ମାତ୍ର ମୋହନ ସରକାର କଡ଼ା ଆଭିମୁଖ୍ୟ ନେଇଛନ୍ତି । ଗୋ-ଚାଲାଣକାରୀ ସୁଧୁରି ଯାଆନ୍ତୁ, ନହେଲେ ଆଇନ ଅନୁଯାୟୀ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମତ୍ସ୍ୟ ଓ ପ୍ରାଣୀଧନ ସମ୍ପଦ ମନ୍ତ୍ରୀ କହିଛନ୍ତି ।

## ଦୋଷୀ ପ୍ରମାଣିତ ...

ପ୍ରମାଣ ନଷ୍ଟ କରିବାକୁ ଚେଷ୍ଟା କରେ। ପୂର୍ବତନ ସିଜେଆଇ କହିଛନ୍ତି ଯେ ଯେଉଁଠାରେ ଜାତୀୟ ସୁରକ୍ଷା ଜଡିତ, କୋର୍ଟକୁ ମାମଲାର ପୁଙ୍ଖାନୁପୁଙ୍ଖ ତଦନ୍ତ କରିବା ଉଚିତ। ନଚେତ୍, ଲୋକମାନେ ବର୍ଷ ବର୍ଷ ଧରି ଜେଲରେ ରହିବେ। ଜିଲ୍ଲା ଏବଂ ସେସନ୍ସ କୋର୍ଟ ଦ୍ୱାରା ଜାମିନ୍ ପ୍ରତ୍ୟାଖ୍ୟାନକୁ ସେ ଚିନ୍ତାର କାରଣ ବୋଲି କହିଛନ୍ତି। ଏହି କାରଣରୁ ମାମଲା ସୁପ୍ରିମକୋର୍ଟରେ ପହଞ୍ଚିଥାଏ। ପୂର୍ବତନ ମୁଖ୍ୟ ବିଚାରପତି କହିଛନ୍ତି, ମାମଲା ସମାଧାନରେ ବିଳମ୍ବ ଭାରତୀୟ ଫୌଜଦାରୀ ନ୍ୟାୟ ବ୍ୟବସ୍ଥାରେ ଏକ ପ୍ରମୁଖ ସମସ୍ୟା। ଯଦି ନ୍ୟାୟିକ ପ୍ରକ୍ରିୟା ବିଳମ୍ବ ହୁଏ, ତେବେ ଅଭିଯୁକ୍ତଙ୍କୁ ଜାମିନ ମିଳିବା ଉଚିତ। ସେ ତାଙ୍କ କାର୍ଯ୍ୟକାଳ ମଧ୍ୟରେ ଅନେକ ଗୁରୁତ୍ୱପୂର୍ଣ୍ଣ ରାୟ ଉଲ୍ଲେଖ କରିଥିଲେ, ଯେପରିକି ସଶସ୍ତ୍ର ବାହିନୀରେ ମହିଳାମାନଙ୍କୁ ସ୍ଥାୟୀ କମିଶନ ପ୍ରଦାନ କରିବା, ସମଲିଙ୍ଗୀତାକୁ ଅପରାଧମୁକ୍ତ କରିବା ଏବଂ ନିର୍ବାଚନୀ ବଣ୍ଡ ଯୋଜନାକୁ ପ୍ରତ୍ୟାହାର କରିବା। ଜଷ୍ଟିସ୍ ଚନ୍ଦ୍ରଚୂଡ଼ ପରାମର୍ଶ ଦେଇଛନ୍ତି ଯେ, ସ୍ୱଚ୍ଛତା ବୃଦ୍ଧି କରିବା ଏବଂ ନ୍ୟାୟପାଳିକା ପ୍ରତି ଜନସାଧାରଣଙ୍କ ବିଶ୍ୱାସକୁ ମଜବୁତ କରିବା ପାଇଁ ସିଭିଲ ସୋସାଇଟିର ପ୍ରତିଷ୍ଠିତ ବ୍ୟକ୍ତିମାନଙ୍କୁ ହାଇକୋର୍ଟ ଏବଂ ସୁପ୍ରିମକୋର୍ଟରେ ବିଚାରପତି ନିଯୁକ୍ତିରେ ସାମିଲ କରାଯିବା ଉଚିତ। ସେ କହିଥିଲେ ଯେ ବୈବାହିକ ଦୁଷ୍କର୍ମ ଏପର୍ଯ୍ୟନ୍ତ ଅପରାଧ ହୋଇନାହିଁ, ଯାହାକୁ ସୁଧାରିବା ଆବଶ୍ୟକ। ଏହା ଛଡା ସେ କହିଛନ୍ତି ତାଙ୍କ କାର୍ଯ୍ୟକାଳ ମଧ୍ୟରେ ସୁପ୍ରିମକୋର୍ଟର କାର୍ଯ୍ୟର ସିଧା ପ୍ରସାରଣ ଆରମ୍ଭ କରିଥିଲେ, ଯାହା କେବଳ ହିନ୍ଦୀରେ ନୁହେଁ ବରଂ ସମ୍ବିଧାନର ଅଷ୍ଟମ ଅନୁସୂଚୀରେ ତାଲିକାଭୁକ୍ତ ସମସ୍ତ ଭାରତୀୟ ଭାଷାରେ ଉପଲବ୍ଧ। ପୂର୍ବତନ ମୁଖ୍ୟ ବିଚାରପତି କହିଛନ୍ତି, ସେ ତାଙ୍କର ବ୍ୟକ୍ତିଗତ ଜୀବନକୁ ଉପଭୋଗ କରୁଛନ୍ତି ଏବଂ କୌଣସି ପଦବୀ ଗ୍ରହଣ କରନ୍ତି ନାହିଁ।

# କଟକରେ ବାଣ ତିଆରି ବେଳେ ଭୟଙ୍କର ବିସ୍ଫୋରଣ: ଜଣଙ୍କର ମୃତ୍ୟୁ



**କଟକ, ନ୍ୟୁଜ ବ୍ୟୁରୋ**

କଟକ ସଦର ଥାନା ଅନ୍ତର୍ଗତ ଖଲର୍ଦ୍ଦା ହାତୀଗଡ଼ ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଘଟିଛି। ରବିବାର ଦିନ ବାଣ ତିଆରି ବେଳେ ହଠାତ୍ ବିସ୍ଫୋରଣ ଘଟି ଜଣେ ବ୍ୟକ୍ତିଙ୍କର ପ୍ରାଣହାନି ଘଟିଥିବା ବେଳେ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳିଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ହାତୀଗଡ଼ ନିବାସୀ ବଇନ ସାମଲଙ୍କ ବାସଭବନରେ ବାଣ ତିଆରି ଚାଲିଥିବା ବେଳେ ଏହି ଭୟଙ୍କର ବିସ୍ଫୋରଣ ଘଟିଥିଲା। ବିସ୍ଫୋରଣର ତୀବ୍ରତା ଏତେ ଅଧିକ ଥିଲା ଯେ ଘରର ଆଜବେଷ୍ଟସ୍ ଛାତ ଉଡ଼ିଯିବା ସହ କାନ୍ଥ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ଏହି ଦୁର୍ଘଟଣାରେ ସୁରେଶ ଭୋଇ ନାମକ ଜଣେ ୫୨ ବର୍ଷୀୟ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଛି। ଘଟଣା ସମୟରେ ବାଣ ତିଆରିରେ ବ୍ୟବହୃତ ବାରୁଦରେ କୌଣସି କାରଣରୁ ନିଆଁ ଲାଗିଯାଇଥିଲା, ଯାହା ଫଳରେ ଏହି ଅଘଟଣ ଘଟିଥିବା ସନ୍ଦେହ କରାଯାଉଛି। ଖବର ପାଇ ଅଗ୍ନିଶମ ବାହିନୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। କଟକ ସଦର ଥାନା ପୋଲିସ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି। ବୈକୁଣ୍ଠ ସାମଲଙ୍କ ଘରେ ବେଆଇନ ଭାବେ ବାଣ ତିଆରି ଚାଲିଥିଲା କି ନାହିଁ ଏବଂ ଏଥିପାଇଁ କୌଣସି ଅନୁମତି ଥିଲା କି ନାହିଁ, ସେ ନେଇ ପୋଲିସ ଅଧିକ ଖୋଳତାଡ଼ କରୁଛି।

# ବୋମା ଖାଇ ହାତୀ ମୃତ୍ୟୁ ଘଟଣା

## ଚେତିଲା ବନ ବିଭାଗ : ପୁଲିସ, ବୋମା ସ୍କ୍ୱାଡ୍‌ର ନିଆଯିବ ସହାୟତା

**ଅନୁଗୁଳ, ନ୍ୟୁଜ ବ୍ୟୁରୋ**

ଅନୁଗୁଳରେ ବୋମା ଖାଇ ହାତୀ ମରିବା ଘଟଣାରେ ବନ ବିଭାଗ କାର୍ଯ୍ୟଦକ୍ଷତା ପ୍ରତି ପ୍ରଶ୍ନ ଉଠିଛି। କେଉଁ ପରିସ୍ଥିତିରେ ଏହି ଘଟଣା ଘଟିଲା ତାର ଉଚ୍ଚସ୍ତରୀୟ ତଦନ୍ତ ଦାବି ହୋଇଥିଲା। ଏବେ ବନ ବିଭାଗର ଚେତା ପଶିଛି। ଶିକାରୀଙ୍କୁ ସାବାଡ୍ ଓ ବନ୍ୟଜନ୍ତୁଙ୍କୁ ସୁରକ୍ଷା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଥିବା ଆଜି ଅନୁଗୁଳ ଡିଏଫ୍‌ଓ ନୀତୀଶ କୁମାର ଏକ ସମ୍ବାଦିକ ସମ୍ମିଳନୀରେ କହିଛନ୍ତି। ସୂଚନା ମୁତାବକ, ବନ୍ତଲା ବନାଞ୍ଚଳ ବାଲୁଅକଟା ଗାଁରେ ଗତ ଗୁରୁବାର ଏକ ୫ ବର୍ଷର ହାତୀର ପାଟିରେ ବୋମା ଫୁଟି ଯାଇଥିଲା। ଯନ୍ତ୍ରଣାରେ ଛଟପଟ ହୋଇ ହାତୀଟିର ମୃତ୍ୟୁ ପରେ ବନ ବିଭାଗ ଆକ୍ସନ୍ ମୁଡ୍‌କୁ ଆସିଛି। ୨ ଦିନରେ ୩ଟି ବନ୍ଧୁକ ଜବତ ହୋଇଛି। ଶିକାରରେ ବ୍ୟବହୃତ ସାମଗ୍ରୀ ଜବତ ହୋଇଛି। ଗତକାଲି ଜରପଡ଼ା ବନାଞ୍ଚଳର ଦୁର୍ଗାପୁର ଗାଁରୁ ୨ଟି ବନ୍ଧୁକ ଜବତ ସହ ଜଣଙ୍କୁ ଗିରଫ କରାଯାଇଥିଲା। ଶନିବାର କଣିହାଁ ବନାଞ୍ଚଳ ବଳରାମପୁର ଗାଁ ଖେଳପଡ଼ିଆ ନିକଟରୁ ଏକ ଦେଶୀବନ୍ଧୁକ ଜବତ ହୋଇଛି। ଆଗକୁ ବନ ବିଭାଗର ମାରାଥନ୍ ରେଡ୍ ଚାଲିବ। ବନ୍ୟଜନ୍ତୁ ଶିକାର ରୋକିବାକୁ ପୁଲିସ ଓ ବୋମା ସ୍କ୍ୱାଡ୍‌ର ସହାୟତା ନିଆଯିବ। ସେହିପରି ଲାଇସେନ୍ସପ୍ରାପ୍ତ ବିସ୍ଫୋରକ ଦୋକାନର ଯାଞ୍ଚ କଡ଼ାକଡ଼ି ହେବ। ବନ୍ୟଜନ୍ତୁ ଶିକାର ରୋକିବାକୁ ବନ ବିଭାଗ ସଚେତନ କରୁଥିବା ଜଣାପଡ଼ିଛି। ବନ୍ୟପ୍ରାଣୀ ଶିକାର ବେଆଇନ, ବନ୍ୟଜନ୍ତୁଙ୍କୁ ଫାଶରେ ପକାଇବା, ବିଷ ଦେବା, ବନ୍ଧୁକ, ବିସ୍ଫୋଟକ ଇତ୍ୟାଦି ବ୍ୟବହାର କଲେ ୭ ବର୍ଷ ପର୍ଯ୍ୟନ୍ତ ଜେଲ୍‌ଦଣ୍ଡର ବ୍ୟବସ୍ଥା ଥିବା ଲୋକଙ୍କୁ ବିଭାଗ ଜଣାଉଛି। ଅନ୍ୟପକ୍ଷରେ ଏକ ଫୋନ୍ ନମ୍ବର ମଧ୍ୟ ଜାରି କରାଯାଇଛି। ବନ୍ୟଜନ୍ତୁ ଶିକାର ସମ୍ପର୍କରେ ଖବର ଦେଲେ ନାମ ଗୋପନ ସହ ୧ ହଜାରରୁ ୩୦ ହଜାର ପର୍ଯ୍ୟନ୍ତ ପୁରସ୍କାର ଦିଆଯିବ ବୋଲି ସାମ୍ବାଦିକ ସମ୍ମିଳନୀରେ ଡିଏଫ୍‌ଓ କହିଛନ୍ତି। 'ସବୁଜ ଅନୁଗୁଳ' ମୋବାଇଲ୍ ଆପ୍ ବ୍ୟବହାର ଉପରେ ଗୁରୁତ୍ୱ ଦିଆଯାଇଛି। ଏହି ଆପ୍‌ରେ ଫଟୋ, ଭିଡିଓ ପଠାଇବା ସହିତ ଅଭିଯୋଗ ଓ ନିଜର ମତାମତ ଦେଇପାରିବେ।

# ଯଦି କଂଗ୍ରେସ ପାଇଁ କାର୍ଯ୍ୟ କରିବା ନାହିଁ ତେବେ ତାହା ନିଜ ପ୍ରତି ବିଶ୍ୱାସଘାତକତା ହେବ : ଭକ୍ତ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ପଶ୍ଚିମ ଓଡ଼ିଶା ଗସ୍ତର ଦ୍ୱିତୀୟ ଦିବସରେ ରାଉରକେଲା ଠାରେ ଏକ କର୍ମୀ ଏବଂ ସାଧାରଣ ଜନତା ସଭାରେ ସମ୍ବୋଧିତ କରି କହିଲେ, ମୋର ଇଚ୍ଛା ଥିଲା ରାଉରକେଲା ଆସି କଂଗ୍ରେସର ନୂତନ ରୂପରେଖ ତିଆରି କରି ସଶକ୍ତ କରିବା। ରାଉରକେଲାରେ ସାମାଜିକ ନ୍ୟାୟ ପ୍ରତିଷ୍ଠା ହେବ। ନିଜ ଦଳ କଂଗ୍ରେସ କର୍ମକର୍ତ୍ତା ଗଣ ନିଜ ଦଳ ପାଇଁ ନ୍ୟାୟ ଦେଇ ପାରିଲେ ରାଉରକେଲାବାସୀଙ୍କ ପାଇଁ ନ୍ୟାୟ ଦେଇପାରିବେ। ଆପଣମାନେ ମନରେଗାର ଦୁରବସ୍ଥା ଓ ନାରୀ ନିର୍ଯାତନା ବୃଦ୍ଧି ବିଷୟରେ ଜାଣିଛନ୍ତି । ବର୍ତ୍ତମାନ ସରକାର ଅତିରିକ୍ତ ଜମାରାଶି ନାମରେ ଲୁଟ କରୁଛନ୍ତି । ନିର୍ବାଚନ ପୂର୍ବରୁ ବିଜେପି ୩୦୦ ୟୁନିଟ ବିଜୁଳି ମାଗଣା ଘୋଷଣା କରିଥିଲେ । କିନ୍ତୁ ବର୍ତ୍ତମାନ ସରକାର ଅତିରିକ୍ତ ଜମାରାଶିର ପ୍ରସ୍ତାବ ଦେଇଛନ୍ତି। ଶିଳ୍ପ ସଂସ୍ଥାକୁ ଅତି କମ ମୂଲ୍ୟରେ ବିଜୁଳି ଯୋଗାଉଥିବା ବେଳେ କୃଷକଙ୍କୁ ମାଗଣା ବିଜୁଳି ଦିଆଯାଉ ନାହିଁ । ଅନ୍ୟ ରାଜ୍ୟରେ କୃଷକଙ୍କୁ ସଂପୂର୍ଣ୍ଣ ବିଜୁଳି ଛାଡ଼ ଅଛି ତେଣୁ ସେଠାରେ ଉତ୍ପାଦନ ହାର ଆମ ରାଜ୍ୟ ତୁଳନାରେ ଢ଼େର ଅଧିକ । ଆଜି ମନରେଗା ଯୋଜନାରୁ ମହାତ୍ମା ଗାନ୍ଧୀଙ୍କ ନାମ ହଟାଇ ଦେଇଛନ୍ତି । ୧୦୦ ଦିନର ନିଶ୍ଚିତ କାମ ଅଧିକାରକୁ ଲୁପ୍ତ କରିଛନ୍ତି। ମହାତ୍ମା ଗାନ୍ଧୀ ନଥିଲେ କ'ଣ ଏ ଦେଶ ସ୍ୱାଧୀନ ହୋଇଥାନ୍ତା? ଆଜି ବିଜେପି ଯେଉଁ ମନମର୍ଜି ଶାସନ କରୁଛି କରିପାରିଥାନ୍ତେ କି? ଗୋଟିଏ ପଟରେ ସ୍ୱଚ୍ଛ ଭାରତ ଅଭିଯାନରେ ମହାତ୍ମା ଗାନ୍ଧୀଙ୍କ ଚଷମା ବ୍ୟବହାର କରୁଛନ୍ତି ଅନ୍ୟ ପଟରେ ନାମ ହଟାଇ ଦେଉଛନ୍ତି। ଗୋଟିଏ ପଟେ ଭୀମରାଓ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରୁଛନ୍ତି ଅନ୍ୟପଟେ ସମ୍ବିଧାନ ପରିବର୍ତ୍ତନ କରୁଛନ୍ତି । ଏମାନଙ୍କ ଦୋମୁହାଁ ଚରିତ୍ର ଆପଣ ଜାଣନ୍ତୁ । ମହାରାଷ୍ଟ୍ର ପଂଚାୟତ ନିର୍ବାଚନରେ ଇଭିଏମ ମେସିନ ବଦଳରେ ଅନ୍ୟ ମେସିନ ସ୍ଥାପନ କଲେ କାହାକୁ କିଛି ଜଣାଇଲେ ନାହିଁ । ଫଳରେ ୪୦ରୁ ୪୨ ଭାଗ ମତଦାତା ଭୋଟ ଦେଇ ପାରିଲେ ନାହିଁ। ଏଭଳି ଭାବରେ ଭୋଟ ଚୋରିକରି ଗଣତନ୍ତ୍ରର ହତ୍ୟା କରୁଛନ୍ତି। ଏମାନେ ସାଧାରଣ କୃଷକ, ଶ୍ରମିକ ଏବଂ ଦଳିତ ଆଦିବାସୀଙ୍କୁ କଣ ନ୍ୟାୟ ଦେବେ। ବିଜେପି ଶାସନରେ ରାଜ୍ୟରେ ଦୁଇ ହଜାର ଦୁଷ୍କର୍ମ ଓ ଗଣଦୁଷ୍କର୍ମ ଘଟିଲାଣି। ଏମାନଙ୍କ ସୁରକ୍ଷା ପାଇଁ କଂଗ୍ରେସ ବାରମ୍ବାର ଦାବି କରି ଆସୁଛି କିନ୍ତୁ ସରକାର କର୍ଣ୍ଣପାତ କରୁନାହାନ୍ତି । ଯଦି ଜନସଂଖ୍ୟାର ୫୦ ପ୍ରତିଶତ ଜନତାଙ୍କ ସୁରକ୍ଷା ସମସ୍ୟା ନୁହେଁ ତ ଆଉ କ'ଣ ହୋଇପାରେ।

# ବିଧାୟକ ଅରବିନ୍ଦଙ୍କ ନିଲମ୍ବନ କାରଣ ଖୋଲିଲା ବିଜେଡି



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ନିଲମ୍ବିତ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ରଙ୍କ ବିରୋଧରେ ବିଜେଡ଼ି ପ୍ରତ୍ୟେକ ଦିନ ନୂଆ ନୂଆ ଅଭିଯୋଗ ଆଣିବାରେ ଲାଗିଛି । ଦଳବିରୋଧୀ କାର୍ଯ୍ୟ ପରେ ଏବେ କେନ୍ଦ୍ରାପଡା ସାଂସଦ ପ୍ରାର୍ଥୀଙ୍କୁ ହରେଇବା ପାଇଁ ଅରବିନ୍ଦ ଷଡଯନ୍ତ୍ର କରିଥିବା ଅଭିଯୋଗ ଆଣିଛି ବିଜେଡି। ୨୨ ମାସ ଧରି ତାଙ୍କ ଉପରେ ନଜର ରଖା ଯାଇଥିଲା । ଏହି ରିପୋର୍ଟ ଆଧାରରେ ତାଙ୍କୁ ନିଲମ୍ବିତ କରାଯାଇଛି । ଏମିତି ଅଭିଯୋଗ ଆଣିଛନ୍ତି ୨୦୨୪ ସାଧାରଣ ନିର୍ବାଚନରେ ପାଟକୁରା ଆସନରୁ ଟିକେଟ ପାଇବାରୁ ବଞ୍ଚିତ ହୋଇଥିବା ବିଜେଡି ନେତା ଅମରେଶ ପତ୍ରୀ ।
ବିଜେଡି ବିଧାୟକ ଅରବିନ୍ଦ ମହାପାତ୍ରଙ୍କ ନିଲମ୍ବନ ନେଇ ରବିବାର ବିଧିବଦ୍ଧ ଭାବେ ସାମ୍ବାଦିକ ସମ୍ମିଳନୀ କରିଛି ବିଜେଡି । ବିଜେଡିର ଯୁବନେତା ଅମରେଶ ପତ୍ରୀ କହିଛନ୍ତି, 'ବିଜେଡି ସଭାପତି ଯେତେବେଳେ ଯାହା ପଦକ୍ଷେପ ନେଇଛନ୍ତି, ତାକୁ ଦଳର ନେତୃବୃନ୍ଦ ଗ୍ରହଣ କରିଛନ୍ତି । ଆଜି ମଧ୍ୟ ଦୁଇ ବିଧାୟକଙ୍କ ବିରୋଧରେ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନକୁ ଗ୍ରହଣ କରିଛନ୍ତି। ବିନା ତଥ୍ୟ ଓ ପ୍ରମାଣରେ ସଭାପତି କୌଣସି କାର୍ଯ୍ୟାନୁଷ୍ଠାନ ନିଅନ୍ତି ନାହିଁ। ବିନା କୌଣସି କାରଣ ଓ ପ୍ରମାଣରେ ଦୁଇ ବିଧାୟକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇନଥିବା ଦଳର ନେତା ଓ କର୍ମୀ ଅନୁଭବ କରୁଛନ୍ତି । ପାଟକୁରା ବିଧାୟକ କେବଳ ଦଳ ବିରୋଧୀ କାର୍ଯ୍ୟ କରିନାହାନ୍ତି । ବିଧାୟକ ଅରବିନ୍ଦ ମହାପାତ୍ର ପାଟକୁରାବାସୀଙ୍କ ସହିତ ମଧ୍ୟ ବିଶ୍ୱାସଘାତକତା କରିଛନ୍ତି ।' ଅମରେଶ ଆହୁରି ମଧ୍ୟ କହିଛନ୍ତି, 'ବିଜୁ ବାବୁଙ୍କ ସହ ଅରବିନ୍ଦଙ୍କ ବାପା ବିଜୟ ମହାପାତ୍ର ଯାହା କରିଥିଲେ ତାହା ପରେ ମଧ୍ୟ ନବୀନ ବାବୁ ଅରବିନ୍ଦଙ୍କୁ ଟିକେଟ ଦେଇଥିଲେ। ବିଜେଡି ଟିକେଟରେ ସେ ବିଧାୟକ ହୋଇଛନ୍ତି । ବିଧାୟକ ହେବା ପରେ ବିଜେଡି ନେତା ଓ କର୍ମୀଙ୍କୁ ସେ ଅଣଦେଖା କରିଥିଲେ । ଦଳର ପଞ୍ଚାୟତ ନେତୃତ୍ୱଙ୍କୁ କାଢି ଦେଇ ସେ ନିଜ ଲୋକଙ୍କୁ ଦାୟିତ୍ୱ ଦେଲେ। ତାଙ୍କ ଲୋକ ବିଧାୟକ ପାଣ୍ଠି ବ୍ୟବହାର କରୁଛନ୍ତି । ଯେବେଠୁ ଟିକେଟ ପାଇଲେ, ସେବେଠୁ ତାଙ୍କର ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି। ଯେଉଁଭଳି ବୃକ୍ଷ, ସେହିଭଳି ଫଳ' ବୋଲି ସେ ତାଙ୍କୁ ଆକ୍ଷେପ କରି କହିଛନ୍ତି। ସେ କହିଛନ୍ତି, 'ଟିକେଟ ପାଇବା ପରେ ସେ ସାଂସଦ ପ୍ରାର୍ଥୀଙ୍କୁ ହରେଇବା କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ । ତେଣୁ ପାଟକୁରାରେ ବିଜେଡିର ସାଂସଦ ପ୍ରାର୍ଥୀଙ୍କ ଭୋଟ କମିଥିଲା । ବିଜୁ ବାବୁଙ୍କୁ ବିଜୟ ବାବୁ ପଛ ପଟୁ ଛୁରୀ ମାରିଥିଲେ । ଆଜି ତାଙ୍କ ପୁଅ ସେ କାମ କରୁଛନ୍ତି। ବାପାଙ୍କ କଥାରେ ପୁଅ ପରିଚାଳିତ। ଷଡଯନ୍ତ୍ର ସର୍ବସାଧାରଣରେ କରାଯାଏ ନାହିଁ। ଷଡଯନ୍ତ୍ର ସୋସିଆଲ ମିଡିଆରେ ହୁଏ ନାହିଁ।' ସେ ଏହା ମଧ୍ୟ କହିଛନ୍ତି, 'ଯୁବ ପ୍ରତିଭାଙ୍କୁ ନବୀନ ପଟ୍ଟନାୟକ ଅନେକ ସମୟରେ ସୁଯୋଗ ଦେଇଛନ୍ତି । ଏହା ସହ ଦଳର ଅନେକ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ମଧ୍ୟ ରଖିଛନ୍ତି। ମୁଁ ଅନେକ ବର୍ଷ ଧରି ବିଜୁ ଜନତା ଦଳ ସହ ଅଛି । କିନ୍ତୁ ମୋତେ ପାଟକୁରା ଟିକେଟ ଦିଆନଯାଇ ଦଳ ଅରବିନ୍ଦଙ୍କ ଉପରେ ଭରସା କଲା ଦଳ । କିନ୍ତୁ ଦୁର୍ନୀତି ଓ ବିଶ୍ୱାସଘାତକ ଏହି ଦୁଇ କାରଣ ପାଇଁ ନିଲମ୍ବନ ହୋଇଛନ୍ତି ବିଧାୟକ। ବିନା ତଥ୍ୟରେ ଦଳର ସଭାପତି ନିଷ୍ପତ୍ତି ନିଅନ୍ତି ନାହିଁ । ପ୍ରମାଣ ଅଛି । ତେଣୁ ନିଷ୍ପତି ହୋଇଛି। ବାରମ୍ବାର ଅରବିନ୍ଦ ପ୍ରଶ୍ନ କରୁଛନ୍ତି ମୁଁ କଣ ପାଇଁ ନିଲମ୍ବନ ହୋଇଛି । ଦୀର୍ଘ ୨୨ ମାସ ହେଲା ଗୁଇନ୍ଦା ତଥ୍ୟ ଦେଇଥିଲା। ପାଟକୁରାରେ ଅନେକ କାର୍ଯ୍ୟକ୍ରମରେ ନାହିଁ ଦଳୀୟ ସଂକେତ ନାହିଁ କିମ୍ବା ସଭାପତିଙ୍କ ଫଟୋ ନାହିଁ।'

ଭୁବନେଶ୍ୱର
୧୯ ଜାନୁଆରୀ,
ସୋମବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27

# ବୁଧବାର ମହାପ୍ରଭୁଙ୍କ ପଦ୍ମ ବେଶ : ଅନ୍ତିମ ପର୍ଯ୍ୟାୟରେ ପ୍ରସ୍ତୁତି

**ପୁରୀ,୧୮/୦୧ ନ୍ୟୁଜ ବ୍ୟୁରୋ**

ଆସନ୍ତା ୨୧ ତାରିଖ ବୁଧବାର ମହାପ୍ରଭୁଙ୍କ ପଦ୍ମ ବେଶ। ଏଣୁ ଦୟଣାମାଳି ସେବକ ବସନ୍ତ କୁମାର ରଣା ଓ ସହଯୋଗୀ ମିଶି ଠାକୁରଙ୍କ ବେଶ ପ୍ରସ୍ତୁତ କରୁଛନ୍ତି। ଶ୍ରୀମୁଖ ପଦ୍ମ, କରପଲ୍ଲଭ, ହଂସ, ଗଛ, ଡାଳିଲତା ଆଦି ବେଶ ସାମଗ୍ରୀ ତିଆରି ଚାଲିଛି । ରତ୍ନସିଂହାସନକୁ ପଦ୍ମ ପୁଷ୍କରିଣୀ ଜ୍ଞାନ କରାଯାଇ ସେଠାରେ ପଦ୍ମ ଗଛ ସ୍ଥାନିତ ହେବା ସହ ୪ ହଂସ ଖେଳିବେ । ରତ୍ନସିଂହାସନରେ ପଦ୍ମ ବେଶରେ ଉଭା ହେବେ ଶ୍ରୀବିଗ୍ରହ । ପ୍ରସ୍ଫୁଟିତ ବିଶାଳ ପଦ୍ମର କେଶର ଭାଗରେ କଳା ଶ୍ରୀମୁଖ ଶୋଭା ପାଇବ। ଠାକୁରଙ୍କ ପଦ୍ମ ବେଶ ଦେଖି ଶ୍ରଦ୍ଧାଳୁମାନେ ଧନ୍ୟ ହେବେ । ପରମ୍ପରା କ୍ରମେ



ଦୋଳମଣ୍ଡପ ସାହିସ୍ଥିତ ବଡ଼ଛତା ମଠରୁ ଏହି ବେଶ ସାମଗ୍ରୀ ଶ୍ରୀମନ୍ଦିରକୁ ଆସିଥାଏ । ବେଶ ପ୍ରସ୍ତୁତକାରୀ ୩ଟି ଶ୍ରୀମୁଖ ପଦ୍ମ, ୮୦ ଗୋଟି ପଦ୍ମଫୁଲ, ୭ଟି ଗଛ ଓ ୪ଗୋଟି ହଂସ ତିଆରି କରୁଛନ୍ତି । ଆଗକୁ ମାଳଚୂଳ, କରପଲ୍ଲବ ଓ ପଦ୍ମକର୍ଡ଼ି ନିର୍ମାଣ କରାଯିବ । ସୋଲକୁ କାଗଜ ଭଳି କାଟି ଯୋଡ଼ି ବଡ଼ ଫର୍ଦ୍ଦ କରାଯାଇ ବିଭିନ୍ନ ଆକୃତି ପରେ ଏଥିରେ ଜରି ଜମ୍ଭୁରା ଖଞ୍ଜା ଯାଉଛି । କଳାକାରମାନେ ନିଖୁଣ ଚିତ୍ର କରି ଠାକୁରଙ୍କ ସାଜକୁ ସୌନ୍ଦର୍ଯ୍ୟପୂର୍ଣ୍ଣ କରୁଛନ୍ତି । ପ୍ରାକୃତିକ ଉପକରଣ ହିଙ୍ଗୁଳ, ହରତାଳ, ଦୀପକଳା ଓ କଇଁଥ ଅଠା ବ୍ୟବହାର କରାଯାଉଛି। ଏବେ ଠାକୁରଙ୍କ ସେବା ପୂଜା କରିବା ଭାବନାରେ କାରିଗରମାନେ ଶୁଦ୍ଧପୂତ ଭାବେ ଏହାକୁ ତିଆରି କରୁଛନ୍ତି ।

ମାଘ ମାସ ଅମାବାସ୍ୟାଠାରୁ ବସନ୍ତ ପଞ୍ଚମୀ ମଧ୍ୟରେ ଶନିବାର କିମ୍ବା ବୁଧବାର ଦିନ ଏହି ବେଶ ଅନୁଷ୍ଠିତ ହୋଇଥାଏ । କୁହାଯାଏ ସପ୍ତଦଶ ଶତାବ୍ଦୀରେ ବଡ଼ଛତା ମଠର ମହନ୍ତ ସନ୍ଥ ରଘୁବର ଦାସ ଏହି ବେଶ ପ୍ରବର୍ତ୍ତନ କରିଥିଲେ । ଏହି ଦିନ ଠାକୁରଙ୍କୁ ଖୀରି ଓ ଅମାଲୁ ଭୋଗ ଲାଗେ ବୋଲି ସୂଚନା ମିଳିଛି।

# ୨୫ରେ ମାଘ ସପ୍ତମୀ ବୁଡ : ଜଗିବେ ୩୪ ପ୍ଲାଟୁନ୍ ଫୋର୍ସ

**କୋଣାର୍କ,୧୮/୦୧ ନ୍ୟୁଜ ବ୍ୟୁରୋ**

ଆସନ୍ତା ୨୫ରେ ପବିତ୍ର ମାଘ ସପ୍ତମୀ ବୁଡ଼ । ରାଜ୍ୟ ଓ ରାଜ୍ୟ ବାହାରୁ ଲକ୍ଷାଧିକ ଶ୍ରଦ୍ଧାଳୁ ଛୁଟି ଆସିବେ ଅର୍କକ୍ଷେତ୍ର କୋଣାର୍କକୁ । ଏଥିନିମନ୍ତେ ପ୍ରଶାସନ ପକ୍ଷରୁ ସମସ୍ତ କାର୍ଯ୍ୟ ଆଗେଇ ଚାଲିଛି । ମେଳା ପଡ଼ିଆରେ ସଫେଇ, ପାଚେରି ରଙ୍ଗ, ବ୍ୟାରିକେଡ୍ ଓ ଦୁଇଟି ୱାଚ୍ ଟାୱାର ନିର୍ମାଣ ଆଦି ଚାଲିଛି । ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀରେ ୨୫ ତାରିଖ ପ୍ରତ୍ୟୁଷରୁ ଲକ୍ଷାଧିକ ଶ୍ରଦ୍ଧାଳୁ ବୁଡ଼ ପକାଇବେ ।

ନିଷ୍ପତ୍ତି ଅନୁଯାୟୀ ଜାନୁଆରୀ ୨୪ ତାରିଖ ମାଘ ଶୁକ୍ଳ ଷଷ୍ଠୀ ରାତି ୮ଟା ୧୦ରୁ ଶ୍ରୀ ତ୍ରିବେଣୀଶ୍ୱର, ଈଶାଣେଶ୍ୱର, ଦକ୍ଷିଣେଶ୍ୱର ଦେବଙ୍କ ଚଳନ୍ତି ପ୍ରତିମା ନିଜ ନିଜ ଆସ୍ଥାନରୁ ବାହାରି ବିମାନରେ ବିଜେ କରିବେ। ତିନିଠାକୁର ବର୍ଣ୍ଣାଢ଼୍ୟ ଶୋଭାଯାତ୍ରାରେ ବାହାରି ବଜାର ପରିକ୍ରମା ସହ କୋଣାର୍କ ଏନ୍ଏସି ମଣ୍ଡପରେ ପୂଜାର୍ଚ୍ଚନା ପରେ ଚନ୍ଦ୍ରଭାଗା ତୀର୍ଥ ମଣ୍ଡପରେ ପହଞ୍ଚିବେ। ପାରମ୍ପରିକ ରୀତିନୀତିରେ ଚଳନ୍ତି ପ୍ରତିମାଙ୍କ ପୂଜାହୋମ କର୍ମ ସମ୍ପାଦନ ସରିଲେ ୨୫ ତାରିଖ ସପ୍ତମୀ ତିଥିରେ ମାହେନ୍ଦ୍ର ବେଳା ୪ଟା ୪୧ ମଧ୍ୟରେ ପବିତ୍ର ତୀର୍ଥ ଜଳରେ ତିନିଠାକୁର ସ୍ନାନ କରିବେ । ଭୋର୍ ୪ଟା ୪୧ରୁ ସାଧୁସନ୍ଥ ଓ ଅପେକ୍ଷାରତ ଶ୍ରଦ୍ଧାଳୁମାନେ ସ୍ନାନ କରିବାର ସୁଯୋଗ ପାଇବେ। ଏହାକୁ ଦୃଷ୍ଟିରେ ରଖି ମେଳା ପଡ଼ିଆରେ ଅସ୍ଥାୟୀ ସ୍ୱାସ୍ଥ୍ୟ ସେବା ଶିବିର, ଅସ୍ଥାୟୀ ଶୌଚାଳୟ, ପାନୀୟ ଜଳ, ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ, ବେଳାଭୂମିରେ ଦୁଇଟି ଦମକଳ ଗାଡ଼ି ମୁତୟନ, ଶନିବାର ସାରା ରାତି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ସହିତ ଶାନ୍ତିଶୃଙ୍ଖଳା ନିମନ୍ତେ କୋଣାର୍କ ଓ ଚନ୍ଦ୍ରଭାଗାରେ ୩୪ ପ୍ଲାଟୁନ ଫୋର୍ସ ନିୟୋଜିତ ରହିବେ । ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀରୁ ୩ କିମି ଦୂରରେ ଯାତ୍ରୀବାହୀ ବସ୍ ପାର୍କିଂ ନିଷ୍ପତ୍ତି ଯୋଗୁ ଶ୍ରଦ୍ଧାଳୁଙ୍କ ପାଇଁ ସମସ୍ୟା ଆଣିବ । ପୁରୀ ପୁଲିସ ପ୍ରଶାସନ ପକ୍ଷରୁ ଜାନୁଆରୀ ୨୪ ତାରିଖ ଅପରାହ୍ଣ ୪ଟାରୁ ୨୫ ତାରିଖ ଦିନ ୧୨ଟା ପର୍ଯ୍ୟନ୍ତ ଯାନବାହନ କଟକଣା ଲାଗୁ କରାଯିବ ବୋଲି ସୂଚନା ମିଳିଛି।

## କିମ୍ସ ଡାକ୍ତରଙ୍କ ସଫଳତା

# ୧୦ ମାସ ଶିଶୁର ଶ୍ୱାସନଳୀରୁ ବାହାରିଲା ଏଲ୍ଇଡି ଉପାଦାନ




**ଭୁବନେଶ୍ୱର, ୧୮ ।୧ ନ୍ୟୁଜ ବ୍ୟୁରୋ**

ଏଲ୍ଇଡ଼ି ଧାତବ ଖେଳନାରେ ଖେଳୁଥିଲା ୧୦ ମାସର ଶିଶୁ । ଭୁଲ ବଶତଃ ଅଜାଣତରେ ନାକରେ ପଶିଯାଇଥିଲା ଏହି ଧାତବ ପଦାର୍ଥ । ଫଳରେ ଶିଶୁଟିକୁ ଶ୍ୱାସକ୍ରିୟା ନେବାରେ ଗୁରୁତର ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥିଲା । ଏପରି ଜରୁରୀକାଳୀନ ପରିସ୍ଥିତିରେ ଶିଶୁକୁ କିମ୍ସରେ ଭର୍ତ୍ତି କରାଯାଇଥିଲା । ଏଲ୍ଇଡି ଧାତବ ଖେଳଣାଟି ତୀକ୍ଷ୍ଣ ଧାରଯୁକ୍ତ ହୋଇଥିବାରୁ ଆଭ୍ୟନ୍ତରିଣ ଆଘାତଜନିତ କ୍ଷତର ବିପଦ ସୃଷ୍ଟି କରିଥିଲା । କିମ୍ସରେ ପହଞ୍ଚିବା ପରେ ଡାକ୍ତରମାନେ ଶିଶୁଟିର ଜୀବନ ପ୍ରତି ବିପଦ ଥିବା ଆଶଙ୍କା କରି ତୁରନ୍ତ ଚିକିତ୍ସା ଆରମ୍ଭ କରିଥିଲେ। କିମ୍ସର ବିଶିଷ୍ଟ ପଲମୋନୋଲୋଜିଷ୍ଟ ଡା. ଦେବାଶିଷ ବେହେରା ଉନ୍ନତ ବ୍ରୋଙ୍କୋସ୍କୋପି ପ୍ରକ୍ରିୟା ବ୍ୟବହାର କରି ସଫଳତାର ସହ ଶିଶୁର ଶ୍ୱାସନଳୀରୁ ଧାତବ ଏଲ୍ଇଡି ପଦାର୍ଥକୁ ବାହାର କରିବାରେ ସଫଳ ହୋଇଥିଲେ । ଏଥିରେ ତାଙ୍କୁ ସହଯୋଗ କରିଥିଲେ ଡା. ଅମିତ ପ୍ରଧାନ ଓ ତାଙ୍କ ଆନାସ୍ଥେସିଆ ଦଳ। କିମ୍ସର ଇଣ୍ଟେନ୍ସିଭିଷ୍ଟ ଡା ବନ୍ଧ୍ୟା ସାହୁ, ଡା ରେଶମି ମିଶ୍ର ଓ ଡା ମୁକେଶ କୁମାର ଜୈନଙ୍କ ମିଳିତ ଉଦ୍ୟମରେ ଶିଶୁଟିର ସମ୍ପୂର୍ଣ୍ଣ ଚିକିତ୍ସା କରାଯାଇଥିଲା। ଏହା ଶିଶୁ ଚିକିତ୍ସା ଜରୁରୀକାଳୀନ ପରିସ୍ଥିତିରେ ତୁରନ୍ତ ବ୍ରୋଙ୍କୋସ୍କୋପିକ୍ ପ୍ରୟୋଗ ଓ ନିରବଚ୍ଛିନ୍ନ ସହଯୋଗର ଗୁରୁତ୍ୱକୁ ସୂଚାଇଥାଏ । ଏହି ସଫଳତାରେ କିଟ୍, କିସ୍ ଓ କିମ୍ସ ପ୍ରତିଷ୍ଠାତା ଡ.ଅଚ୍ୟୁତ ସାମନ୍ତ ସମ୍ପୃକ୍ତ ଡାକ୍ତରୀ ଦଳକୁ ଧନ୍ୟବାଦ ଦେଇଛନ୍ତି ।

## ରାଜ୍ୟ ସରକାରଙ୍କ ମୁଖପତ୍ର 'ପ୍ରଗତି ପ୍ରବାହ' ଉନ୍ମୋଚିତ

# 'ପ୍ରଗତି ପ୍ରବାହ' ରାଜ୍ୟ ବିକାଶର ଚଳନ୍ତି ପ୍ରତିଛବି : ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୧୮ ।୧ ନ୍ୟୁଜ ବ୍ୟୁରୋ**

ରାଜ୍ୟ ସରକାରଙ୍କ ମୁଖପତ୍ର 'ପ୍ରଗତି ପ୍ରବାହ' ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଉନ୍ମୋଚିତ ହୋଇଛି। ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ପ୍ରକାଶିତ ଏହି ପୁସ୍ତିକାଟିକୁ ମୁଖ୍ୟମନ୍ତ୍ରୀ ନିଜ ବାସଭବନ ତଥା ଆବାସିକ କାର୍ଯ୍ୟାଳୟ ଠାରେ ଉନ୍ମୋଚନ କରିଥିଲେ। ପ୍ରଗତି ପ୍ରବାହ, ରାଜ୍ୟ ବିକାଶର ଚଳନ୍ତି ପ୍ରତିଛବି ବୋଲି ମୁଖ୍ୟମନ୍ତ୍ରୀ ଏହି ଅବସରରେ କହିଥିଲେ। 'ପ୍ରଗତି ପ୍ରବାହ'ର ଉନ୍ମୋଚନ ସମୟରେ ଝାରସୁଗୁଡା ଜିଲ୍ଲାର ଲଖନପୁର ଗ୍ରାମର ଜଣେ ସଫଳ ଯୁବ ଚାଷୀ ହୃଦାନନ୍ଦ ବିଶି ମଧ ଉପସ୍ଥିତ ଥିଲେ। ଏହି ପୁସ୍ତିକାରେ ହୃଦାନନ୍ଦଙ୍କ ସଫଳ କାହାଣୀ ମଧ ଉଲ୍ଲେଖ ଅଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ହୃଦାନନ୍ଦ ବିଶିଙ୍କୁ ସମ୍ମାନିତ କରିବା ସହିତ ତାଙ୍କ ସଫଳତା ପାଇଁ ଶୁଭେଚ୍ଛା ପ୍ରଦାନ କରିଥିଲେ। ଏହା ସହିତ ଆଗକୁ କିଭଳି



ଆହୁରି ସରକାରଙ୍କ ହିତାକାଂକ୍ଷୀ ଯୋଜନା ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା, ପି.ଏମ କିଷାନ ଓ 'ସିଏମ- କିଷାନ' ମାଧ୍ୟମରେ ଆହୁରି ନିଜର କୃଷି କାର୍ଯ୍ୟକୁ ତ୍ୱରାନ୍ୱିତ କରିବେ ସେ ବିଷୟରେ ପରାମର୍ଶ ଦେଇଥିଲେ। 'ଆମ ସରକାର ଚାଷୀମାନଙ୍କ ଉନ୍ନତି ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରୁଛି। ଚାଷୀ ଟିଏ ଆଜି ପ୍ରଧାନମନ୍ତ୍ରୀ ମୋଦୀଙ୍କ 'ଆତ୍ମନିର୍ଭରଶୀଳ ଭାରତ'ର ଉଦ୍ଦେଶ୍ୟକୁ ପୂରଣ କରୁଛି। ଚାଷୀ ନିଜ ଫସଲ ଦ୍ୱାରା ଗୋଟିଏ ପରିବାର ନୁହେଁ ଅନେକ ପରିବାର ଚଳାଇବାର କ୍ଷମତା ରଖୁଛି, ଯାହାକି ଆମ ଦେଶର ପ୍ରକୃତ ଷ୍ଟାର୍ଟ-ଅପ ବୋଲି ମୁଖ୍ୟମନ୍ତ୍ରୀ ସଫଳ ଚାଷୀ ଶ୍ରୀ ବିଶିଙ୍କୁ କହିଥିଲେ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ବି.ଏସ୍‌ସି (ଫିଜିକ୍ସ), ଏମ୍‌ବିଏ ଏବଂ ମେକାନିକାଲ୍ ଇଞ୍ଜିନିୟରିଂ ଭଳି ଉଚ୍ଚଶିକ୍ଷା ଲାଭ କରିବା ପରେ ମଧ ବାହାରେ ଚାକିରି ନକରି ନିଜ ମାଟିରେ ସୁନା ଫଳାଇବା ନିଶାରେ ଶ୍ରୀ ବିଶି ଚାଷକୁ ଆପଣାଇଥିଲେ। ଆଧୁନିକ ଜ୍ଞାନକୌଶଳ ପଦ୍ଧତିରେ ଚାଷ କରି ସେ ଆଜି ଜଣେ 'ଲକ୍ଷପତି ଚାଷୀ' ଭାବେ ଉଭା ହୋଇଛନ୍ତି। ତାଙ୍କର ଏହି ପ୍ରେରଣାଦାୟୀ ସଫଳତା କାହାଣୀ 'ପ୍ରଗତି ପ୍ରବାହ' ପତ୍ରିକାରେ ସ୍ଥାନ ପାଇଛି।

ଆଲୋଚନା ସମୟରେ ମୁଖ୍ୟମନ୍ତ୍ରୀ ଶ୍ରୀ ବିଶିଙ୍କୁ ସରକାରୀ ସହାୟତା ଓ ସବସିଡି ମିଳୁଛି କି ନାହିଁ ସେ ସମ୍ପର୍କରେ ପଚାରି ବୁଝିଥିଲେ। ଚାଷୀଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଝାରସୁଗୁଡ଼ା ଜିଲ୍ଲାପାଳଙ୍କ ଜରିଆରେ ସମସ୍ତ ସରକାରୀ ସହାୟତା ତୁରନ୍ତ ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ବିଶେଷ କରି କୋଲ୍ଡ କୃଷି ଭିତ୍ତିଭୂମିର ବିକାଶ ପାଇଁ ଜିଲ୍ଲାପାଳ ସମସ୍ତ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ସେ ସ୍ପଷ୍ଟ କରିଥିଲେ। ଏଥିସହିତ ବିଭିନ୍ନ କୃଷି ଯୋଜନାର ସୁଯୋଗ ନେଇ ନିଜର କୃଷି କାର୍ଯ୍ୟକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେବା ସହ ଚାଷୀଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି କହିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର, ପୂର୍ବତନ ବିଧାୟକ ନାଉରି ନାଏକ, ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଅନୁଜ କୁମାର ଦାସ ପଟ୍ଟନାୟକ, ଝାରସୁଗୁଡା ସୂଚନା ଓ ଲୋକସମ୍ପର୍କ ଅଧିକାରିଣୀ କୃଷ୍ଣାକେଶୀ ବଳିଆରସିଂହଙ୍କ ସମେତ ସୂଚନା ଓ ଲୋକସମ୍ପର୍କ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

# ଏଥର ବୁଲା ବିକାଳିଙ୍କୁ ଖଣ୍ଡଗିରି ମନା : ୧୦୦ ସିସିଟିଭି ନଜରରେ ରହିବ କୁମ୍ଭମେଳା

**ଭୁବନେଶ୍ୱର, ୧୮/୦୧ ନ୍ୟୁଜ ବ୍ୟୁରୋ**

ସପ୍ତାହ ପରେ କମ୍ପିବ ଖଣ୍ଡଗିରି। ଆସନ୍ତା ୨୫ରୁ ଆରମ୍ଭ ହେବ ଐତିହାସିକ ଖଣ୍ଡଗିରି କୁମ୍ଭମେଳା। ଚୋରି ଘଟଣା ରୋକିବା ପାଇଁ ଏଥର ଖଣ୍ଡଗିରି ମେଳାକୁ ବୁଲା ବିକାଳିଙ୍କୁ ମନା। ଭିଡ଼ ସମୟରେ ଚୋରିର ଆଶଙ୍କା ରହୁଥିବାରୁ ଏହାକୁ ଦୃଷ୍ଟିରେ ରଖି ବିଏମସି ଏପରି ନିଷ୍ପତ୍ତି ନେଇଛି। ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯିବା ସହ ୯ରୁ ୧୦ ସ୍ଥାନରେ ଲାଗିବ ୧୦୦ ସିସିଟିଭି । ଦ୍ୱିତୀୟ ପ୍ରସ୍ତୁତି ସମୀକ୍ଷା ବୈଠକରେ ଏହା କହିଛନ୍ତି ଭୁବନେଶ୍ୱର ମେୟରର ସୁଲୋଚନା ଦାସ । ଆସନ୍ତା ୨୫ରୁ ଆରମ୍ଭ ହେବ ଐତିହାସିକ ଖଣ୍ଡଗିରି କୁମ୍ଭମେଳା । ଏନେଇ ଦ୍ୱିତୀୟ ପ୍ରସ୍ତୁତି ସମୀକ୍ଷା ବୈଠକ ହୋଇଥିବା ବେଳେ ୨୩ ସୁଦ୍ଧା ପ୍ରସ୍ତୁତି ଶେଷ ନେଇ ନିଷ୍ପତ୍ତି ନେଇଛି ବିଏମସି । ବିଭିନ୍ନ ଲାଇନ ଡିପାର୍ଟମେଣ୍ଟର ଅଧିକାରୀମାନେ ବସି ପ୍ରସ୍ତୁତି କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଆଲୋଚନା କରିଥିବା ବେଳେ ପ୍ରସ୍ତୁତି ଶେଷର ଡେଡ଼ ଲାଇନ ନେଇ ନିଷ୍ପତ୍ତି ହୋଇଛି । ପ୍ରସ୍ତୁତି ପୂର୍ବରୁ କାର୍ଯ୍ୟର ତଦାରଖ ପାଇଁ ମେୟର କମିଶନରଙ୍କ ସମେତ ସ୍ଥାନୀୟ ବିଧାୟକ ବାବୁ



ସିଂ ଓ କର୍ପୋରେଟରମାନେ ମେଳା ପରିସର ଯାଇ ପରିଦର୍ଶନ ସହ ବ୍ୟବସ୍ଥାର ତଦାରଖ କରିବେ ବୋଲି କହିଛନ୍ତି ଭୁବନେଶ୍ୱର ମେୟର। ଏଥର ମେଳାରେ ବୁଲା ବିକାଳି ସହ ଯାତ୍ରାରେ ଅଶ୍ଳୀଳତାକୁ ନା ଅର୍ଥାତ ସମ୍ପୂର୍ଣ୍ଣ ବାରଣ କରାଯାଇଛି। ସଂସ୍କୃତି ସମ୍ପନ୍ନ ଓ ଆଧାତ୍ମିକବାଦର ଏହି ମେଳାରେ ଅଶ୍ଳୀଳତାକୁ ନା ହୋଇଥିବା ବେଳେ ଯାତ୍ରାରେ ଯଦି ଏଭଳି କିଛି ଦୃଶ୍ୟ ଦେଖାଯାଏ ତେବେ ଏହି ଦିଗରେ କାର୍ଯ୍ୟାନୁଷ୍ଠାନ ପାଇଁ ସରକାର ପ୍ରସ୍ତୁତ ବୋଲି କହିଛନ୍ତି ଏକାମ୍ର ବିଧାୟକ ବାବୁ ସିଂ । ତେବେ ଏହି ସମୀକ୍ଷା ବୈଠକରେ ସୁରକ୍ଷା ଦୃଷ୍ଟିରୁ ଚଳିତ ବର୍ଷ ବ୍ୟାପକ ପୋଲିସ ବ୍ୟବସ୍ଥା ସହିତ ମେଳା ଅଞ୍ଚଳରେ ପୂର୍ବ ବର୍ଷ ଅପେକ୍ଷା ଅତିରିକ୍ତ ୧୦ ବା ୯୦ ସ୍ଥାନରେ ୧୦୦ଟି ସିସିଟିଭି ଲାଗିବ ବୋଲି କହିଛନ୍ତି ବିଏମସି ମେୟର । ସେହିପରି ଭିଡ ନିୟନ୍ତ୍ରଣ ପାଇଁ ବିଭିନ୍ନ ସ୍ଥାନରେ ପୋଲିସ ଓ ବିଏମସି ଏନଫୋର୍ସମେଣ୍ଟ ସ୍କ୍ୱାର୍ଡ ମୁତୟନ ରହିବେ। ଟ୍ରାଫିକ ପୋଲିସକୁ ସହାୟତା କରିବା ପାଇଁ ୧୦୦ରୁ ଉର୍ଦ୍ଧ୍ୱ ଟ୍ରାଫିକ ୱାର୍ଡେନ ବା ପୂର୍ବତନ ସେନା ଅଧିକାରୀଙ୍କୁ ମୁତୟନ କରାଯାଉଛି । ଯାନବାହାନ ପାର୍କିଂ ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଛି । ଲୋକଙ୍କ ସମାଗମକୁ ଧ୍ୟାନରେ ରଖି ବିଶେଷ କରି ସ୍ୱଚ୍ଛତାକୁ ବେଶୀ ଧ୍ୟାନ ଦିଆଯାଇଛି । ଏହାସହ ଫାୟାର, ପୋଲିସ, ବିଏମସି, ମେଡିକାଲ ଓ ପୋଲିସ କଣ୍ଟ୍ରୋଲ ରୁମ୍, ପାନୀୟ ଜଳ, ଆଲୋକ ଓ ଅନ୍ୟାନ୍ୟ ବ୍ୟବସ୍ଥା କରାଯାଇଥିବା ବେଳେ ସାଧୁମାନେ କିପରି ଅସୁବିଧା ନ ଭୋଗିବେ ସେଥିପାଇଁ ଏଥର ବିଏମସି ଅଧିକ ତତ୍ପର ଥିବା ମେୟର କହିଛନ୍ତି । ଜାନୁଆରୀ ୨୫ରୁ ଆରମ୍ଭ ହେବାକୁ ଥିବା ଏହି ଐତିହାସିକ ମେଳା ଫେବୃୟାରୀ ୭ ଯାଏଁ ଚାଲିବ । କେବଳ ମେଳା ନୁହେଁ ଲୋକଙ୍କ ମନୋରଞ୍ଜନ ପାଇଁ ପ୍ରତିବର୍ଷ ପରି ବ୍ୟବସାୟ ସହ ଯାତ୍ରାକୁ ନେଇ ମେଳା ପରିବେଶ ଚଳଚଞ୍ଚଳ ହେବାକୁ ଥିବା ବେଳେ ଚଳିତ ବର୍ଷ ୭ଟି ଯାତ୍ରା ପେଣ୍ଡାଲ ଯାତ୍ରା ପରିବେଷଣ କରିବ । ଏକାମ୍ର ବିଧାୟକ ବାବୁ ସିଂ କହିଛନ୍ତି, 'ଏହି ମେଳା ଅଧ୍ୟାମିକତା ପରିବେଶ ସହ ଲୋକଙ୍କ ଆସ୍ଥାକୁ ଓ ବିଶ୍ୱାସକୁ ବାନ୍ଧି ରଖିବ । ଯାତ୍ରା ମଧ ପରମ୍ପରା ସମ୍ପନ୍ନ ଓ ମନୋରଞ୍ଜନ ଧର୍ମୀ ହେବା ସହ ପରିବାର ସହ ମିଶି କିଭଳି ଦେଖି ହେବ ସେନେଇ ବିଶେଷ ଧ୍ୟାନ ଦିଆଯାଇଛି ।' ଏପରିକି ମେଳା ସହ ଯାତ୍ରା କିଭଳି ସୁରୁଖୁରରେ ହେବ ସେଥିପାଇଁ ସମସ୍ତ ବ୍ୟବସ୍ଥାକୁ ନେଇ ବିଏମସି ସହ ସରକାର ବି ପ୍ରସ୍ତୁତ ରହିଥିବା ବେଳେ ସାଧୁଙ୍କ ସହ ଭକ୍ତଙ୍କର କିଭଳି ଅସୁବିଧା ହେବ ନାହିଁ ତା'ର ଦାୟିତ୍ୱ ଆମେ ସମସ୍ତେ ମିଶି ନେଇଛୁ ଓ ଆଉ ତାକୁ ଅନୁପାଳନ କରିବୁ ବୋଲି କହିଛନ୍ତି ବିଧାୟକ ବାବୁ ସିଂ। ଏହି ବୈଠକରେ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ସହ ଅତିରିକ୍ତ କମିଶନର, ସିଟି ଇଞ୍ଜିନିୟର, ଡେପୁଟି କମିଶନର ପ୍ରମୁଖ ଉପସ୍ଥିତ ଥିଲେ ।

## ଅନୁସୂଚିତ ଜାତି ଜମି ବିକ୍ରି ମାମଲା

# ସରକାରଙ୍କ ଅନୁମତି ବିନା ଜମି ବିକ୍ରି କରିବା ଅବୈଧ

**କଟକ,୧୮/୦୧ ନ୍ୟୁଜ ବ୍ୟୁରୋ**

ରାଜ୍ୟ ସରକାରଙ୍କ ଅନୁମତି ବିନା ଅନୁସୂଚିତ ଜାତି (ଏସ୍‌ସି) ବର୍ଗର ଜମି ବିକ୍ରି କରିବା ଅବୈଧ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ ସ୍ପଷ୍ଟ କରିଛନ୍ତି । ରମଣୀମଣି ବେହେରାଙ୍କ ପକ୍ଷରୁ ଆଗତ ମାମଲା ଖାରଜ କରିବା ଅବସରରେ ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଆନନ୍ଦ ଚନ୍ଦ୍ର ବେହେରା ଏହି ରାୟ ଦେଇଛନ୍ତି।



ମାମଲାରୁ ଜଣାଯାଇଛି ଯେ, ମୟୂରଭଞ୍ଜ ଜିଲ୍ଲାର ରମଣୀମଣି ବେହେରା (ସାଧାରଣ ବର୍ଗ) ୧୯୬୯ ଏବଂ ୧୯୭୨ ମସିହାରେ ଭାଗବତ ବେହେରା ଓ ଶମ୍ଭୁ ବେହେରା (ଅନୁସୂଚିତ ଜାତି)ଙ୍କ ଠାରୁ କିଛି ଜମି କିଣିଥିଲେ। ଓଡ଼ିଶା ଭୂସଂସ୍କାର ଅଧିନିୟମ (ଓଏଲଆର ଆକ୍ଟ)ର ଧାରା ୨୨ ଅନୁଯାୟୀ, ଏଭଳି ବିକ୍ରି ପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କ ପୂର୍ବ ଅନୁମତି ଆବଶ୍ୟକ । କିନ୍ତୁ ଏହି ଜମି ବିକ୍ରିଖର୍ଦ୍ଦି ପୂର୍ବରୁ ଏଭଳି କୌଣସି ଅନୁମତି ନିଆଯାଇ ନଥିଲା। ଏହି ଆଧାରରେ ତାଙ୍କ ଆବେଦନକୁ ମୟୂରଭଞ୍ଜ ଜିଲ୍ଲାପାଳ ଖାରଜ କରି ଦେଇଥିଲେ । ଏହି ଆଦେଶକୁ ଚାଲେଞ୍ଜ କରି ଆବେଦନକାରିଣୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ଆବେଦନକାରିଣୀଙ୍କ ପକ୍ଷରୁ ଯୁକ୍ତିରେ କୁହାଯାଇଥିଲା କି, ସେ ଦୀର୍ଘ ୩୦ ବର୍ଷରୁ ଅଧିକ ସମୟ ଧରି ଜମିକୁ ଦଖଲ କରି ରଖିଥିବାରୁ ଏହା ଉପରେ ତାଙ୍କର ମାଲିକାନା ସତ୍ତ୍ୱ ରହିଛି । ସେ ଏହି ଜମିର ପ୍ରକୃତ ମାଲିକ । ତେଣୁ ତାଙ୍କ ନାମରେ ଏହି ଜମିକୁ କରାଯିବା ଲାଗି ଅଦାଲତ ନିର୍ଦ୍ଦେଶ ଦେବାକୁ ସେ ପ୍ରାର୍ଥନା କରିଥିଲେ । ହାଇକୋର୍ଟ କହିଛନ୍ତି ଯେ ଯଦି କୌଣସି ଜମି ହସ୍ତାନ୍ତର ଆଇନଗତ ଭାବେ ଅବୈଧ, ତେବେ ସେଠାରେ 'ପ୍ରତିକୂଳ ଦଖଲ' (ଆଡଭର୍ସ ପଜେସନ୍) ର ଦାବି ଗ୍ରହଣଯୋଗ୍ୟ ନୁହେଁ । ଏହି ଆଧାରରେ ହାଇକୋର୍ଟ ଆବେଦନକାରିଣୀଙ୍କ ପିଟିସନକୁ ଖାରଜ କରିବା ସହ ଜିଲ୍ଲାପାଳଙ୍କ ଆଦେଶକୁ କାଏମ୍ ରଖିଛନ୍ତି ।




**ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !**

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ ।

ସମ୍ପର୍କସ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

# ହୀରାକୁଦରେ ପକ୍ଷୀ ଗଣନା ଆରମ୍ଭ : ନିୟୋଜିତ ୩୮ ଟିମ୍

## ଡେବ୍ରିଗଡ଼ରେ ବଢ଼ିଲା ଗୟଳଙ୍କ ସଂଖ୍ୟା

**ସମ୍ବଲପୁର, ୧୮/୦୧ ନ୍ୟୁଜ ବ୍ୟୁରୋ**

ରାଜ୍ୟରେ ଆରମ୍ଭ ହୋଇଛି ପକ୍ଷୀ ଗଣନା। ଚିଲିକା, ହୀରାକୁଦରେ ପକ୍ଷୀ ଗଣନା ରବିବାରଠୁ ଆରମ୍ଭ ହୋଇଛି। ପ୍ରତିଦିନ ସକାଳ ୬ଟାରୁ ଆରମ୍ଭ ହୋଇଥିବା ଗଣନା ସନ୍ଧ୍ୟା ପର୍ଯ୍ୟନ୍ତ ଚାଲିବ। ପକ୍ଷୀ ଗଣନା ପାଇଁ ହୀରାକୁଦ ଜଳ ଭଣ୍ଡାରକୁ ୨୧ଟି ସେକ୍ଟରରେ ବିଭକ୍ତ କରାଯାଇଛି। ଏଥିସହ ୩୮ଟି ଟିମ୍ ଗଠନ କରାଯାଇଥିବା ବେଳେ ଏଥିରେ ୪୦ ଜଣ ବନ ବିଭାଗର ଅଧିକାରୀ, ୩୮ ଜଣ ପକ୍ଷୀ ବିଶେଷଜ୍ଞ ଓ ୧୫ ଜଣ ସ୍କୁଲ କଲେଜ ଛାତ୍ରଛାତ୍ରୀ ସାମିଲ ହୋଇଛନ୍ତି ବୋଲି ହୀରାକୁଦ ବନ୍ୟପ୍ରାଣୀ ବିଭାଗର ଡ଼ିଏଫଓ ଅଂଶୁପ୍ରଜ୍ଞା ଦାସ କହିଛନ୍ତି। ସେପଟେ ଡେବ୍ରିଗଡ଼ରେ ଗୟଳଙ୍କ ସଂଖ୍ୟା ବୃଦ୍ଧି ଘଟିଛି। ହୀରାକୁଦ ବନ୍ୟପ୍ରାଣୀ ବିଭାଗ ଡିଏଫଓଙ୍କ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ, ୨୦୨୩ରେ ୧୦୮ ପ୍ରଜାତିର



୩,୧୬,୬୭୬ ପକ୍ଷୀ ହୀରାକୁଦକୁ ଆସିଥିଲେ। ୨୦୨୪ରେ ୧୧୩ ପ୍ରଜାତିର ୩,୪୨,୩୪୫ ପକ୍ଷୀ ଆସିଥିଲେ। ୨୦୨୫ରେ ୧୨୨ ପ୍ରଜାତିରର ୩,୭୭,୭୩୨ ପକ୍ଷୀ ଆସିଥିଲେ। ଏଥିରେ ଭାରତୀୟ ପକ୍ଷୀ ସହ ରୁଷିଆ, ମଙ୍ଗୋଲିଆ, ମଧ ଏସିଆ, ୟୁରୋପ, ତିବ୍ବତର ବିଦେଶାଗତ ପକ୍ଷୀ ଅଛନ୍ତି। ଋଷିଆ, ମଧ ଏସିଆ, ମଙ୍ଗୋଲିଆ, ତିବ୍ବତ ଓ ୟୁରୋପ ଆଦି ଦେଶରୁ ପିଣ୍ଟେଲ୍, ସୋଭେଲର, ଟିଲ୍, ପୋଚାର୍ଡ୍, ବାରହେଡେଡ୍ ଗୁଜ୍, ଗଡ୍‌ୱିଟ୍, ସାଣ୍ଡପାଇପର, ସ୍ନାଇପସ୍, ବ୍ରାଉନ୍ ହେଡେଡ୍, ଗୁଲ୍, ହ୍ୱିସ୍କଡର ଟର୍ଣ୍ଣ ପରି ବିଦେଶୀ ପକ୍ଷୀ ଆସୁଥିବା ଡିଏଫଓ ଅଂଶୁପ୍ରଜ୍ଞା ଦାସ କହିଛନ୍ତି।

ହୀରାକୁଦ ବନ୍ୟପ୍ରାଣୀ ବିଭାଗର ଡିଏଫଓ ଶ୍ରୀ ଦାସ ଆହୁରି କହିଛନ୍ତି, 'ଶୀତ ଋତୁରେ ଋଷିଆ, ମଙ୍ଗୋଲିଆ, ମଧ ଏସିଆ ଆଦି ଦେଶରେ ପ୍ରବଳ ଶୀତ ଓ ବରଫପାତ ହେଉଥିବାରୁ ଏହି ପକ୍ଷୀମାନେ ହୀରାକୁଦକୁ ଆସନ୍ତି। ତେବେ ଏହି ପକ୍ଷୀଙ୍କ ସୁରକ୍ଷା ପାଇଁ ବନ ବିଭାଗ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥାଏ । ମୁଖ୍ୟତଃ ହୀରାକୁଦ ଜଳଭଣ୍ଡାର ୭୦୦ ସ୍କୋୟାରଫୁଟ ଅଞ୍ଚଳକୁ ପରିବ୍ୟାପ୍ତ ଥିବା ବେଳେ ଏହାର ୧୦୦ କିମି ଦୀର୍ଘ ସୋର ଲାଇନ ବା କୂଳ ରହିଛି । ତେଣୁ ପକ୍ଷୀଙ୍କୁ ସୁରକ୍ଷା ଦେବା ପାଇଁ ଏହି ସୋର ଲାଇନରେ ଯେମିତି ବୁଲା କୁକୁରଙ୍କ ପ୍ରାଦୁର୍ଭାବ ନରହିବ ସେଥିପାଇଁ ବନ ବିଭାଗ ପକ୍ଷରୁ ଜଗୁଆଳି ମୁତୟନ ହୋଇଥାନ୍ତି। ଏଥିରେ ବନ ବିଭାଗର କର୍ମଚାରୀ ତଥା ଆଖ ପାଖ ଗାଁର ସ୍ଥାନୀୟ ଲୋକଙ୍କୁ ନିୟୋଜିତ କରାଯାଉଛି । ଏହି ସମୟରେ ଅଧିକ ପକ୍ଷୀ ଥିବା ଅଞ୍ଚଳରେ ମତ୍ସ୍ୟଜୀବୀଙ୍କୁ ମଧ ବାରଣ କରାଯାଇଥାଏ । ମୁଖ୍ୟତଃ ଏହି ସମୟରେ ମତ୍ସ୍ୟଜୀବୀଙ୍କୁ ନାଇଲନ ଜାଲ ବ୍ୟବହାର ନକରିବାକୁ ନିର୍ଦ୍ଦେଶ ରହିଥାଏ। ଏହା ସହ ନିରନ୍ତର ବୋଟ୍ ପାଟ୍ରୋଲିଂ କରାଯାଇଥାଏ। ଅନ୍ୟପଟେ ହୀରାକୁଦ ଜଳଭଣ୍ଡାର ସଂଲଗ୍ନ ଡେବ୍ରିଗଡ଼ ଅଭୟାରଣ୍ୟରେ ବିଗତ ଏକ ବର୍ଷ ଭିତରେ ଗୟଳଙ୍କ ସଂଖ୍ୟା ମଧ ବୃଦ୍ଧି ପାଇଛି ବୋଲି ଡିଏଫଓ ସୂଚନା ଦେଇଛନ୍ତି । ବିଗତ ବର୍ଷେ ଭିତରେ ୩ ଥର ଗଣନା ହୋଇଥିବା ବେଳେ ପ୍ରାୟ ୧୮୯ଟି ଗୟଳ ଅଧିକ ଚିହ୍ନଟ ହୋଇଥିବା ଜଣାପଡିଛି । ନଭେମ୍ବର ୨୦୨୪ରେ ପ୍ରଥମେ ଗଣନା ହୋଇଥିବା ବେଳେ ୬୫୯ଟି ଗୟଳ ଥିବାର ଜଣାପଡ଼ିଥିଲା। ତେବେ ଜାନୁଆରୀ ୨୦୨୬ରେ ହୋଇଥିବା ଗଣନା ଅନୁସାରେ ୮୪୮ଟି ଗୟଳ ଥିବାର ଜଣାପଡିଛି । ମୁଖ୍ୟତଃ ଡେବ୍ରିଗଡ଼ରେ ଗୟଳଙ୍କୁ ସୁହାଉ ଥିବା ଉତ୍ତମ ପରିବେଶ ରହିଥିବା ବେଳେ ବନ ବିଭାଗ ପକ୍ଷରୁ ସେମାନଙ୍କୁ ଭଲ ସୁରକ୍ଷା ବ୍ୟବସ୍ଥା ଦିଆଯାଉଛି ଓ ତୃଣଭୂମି ସୃଷ୍ଟି କରାଯାଉଥିବାରୁ ଏଠାରେ ଗୟଳମାନଙ୍କ ବଂଶ ବୃଦ୍ଧି ହୋଇ ପାରୁଛି।